DHARITRI
51 Years
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୫/୨୦୨୫ (୧୨ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 25/2025 | Page 12 | ₹ 7.00 | BALASORE
୫୧ଶ ଭାଗ ୩୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 328 | ମୂଲ୍ୟ ₹୭/-






ଭୁବନେଶ୍ୱରସ୍ଥିତ ୟୁନିଟ-୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ବାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

# ବାତ୍ୟା: ଓଡ଼ିଶାରେ ଅଧିକ ବର୍ଷା

- **ଆଜି ଅବପାତ, ୨୬ରେ ଗଭୀର ଅବପାତ**
- **୨୬ରୁ ୨୯ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ**

ଭୁବନେଶ୍ୱର, ୨୪।୧୦
(ବନ୍ଦନା ସେଠୀ)

ବଙ୍ଗୋପସାଗରରେ ଆସୁଛି ବାତ୍ୟା। ତାହା ସୃଷ୍ଟି ହେଲେ ଏହାର ନାମ ଥାଇ ଭାଷାରେ 'ମୋନ୍ଥା' ରଖାଯିବ। ଇତିମଧ୍ୟରେ ଶୁକ୍ରବାର ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାବେଳେ ଏହା ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ୩ କି.ମି. ବେଗରେ ଗତି କରୁଛି। ଶନିବାର ସୁଦ୍ଧା ଏହା ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ପାଖାପାଖି କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅବପାତରେ ପରିଣତ ହେବ। ୨୬ ତାରିଖ ସୁଦ୍ଧା ଅବପାତଟି କ୍ରମଶଃ ଗଭୀର ଅବପାତରେ ପରିଣତ ହୋଇ ୨୭ ତାରିଖ ସକାଳେ ବାତ୍ୟାର ରୂପ ନେଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ତେବେ ବାତ୍ୟା କେଉଁଠି ସ୍ଥଳଭାଗ ଛୁଇଁବ ଏବଂ ଓଡ଼ିଶା ଉପରେ ଏହାର ପ୍ରଭାବ କ'ଣ ରହିବ ତାହା ଜଣାପଡି ନାହିଁ। ଲଘୁଚାପଟି ଅବପାତରେ ପରିଣତ ହେବା ପରେ ହିଁ ବାତ୍ୟାର ସ୍ଥିତି ଓ ପ୍ରଭାବ ସ୍ପଷ୍ଟ ହେବ। ମାତ୍ର ଓଡ଼ିଶା ଅପେକ୍ଷା ଆନ୍ଧ୍ରପ୍ରଦେଶ ଉପରେ ବାତ୍ୟାର ପ୍ରଭାବ ଅଧିକ ପଡ଼ିପାରେ। ଏହା ପ୍ରଭାବରେ ୨୭ ତାରିଖରୁ ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିବ। ବିଶେଷକରି ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା ଅଧିକ ରହିବ। ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ଦିନ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ୩୦ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଲଘୁଚାପ, ଅବପାତ ଓ ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ପ୍ରବେଶ ଉପରେ ବାରଣ କରାଯାଇଛି। ୨୬ ତାରିଖରୁ ପବନ ଆରମ୍ଭ ହେବା ସହ ଓଡ଼ିଶା ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ ୩୫-୪୫ କି.ମି.ରୁ ୫୫ କି.ମି. ବେଗରେ ପବନ ବହିବ। ସେହିପରି ୨୭ ତାରିଖରେ ୪୫-୫୫ କି.ମି.ରୁ ୬୫ କି.ମି. ଏବଂ ୨୮ ଓ ୨୯ ତାରିଖରେ ୫୦-୬୦ କି.ମିରୁ ୭୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ସ୍ଥିତି ମଧ୍ୟମ ଧରଣର ଅଶାନ୍ତ ରହିବ। ୨୭ ତାରିଖରେ ଏହା ଅଶାନ୍ତରୁ ଅତି ଅଶାନ୍ତ ଏବଂ ୨୮ରୁ ☞ପୃଷ୍ଠା-୪

## ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ, କେହି ଆତଙ୍କିତ ହୁଅନ୍ତୁ ନାହିଁ: ରାଜସ୍ୱ ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୨୪।୧୦
(ରବିନାରାୟଣ ଜେନା)

ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଗଣମାଧ୍ୟମକୁ ମନ୍ତ୍ରୀ ପୂଜାରୀ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ନେଇ ଯେଉଁ ଅନୁମାନ କରାଯାଇଛି ସେ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆକଳନ ଅନୁଯାୟୀ, ବାତ୍ୟା ଆସୁ କିମ୍ବା ନ ଆସୁ ସରକାର ସବୁବେଳେ ପ୍ରସ୍ତୁତ ରହିଛନ୍ତି। ଏନେଇ ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ ବୋଲି ସେ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ବାତ୍ୟା ସମୟରେ ଉଦ୍ଧାର କାର୍ଯ୍ୟଠାରୁ ଆରମ୍ଭ କରି ଲୋକଙ୍କୁ ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯାଇଛି। ଏନେଇ ସମ୍ପୃକ୍ତ ବିଭାଗ ଓ ସଂସ୍ଥାକୁ ସଜାଗ ରଖାଯାଇଛି। ବାତ୍ୟା ଆଶ୍ରୟସ୍ଥଳ ବି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ କରି ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ। ସରକାରଙ୍କ ପାଖରେ ଶୁଖିଲା ☞ପୃଷ୍ଠା-୪

# ପୋଲିସ ଏସ୍‌ଆଇ ୪ ଥର ବଳାତ୍କାର କରିଥିଲେ

## ମୃତ ମହିଳା ଡାକ୍ତରଙ୍କ ହାତ ପାପୁଲିରେ ସୁଇସାଇଡ୍ ନୋଟ୍

ମହାରାଷ୍ଟ୍ର ସତାରା ଜିଲାରେ ଜଣେ ମହିଳା ଡାକ୍ତର ଆତ୍ମହତ୍ୟା କରିଛନ୍ତି। ଫଲ୍‌ଟନସ୍ଥିତ ଏକ ହୋଟେଲ ରୁମ୍‌ରୁ ଗୁରୁବାର ରାତିରେ ତାଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ଜୀବନ ହାରିବା ପୂର୍ବରୁ ସେ ନିଜ ବାମହାତ ପାପୁଲିରେ ଲେଖିଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି, ପୋଲିସ ସବ୍-ଇନ୍‌ସ୍ପେକ୍ଟର (ଏସ୍‌ଆଇ) ଗୋପାଳ ବଦ୍‌ନେ ଜୁନ୍ ପରଠୁ ତାଙ୍କୁ ୪ ଥର ବଳାତ୍କାର କରିଥିଲେ। ଏପରି କି ଅନ୍ୟ ଜଣେ ପୋଲିସ ଅଧିକାରୀ ପ୍ରଶାନ୍ତ ବଙ୍କର ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲେ। ଏସବୁ ଅସହ୍ୟ ହେବାରୁ ସେ ପୋଲିସ ବିଭାଗର ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସେ ଆତ୍ମହତ୍ୟା କରିବା ଭଳି ଚରମ ପନ୍ଥା ଆପଣାଇଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଅଭିଯୁକ୍ତ ଗୋପାଳଙ୍କୁ ନିଲମ୍ବନ କରାଯାଇଛି।





ଗୋପାଳ ବଦ୍‌ନେ

ପୁଣେ/ମୁମ୍ବାଇ,୨୪।୧୦
(ପି.ଟି./ଏଜେନ୍ସି)

ମହାରାଷ୍ଟ୍ର ସତାରା ଜିଲା ଫଲ୍‌ଟନ ସବ୍-ଡିଷ୍ଟ୍ରିକ୍ଟ ହସ୍ପିଟାଲରେ ବିଡ୍ ଜିଲାର ୨୮ ବର୍ଷୀୟା ମହିଳା ଡାକ୍ତର ଜଣକ ୨ ବର୍ଷ ହେଲା ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଥିଲେ। ସେ ଅନ୍ୟ ଜଣେ ପୋଲିସ ଅଧିକାରୀ ପ୍ରଶାନ୍ତ ବଙ୍କରଙ୍କ ବାପାଙ୍କ ମାଲିକାନାରେ ଥିବା ଏକ ଫ୍ଲାଟ୍‌ରେ ଭଡ଼ାରେ ରହୁଥିଲେ। ତାଙ୍କୁ ପୋଲିସ ଏସ୍‌ଆଇ ଗୋପାଳ ବଦ୍‌ନେ ବଳାତ୍କାର କରିଥିବା ନେଇ ସେ ଫଲ୍‌ଟନ ସବ୍-ଡିଭିଜନାଲ ଅଫିସରେ ଗତ ଜୁନ୍ ୧୯ରେ ଡିଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିଲେ। ଫଲ୍‌ଟନ ଗ୍ରାମାଞ୍ଚଳ ପୋଲିସ ବିଭାଗରେ କାର୍ଯ୍ୟରତ ୨ ଅଧିକାରୀଙ୍କ ବିରୋଧରେ ବଳାତ୍କାର ଓ ମାନସିକ ନିର୍ଯାତନା ଅଭିଯୋଗ ଆଣି ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିରେ ସେ ଗୋପାଳଙ୍କ ସହ ପ୍ରଶାନ୍ତଙ୍କ ନାମ ଉଲ୍ଲେଖ କରିଥିଲେ। ସେ ଅତ୍ୟନ୍ତ ଚାପରେ ରହିଛନ୍ତି। ☞ପୃଷ୍ଠା-୪

# ବସ୍‌ରେ ନିଆଁ ଲାଗି ୨୦ ମୃତ

କୁର୍ନୁଲ,୨୪।୧୦(ପି.ଟି.)


ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ଏକ ଲକ୍‌ଜୁରି ଘରୋଇ ବସ୍ ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯିବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ୪୧ ଯାତ୍ରୀଙ୍କୁ ନେଇ ଯାଉଥିବା ଉକ୍ତ ବସ୍ କୁର୍ନୁଲ ଜିଲାର ଚିନ୍ନାଟେକୁର ନିକଟରେ ଏକ ବାଇକ୍‌କୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅନେକ ମୃତଦେହ ଜଳିଯାଇଥିବାରୁ ଚିହ୍ନଟ କରାଯାଇପାରୁ ନ ଥିବାରୁ ଡିଏନ୍‌ଏ ନମୁନା ସଂଗ୍ରହ କରିବା ଲାଗି ଫୋରେନ୍‌ସିକ୍ ଟିମ୍‌କୁ ଡକାଯାଇଛି। ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଦୁଃଖପ୍ରକାଶ କରିଛନ୍ତି।

ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ବସ୍‌ଟି ମଧ୍ୟରାତ୍ରରେ ହାଇଦ୍ରାବାଦ ☞ପୃଷ୍ଠା-୪

# ଆଡ୍‌ମ୍ୟାନ୍ ପୀୟୂଷ ପାଣ୍ଡେଙ୍କ ପରଲୋକ

ମୁମ୍ବାଇ,୨୪।୧୦

ଭାରତର ଆଡ୍‌ମ୍ୟାନ୍ ଭାବେ ପରିଚିତ ବିଜ୍ଞାପନ ଲିଜେଣ୍ଡ



ପୀୟୂଷ ପାଣ୍ଡେଙ୍କର ଶୁକ୍ରବାର ସକାଳେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାଜନିତ ସମସ୍ୟା ଯୋଗୁ ସେ କିଛିଦିନ ହେଲା ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ପୀୟୂଷଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଶାସନର ନବୀକରଣ

# ଆମେରିକାରେ ଡବଲ ଚାକିରି: ଭାରତୀୟ ବଂଶୋଦ୍ଭବ ଗିରଫ

ନ୍ୟୁୟର୍କ, ୨୪।୧୦ (ପି.ଟି.)

ଆମେରିକାର ନ୍ୟୁୟର୍କସ୍ଥିତ ଲାଥମ ନିବାସୀ ତଥା ଭାରତୀୟ ବଂଶୋଦ୍ଭବ ସରକାରୀ କର୍ମଚାରୀ ମେହୁଲ ଗୋସ୍ୱାମୀ (୩୯)ଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ମେହୁଲ ତାଙ୍କ ସରକାରୀ କାର୍ଯ୍ୟ ସମୟରେ ଏକ ଦ୍ୱିତୀୟ ପୂର୍ଣ୍ଣକାଳୀନ ଚାକିରି କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଗତ ସପ୍ତାହରେ ସାରାଟୋଗା କାଉଣ୍ଟି ଶେରିଫ ଏବଂ ନ୍ୟୁୟର୍କ ଷ୍ଟେଟ୍ ଇନ୍‌ସପେକ୍ଟର ଜେନେରାଲ ଅଫିସର ସଂଯୁକ୍ତ ଟିମ୍ ମେହୁଲଙ୍କୁ ଗିରଫ କରିଛି। ସେ ନ୍ୟୁୟର୍କସ୍ଥିତ ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ସେବା କାର୍ଯ୍ୟାଳୟ ପାଇଁ ମାଲ୍ଟା ସହରରେ ରହି କାର୍ଯ୍ୟ କରୁଥିଲେ। ତେବେ ମେହୁଲ



ମେହୁଲ ଗୋସ୍ୱାମୀ

କର୍ତ୍ତୃପକ୍ଷଙ୍କୁ ନ ଜଣାଇ ସରକାରୀ କାର୍ଯ୍ୟ ସମୟରେ ମାଲ୍ଟାରେ ରହି ଦ୍ୱିତୀୟ ପୂର୍ଣ୍ଣକାଳୀନ ଚାକିରି କରୁଥିଲେ। ଏହାଦ୍ୱାରା ନ୍ୟୁୟର୍କ ରାଜ୍ୟର ସରକାରୀ ରାଜକୋଷରୁ ୫୦,୦୦୦ ଡଲାର (ପ୍ରାୟ ୪୪ ଲକ୍ଷ ଟଙ୍କା) କ୍ଷତି ହୋଇଥିବା ନେଇ ନ୍ୟୁୟର୍କସ୍ଥିତ ଶେରିଫ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ଗୋସ୍ୱାମୀଙ୍କୁ ସର୍ବାଧିକ ୧୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧୫,୦୦୦ ଡଲାର (ପ୍ରାୟ ୧୩ ଲକ୍ଷ ଟଙ୍କା)ର ଜରିମାନା ହୋଇପାରେ କିମ୍ବା ଆର୍ଥିକ ଲାଭର ୨ ଗୁଣା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିପାରେ।



## ସଂକ୍ଷେପରେ

# ଦିଲ୍ଲୀରେ ଆଇଏସ୍ ଆକ୍ରମଣ ଯୋଜନା ପଣ୍ଡ

## ୨ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୨୪।୧୦

ଦୀପାବଳିରେ ଦିଲ୍ଲୀରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ପାଇଁ ଆଇଏସ୍ ଅପରେଟିଭ୍‌ମାନେ କରିଥିବା ଯୋଜନାକୁ ପୋଲିସ ପଣ୍ଡ କରିଦେଇଛି। ଦକ୍ଷିଣ ଦିଲ୍ଲୀର ଏକ ଲୋକପ୍ରିୟ ମଲ୍ ଓ ସାଧାରଣ ପାର୍କ ସମେତ ଜାତୀୟ ରାଜଧାନୀର ଗହଳି ଅଞ୍ଚଳରେ ବିସ୍ଫୋରଣ ଘଟାଇବାକୁ ପ୍ରସ୍ତୁତି ଚଳାଇଥିବା ୨ ଆଇଏସ୍ ଅପରେଟିଭ୍‌ଙ୍କୁ ପୋଲିସ ଗିରଫ କରିଛି। ଦିଲ୍ଲୀ ଓ ଭୋପାଳରେ ମିଳିତ ଅଭିଯାନ ପରେ ଆଦନାନ ନାମଧାରୀ ୨ ଜଣଙ୍କୁ ଗିରଫ କରାଯାଇଛି। ଜଣକ ଘର ଦିଲ୍ଲୀର ସାଦିକ୍ ନଗର ହୋଇଥିବାବେଳେ ଅନ୍ୟ ଜଣେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳ ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନଙ୍କୁ ଗିରଫ କରାଯିବା ସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଦିଆଯାଇଥିବା ଅତିରିକ୍ତ ପୋଲିସ କମିଶନର (ସ୍ପେଶାଲ ସେଲ୍) ପ୍ରମୋଦ କୁଶ୍‌ୱାହା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ଦିଲ୍ଲୀରେ ଆଜି



ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଶୁକ୍ରବାର ଗିରଫ କରିଥିବା ଆଇଏସ୍‌ର ୨ ସନ୍ଦିଗ୍ଧ ଆତଙ୍କବାଦୀ। (ଫଟୋ– ଚମନ ଗୌତମ)

# ପାକିସ୍ତାନକୁ ପାଣି ବନ୍ଦ କରିବ ଆଫଗାନିସ୍ତାନ

ନୂଆଦିଲ୍ଲୀ,୨୪।୧୦

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଗତ ଏପ୍ରିଲ୍ ୨୨ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖି ପାକିସ୍ତାନକୁ ଜଳପ୍ରବାହ ହ୍ରାସ କରିଥିଲା। ଏବେ ତାଲିବାନ୍ ଶାସିତ ଆଫଗାନିସ୍ତାନ ଅନୁରୂପ ପଦକ୍ଷେପ ନେବାକୁ ଯାଉଛି। ତାଲିବାନ୍ ସରକାର ଯଥାଶୀଘ୍ର ସମ୍ଭବ କୁନାର ନଦୀରେ ଡ୍ୟାମ୍ ନିର୍ମାଣ କରି ପାକିସ୍ତାନକୁ ଜଳପ୍ରବାହ ସୀମିତ କରିବାକୁ ଯୋଜନା କରିଛି। ଆଫଗାନିସ୍ତାନର ସୁପ୍ରିମ ଲିଡର ମାଲାଓ୍ୱି ହିବାତୁଲ୍ଲା ଅଖୁନ୍ଦଜାଦା ଏଭଳି ନିର୍ଦ୍ଦେଶ ଦେଇଥିବା କାର୍ଯ୍ୟକାରୀ ଜଳ ମନ୍ତ୍ରୀ ମୁଲ୍ଲା ଅବଦୁଲ ଲତିଫ୍ ମନ୍‌ସୁର କହିଛନ୍ତି। ସେ Xରେ ଲେଖିଛନ୍ତି, ନିଜ ଦେଶରେ ପ୍ରବାହିତ ନଦୀଜଳକୁ ପରିଚାଳନା କରିବା ଅଧିକାର ଆଫଗାନ୍‌ର ରହିଛି। ନଦୀବନ୍ଧ ନିର୍ମାଣ କୌଣସି ବିଦେଶୀ ସଂସ୍ଥା ନୁହେଁ ଘରୋଇ କମ୍ପାନୀ କରିବ ବୋଲି ସେ ସୂଚନା ଦେଇଛନ୍ତି। ଚଳିତ ମାସରେ ୨ ଦେଶ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷର ଶତାଧିକ ନିହତ ହୋଇଥିଲେ।

# କଶ୍ମୀରରେ ରାଜ୍ୟ ସଭା ନିର୍ବାଚନ: ଏନ୍‌ସିକୁ ୩, ଭାଜପାକୁ ଗୋଟିଏ ଆସନ


ଶ୍ରୀନଗର,୨୪।୧୦(ପି.ଟି.)

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରେ ଶୁକ୍ରବାର ପ୍ରଥମ ଥର ପାଇଁ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ ଶାସକ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)କୁ ୩ଟି ଆସନ ମିଳିଥିବାବେଳେ ଶେଷ ଆସନକୁ ବିରୋଧୀ ଦଳ ଭାଜପା ହାତେଇ ନେଇଛି। ପିପୁଲ୍ସ କନ୍‌ଫରେନ୍ସ ଭୋଟଦାନରୁ ବିରତ ରହିଥିଲାବେଳେ କେତେଜଣ ସ୍ୱାଧୀନ ବିଧାୟକ କ୍ରସ୍ ଭୋଟିଂ କରିବାରୁ ଭାଜପା ଗୋଟିଏ ଆସନରେ ଜିତିଥିବା କୁହାଯାଉଛି। ଜମ୍ମୁ-କଶ୍ମୀର ପାଇଁ ରାଜ୍ୟ ସଭାରେ ଖାଲି ପଡ଼ିଥିବା ୪ ଆସନ ନିମନ୍ତେ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ସହ ଏହାକୁ ଜମ୍ମୁ-କଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ୯୦ ଆସନ ବିଶିଷ୍ଟ କଶ୍ମୀର ବିଧାନସଭାରେ ବର୍ତ୍ତମାନ ୮୮ ବିଧାୟକ ଥିବାବେଳେ ସେମାନଙ୍କ ମଧ୍ୟରୁ ୮୬ ଜଣ ମତଦାନରେ ଭାଗ ନେଇଥିଲେ। ପିପୁଲ୍ସ କନ୍‌ଫରେନ୍ସ ଅଧ୍ୟକ୍ଷ ତଥା ବିଧାୟକ ସାଜଦ ଗନି ଲୋନ୍ ଅନୁପସ୍ଥିତ ରହିଥିବାବେଳେ ପିଏସ୍‌ଏରେ ଗିରଫ ହୋଇ ଜେଲରେ ଥିବା ଆପ୍ ବିଧାୟକ ମେହରାଜ ମଲିକ୍ ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେଇଥିଲେ। ଏନ୍‌ସି ୪ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଭାଜପା ୩ଟି ଆସନରେ ଲଢ଼ିଥିଲା। ଭାଜପାରୁ କେବଳ ସାଟ୍ ଶର୍ମା ବିଜୟୀ ହୋଇଛନ୍ତି। ଭାଜପାର ୨୮ ଭୋଟ ସମେତ ସେ କେତେକ ଅତିରିକ୍ତ ଭୋଟ ପାଇ ଏନ୍‌ସି ପ୍ରାର୍ଥୀ ଇମ୍ରାନ ନବୀ ଦର୍‌ଙ୍କଠାରୁ ଆସନ ଛଡ଼ାଇ ନେଇଛନ୍ତି।

# ରୁଷୀୟ ତୈଳ: ରିଫାଇନର୍ସଙ୍କ ମୋହଭଙ୍ଗ

ନୂଆଦିଲ୍ଲୀ,୨୪।୧୦




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଛାଟ ଯୋଗୁ ରୁଷୀୟ ତୈଳ ପ୍ରତି ଭାରତୀୟ ରିଫାଇନର୍ସଙ୍କ ମୋହଭଙ୍ଗ ହୋଇଛି। ରୁଷିଆର ୨ ବଡ଼ ତୈଳ ଉତ୍ପାଦନକାରୀ କମ୍ପାନୀ ରୋସ୍‌ନେଫ୍ଟ ଏବଂ ଲୁକୋଇଲ ପିଜେଏସ୍‌ସି ଉପରେ ଟ୍ରମ୍ପ୍ ଗୁରୁବାର କଟକଣା ଜାରି କରିବା ପରେ ରୁଷୀୟ ତୈଳର ବୃହତ୍ ଆମଦାନୀକାରୀ ରିଲାଏନ୍ସ ମଧ୍ୟପ୍ରାଚ୍ୟ ଓ ଆମେରିକାରୁ ଅନେକ ନିୟୁତ ବ୍ୟାରେଲ କ୍ରୁଡ୍ କିଣିଛି। ଭାରତର ବଡ଼ ବଡ଼ ରିଫାଇନେରିଗୁଡ଼ିକ ଆଗକୁ ରୁଷିଆଠାରୁ ଅଶୋଧିତ ତୈଳ କ୍ରୟ ହ୍ରାସ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଏପରିକି ଚାଇନାର ତୈଳ ରିଫାଇନର୍ସ ମଧ୍ୟ ଟ୍ରମ୍ପ୍‌ଙ୍କ କଟକଣାର ପ୍ରଭାବକୁ ହୃଦୟଙ୍ଗମ କରି ରୁଷିଆଠାରୁ ସାମୟିକ ଭାବେ ତୈଳ ଆମଦାନୀ ବନ୍ଦ କରିଦେଇଛନ୍ତି। ବ୍ଲୁମ୍‌ବର୍ଗରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଚଳିତ ବର୍ଷ ରୁଷିଆଠାରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ସର୍ବାଧିକ ତୈଳ କ୍ରୟ କରିଥିଲା। ତେବେ ଟ୍ରମ୍ପ୍ ୨ ରୁଷୀୟ କମ୍ପାନୀ ଉପରେ କଟକଣା ଲଗାଇବାର ଦିନକ ପରେ ଆର୍‌ଆଇଏଲ୍ ଆମେରିକା ଓ ମଧ୍ୟପ୍ରାଚ୍ୟରୁ ଅନେକ ନିୟୁତ ବ୍ୟାରେଲ କ୍ରୁଡ୍ କିଣିଛି। ମୁକେଶ ଅମ୍ବାନୀଙ୍କ କମ୍ପାନୀ ସାଉଦି ଆରବର ଖଫ୍‌ଜି, ଇରାକ୍‌ର ବସ୍‌ରାହ ମଡିୟମ, କାତାରର ଶାହିନ୍ ଓ ଆମେରିକୀୟ ଅଏଲ୍ ସପ୍ଲାୟର ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍‌ଠାରୁ ଏହି ତୈଳ ଆମଦାନୀ କରିଛି। କଣ୍ଟ୍ରାକ୍ଟ ଶେଷ ହୋଇଥିବା ଏହି ତୈଳ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀରେ ଭାରତ ଆସିପାରେ। ନଭେମ୍ବର ୨୨ ସୁଦ୍ଧା ରୁଷୀୟ ତୈଳ କ୍ରୟ ବନ୍ଦ ପାଇଁ ଟ୍ରମ୍ପ୍ ତାଗିଦ କରିଥିବାରୁ ଅନ୍ୟ ଭାରତୀୟ ରିଫାଇନେରିଗୁଡ଼ିକ ମଧ୍ୟ ଆଗକୁ ମଧ୍ୟପ୍ରାଚ୍ୟ, ଲାଟିନ୍ ଆମେରିକା ଓ ଆମେରିକାରୁ ତୈଳ କିଣି ରୁଷିଆ କ୍ରୁଡ୍‌ରୁ ମୁହଁ ଫେରାଇବେ ବୋଲି ସୂତ୍ରରୁ ଜଣାପଡ଼ିଛି।

ବର୍ତ୍ତମାନ ଭାରତର ଏକ-ତୃତୀୟାଂଶ କ୍ରୁଡ୍ ଆମଦାନୀ ଚାହିଦା ରୁଷିଆ ପୂରଣ କରୁଛି। ୨୦୨୫ରେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ରୁଷିଆଠାରୁ ଦୈନିକ ୧.୭ ନିୟୁତ ବ୍ୟାରେଲ କ୍ରୁଡ୍ ଆମଦାନୀ କରିଛନ୍ତି। ସେଥିରୁ ୧.୨ ନିୟୁତ ବ୍ୟାରେଲ କେବଳ ରୋସ୍‌ନେଫ୍ଟ ଓ ଲୁକୋଇଲଠାରୁ ପ୍ରତ୍ୟକ୍ଷ ଭାବେ କିଣିଥିଲେ। କିନ୍ତୁ ନଭେମ୍ବର ୨୧ ପର୍ଯ୍ୟନ୍ତ ରୁଷୀୟ କ୍ରୁଡ୍ ଦୈନିକ ୧.୬-୧.୮ ନିୟୁତ ବ୍ୟାରେଲ ରହିପାରେ।

## ବନ୍ଧୁକ ମୁନରେ ଟ୍ରେଡ୍ ଡିଲ୍ ହେବନାହିଁ: ଗୋୟଲ

ବର୍ଲିନ୍,୨୪।୧୦


ପୀୟୂଷ ଗୋୟଲ

ଭାରତ ତରବରିଆ ଭାବେ ବାଣିଜ୍ୟିକ ଚୁକ୍ତିରେ ସ୍ୱାକ୍ଷର କରିବ ନାହିଁ। ନିଜ ପସନ୍ଦକୁ ସଙ୍କୁଚିତ କରୁଥିବା କୌଣସି ସର୍ତ୍ତକୁ ମଧ୍ୟ ଗ୍ରହଣ କରିବ ନାହିଁ। ବନ୍ଧୁକ ମୁନରେ ଟ୍ରେଡ୍ ଡିଲ୍ ହେବ ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଜର୍ମାନୀ ଗସ୍ତରେ ଥିବା ଗୋୟଲ ବର୍ଲିନ୍ ଗ୍ଲୋବାଲ୍ ଡାଇଲଗ୍‌ରେ ଆମେରିକା ଓ ୟୁରୋପୀୟ ସଂଘ ସମେତ ବୈଶ୍ୱିକ ସହଯୋଗୀଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ଗୋୟଲ କହିଛନ୍ତି, ବାଣିଜ୍ୟିକ ଆଲୋଚନା ଉପରେ ଭାରତର ଆଭିମୁଖ୍ୟ ଦୀର୍ଘମିଆଦୀ ଦୂରଦୃଷ୍ଟି ଓ ଆସ୍ଥା ଉପରେ ପର୍ଯ୍ୟବସିତ। ଆମ ମୁଣ୍ଡରେ କେହି ବନ୍ଧୁକ ରଖିଲେ ବି ଆମେ ଭୟଭୀତ ହୋଇ ତରବରିଆ ଭାବେ ଟ୍ରେଡ୍ ଡିଲରେ ସ୍ୱାକ୍ଷର କରିବୁ ନାହିଁ। ଅନ୍ୟପକ୍ଷେ ଭାରତ ଓ ଆମେରିକା ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତିର ନିକଟତର ହୋଇଥିବା ନୂଆଦିଲ୍ଲୀରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଭାରତ-ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ନେଇ ୫ ଥର ଆଲୋଚନା ହେଲାଣି, ଯାହାକୁ ଗୋୟଲ ସକାରାତ୍ମକ କହିଛନ୍ତି।

# ୧ରୁ ସରଳ ଜିଏସ୍‌ଟି ପଞ୍ଜୀକରଣ

ଚେନ୍ନାଇ,୨୪।୧୦

ଆସନ୍ତା ନଭେମ୍ବର ୧ରୁ ନୂଆ ଜିଏସ୍‌ଟି ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଏହା ଘୋଷଣା କରିଛନ୍ତି। ବିଶେଷ କରି କ୍ଷୁଦ୍ର ବ୍ୟବସାୟୀ ଓ ପବ୍ଲିକ୍ ସେକ୍ଟର କମ୍ପାନୀଗୁଡ଼ିକ ପାଇଁ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବା ଏହାର ଲକ୍ଷ୍ୟ। ନୂଆ ବ୍ୟବସ୍ଥାରେ ଯେଉଁମାନଙ୍କ ମାସିକ ଆଉଟ୍‌ପୁଟ୍ ଟିକସ ଦେୟତା ୨.୫ ଲକ୍ଷ ଟଙ୍କାରୁ କମ୍, ସେମାନେ ୩ ଦିନ ମଧ୍ୟରେ ସ୍ୱତଃ ପଞ୍ଜୀକରଣ ଅନୁମୋଦନ ପାଇବେ।

# ନୀତୀଶଙ୍କ ନେତୃତ୍ୱରେ ଲଢ଼ିବ ଏନ୍‌ଡିଏ: ପ୍ରଧାନମନ୍ତ୍ରୀ

## ବିହାର ନିର୍ବାଚନ

ସମସ୍ତିପୁର,୨୪।୧୦


ନିର୍ବଚନୀ ସଭାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।


ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିହାର ବିଧାନସଭା ନିର୍ବାଚନ ଲଢ଼ି ରେକର୍ଡ ବ୍ୟବଧାନରେ ବିଜୟ ହାସଲ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅପରାହ୍ନରେ କହିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ସେ ଲୋକପ୍ରିୟ ସୁଶାସନ ବାବୁ ବୋଲି କହିଛନ୍ତି। ସମସ୍ତିପୁର ସହରରୁ ପ୍ରଧାନମନ୍ତ୍ରୀ ବିହାର ନିର୍ବାଚନ ପ୍ରଚାର ଶୁଭାରମ୍ଭ କରିବା ଅବସରରେ ସମଗ୍ର ବିହାର କହୁଛି ପୁଣିଥରେ ଏନ୍‌ଡିଏ ସରକାର, ପୁଣିଥରେ ସୁଶାସନ ସରକାର ଚାହୁଁଛି ବୋଲି କହିଛନ୍ତି।

ବିରୋଧୀ ମହାମେଣ୍ଟ ଗୁରୁବାର ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିବା ପରେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରୁ ବୋଲି ଆହ୍ୱାନ ଦେଇଥିଲା। ନୀତୀଶଙ୍କ ନେତୃତ୍ୱରେ ଏନ୍‌ଡିଏ ବିହାର ନିର୍ବାଚନ ଲଢ଼ିବ ବୋଲି ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ କହିଛନ୍ତି।

# ସୀମାରେ ଚାଇନା ଗଢୁଛି ନୂଆ ଏୟାର ଡିଫେନ୍ସ କମ୍ପ୍ଲେକ୍ସ

## ଭାରତ ପାଇଁ ଚିନ୍ତାଜନକ

ନୂଆଦିଲ୍ଲୀ,୨୪।୧୦




ତିବ୍ବତର ପଙ୍ଗୋଙ୍ଗ୍ ହ୍ରଦର ପୂର୍ବ ପାର୍ଶ୍ୱ କୂଳରେ ଚାଇନା ନୂଆ ଏୟାର ଡିଫେନ୍ସ କମ୍ପ୍ଲେକ୍ସ ନିର୍ମାଣ କରୁଥିବା ସାଟେଲାଇଟ୍ ଫଟୋରୁ ସ୍ପଷ୍ଟ ହୋଇଛି। ୨୦୨୦ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ସ୍ଥାନଠାରୁ ଏହା ପ୍ରାୟ ୧୧୦ କିଲୋମିଟର ଦୂରରେ ଅବସ୍ଥିତ। ସେଠାରେ ନିର୍ମାଣ କାର୍ଯ୍ୟ ପୂରା ଦମ୍‌ରେ ଚାଲିଥିବା ଜଣାପଡ଼ିଛି। ଉକ୍ତ କମ୍ପ୍ଲେକ୍ସରେ କମାଣ୍ଡ ଏବଂ କଣ୍ଟ୍ରୋଲ ବିଲ୍ଡିଂ, ବାରାକ୍, ଯାନ ରଖିବା ପାଇଁ ଶେଡ୍, ଗୁଳିଗୋଳା ଭଣ୍ଡାର ଏବଂ ରାଡାର ପୋଜିଶନ୍ ରହିଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଉକ୍ତ ପ୍ରକଳ୍ପରେ ଥିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଫିଚର ହେଲା ଗୁପ୍ତ ମିଶାଇଲ୍ ଲଞ୍ଚ୍ ପୋଜିଶନ୍। ମିଶାଇଲ୍‌କୁ ପରିବହନ କରିବା ସହ ଫାୟାର କରିପାରୁଥିବା ଟ୍ରାନ୍ସପୋର୍ଟର ଇରେକ୍ଟର ଲଞ୍ଚର୍ (ଟିଇଏଲ) ଯାନ ପାଇଁ ରିଟ୍ରାକ୍ଟେବଲ୍ ରୁଫ୍ ରହିଛି। ଚାଇନାର ଦୀର୍ଘ ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ଏଚ୍‌କ୍ୟୁ-୯ ସ୍ଥଳରୁ ଆକାଶ ମିଶାଇଲ୍ ସିଷ୍ଟମ୍‌କୁ ଲୁଚାଇ ରଖିବା ଏବଂ ସୁରକ୍ଷା ଦେବା ପାଇଁ ଏଭଳି ଶେଲ୍ଟର ନିର୍ମାଣ କରାଯାଇଥିବା ଗୋଇନ୍ଦା ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ଗତ ସେପ୍ଟେମ୍ବର ୨୯ରେ ଭେଣ୍ଟର ସାଟେଲାଇଟ୍ ଚିତ୍ରରେ ଗାର୍ କଣ୍ଟିଠାରେ ଥିବା ଏଭଳି ଏକ ଲଞ୍ଚ୍ ପୋଜିଶନ୍‌ର ଖୋଲା ଛାତ ଦେଖିବାକୁ ମିଳିଛି। ଏହା ତଳେ ଲଞ୍ଚର୍‌ଗୁଡ଼ିକୁ ଲୁଚାଇ ରଖାଯାଇଥିବା ବିଶ୍ୱାସ କରାଯାଉଛି। ଭାରତ-ତିବ୍ବତ ସୀମାରେ ଚାଇନା ଏଭଳି ସୁରକ୍ଷିତ ଲଞ୍ଚ୍ ପୋଜିଶନ ନିର୍ମାଣ କରୁଥିବାବେଳେ ପୂର୍ବରୁ ବିବାଦୀୟ ଦକ୍ଷିଣ ଚାଇନା ସାଗର ଦ୍ୱୀପପୁଞ୍ଜରେ ଅନୁରୂପ ସାମରିକ ଘାଟି ନିର୍ମାଣ କରିଥିଲା। ଗତ ଜୁଲାଇରେ ଭୂସ୍ଥାନିକ ଗବେଷକ ଡାମିଏନ୍ ସାଇମନ୍ ପ୍ରଥମେ ପଙ୍ଗୋଙ୍ଗ୍ ହ୍ରଦ କୂଳରେ ଚାଇନାର ଦ୍ୱିତୀୟ ସାମରିକ ଭିତ୍ତିଭୂମିର ପ୍ରାରମ୍ଭିକ ପର୍ଯ୍ୟାୟ ନିର୍ମାଣ ଚାଲିଥିବା ଚିହ୍ନଟ କରିଥିଲେ। ସେତେବେଳେ ଉକ୍ତ ଗୁପ୍ତ ମିଶାଇଲ୍ ଲଞ୍ଚ୍ ପୋଜିଶନ୍ ସମ୍ପର୍କରେ ଜଣାପଡ଼ି ନ ଥିଲା।

# ରଣଜୀ ଟ୍ରଫି ଖେଳାଳିରୁ ବିଜ୍ଞାପନ କିମ୍ବଦନ୍ତୀ


ପୀୟୂଷ ପାଣ୍ଡେ

ଭାରତୀୟ ବିଜ୍ଞାପନ ଶିଳ୍ପର ରୂପରେଖ ବଦଳାଇଥିବା କିମ୍ବଦନ୍ତୀ ପୀୟୂଷ ପାଣ୍ଡେଙ୍କର ଶୁକ୍ରବାର ୭୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଭାରତର ଆଡ୍‌ମ୍ୟାନ୍ ଭାବରେ ସେ ପରିଚିତ ଥିଲେ। ମିଡିଆ ଏବଂ ମାର୍କେଟିଂରେ ନିଜ ଛାପ ଛାଡ଼ିବା ପୂର୍ବରୁ ସେ କ୍ରିକେଟ ପଡ଼ିଆରେ ତାଙ୍କ ବୃତ୍ତିଗତ ଯାତ୍ରା ଆରମ୍ଭ କରିଥିଲେ। ରଣଜୀ ଟ୍ରଫି ସିଜନ୍ ୧୯୭୭-୭୮ ଏବଂ ୧୯୭୮-୭୯ରେ ପୀୟୂଷ ରାଜସ୍ଥାନ ପାଇଁ ଖେଳିବାକୁ ସୁଯୋଗ ପାଇଥିଲେ। ଜଣେ ଉଇକେଟ କିପର ବ୍ୟାଟ୍ସମ୍ୟାନ ଭାବେ ୫ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ତେବେ ତାଙ୍କ କ୍ରିକେଟ କ୍ୟାରିୟର ଖୁବ୍ ସଂକ୍ଷିପ୍ତ ଥିଲା। ୧୯୮୨ରେ ସେ ଦେଶର ସର୍ବବୃହତ୍ କମ୍ୟୁନିକେଶନ ଏଜେନ୍ସି ଓଗିଲଭି ଇଣ୍ଡିଆରେ କ୍ଲାଇଣ୍ଟ ସର୍ଭିସିଂ ଏକ୍‌ଜେକ୍ୟୁଟିଭ୍ ଭାବେ ଯୋଗଦେଇଥିଲେ। ସେ ଏହି ଏଜେନ୍ସିରେ ୪ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିଲେ। ପରେ ସେ ଏହାର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରିଥିଲେ। ସେ ନିଜ ସୃଜନଶୀଳ ପ୍ରତିଭା ମାଧ୍ୟମରେ ଭାରତର ବିଜ୍ଞାପନକୁ ରୂପରେଖ ବଦଳାଇବା ସହ ଏହାକୁ ଲୋକପ୍ରିୟ କରାଇଥିଲେ। ଏହାସହ ସେ ଜଣେ ମହାନ୍ କାହାଣୀକାର ଥିଲେ, ଯିଏ ତାଙ୍କ ବିଭିନ୍ନ ଅଭିଯାନ ମାଧ୍ୟମରେ ଭାରତୀୟଙ୍କ ହୃଦୟ ଜିତିଥିଲେ। ତାଙ୍କ କାର୍ଯ୍ୟରେ ଭାବପ୍ରବଣତା, ହାସ୍ୟରସ ଏବଂ ଗଭୀର ସାଂସ୍କୃତିକ ବୁଝାମଣାର ଏକ ଅନନ୍ୟ ମିଶ୍ରଣ ଥିଲା, ଯାହା ବିଜ୍ଞାପନଗୁଡ଼ିକୁ ସ୍ମରଣୀୟ କରିପାରୁଥିଲା। ସେ ଇଂରାଜୀ କେନ୍ଦ୍ରିକ ବିଜ୍ଞାପନଗୁଡ଼ିକୁ ପରିତ୍ୟାଗ କରି ସ୍ଥାନୀୟ ଏବଂ ଆଞ୍ଚଳିକ କାହାଣୀକୁ ନେଇ ବିଜ୍ଞାପନର ଏକ ନୂତନ ଧାରା ଆରମ୍ଭ କରିଥିଲେ।

ପୀୟୂଷ ଅନେକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଭାରତୀୟ ବିଜ୍ଞାପନର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତି ଭାବରେ ଲଗାତର ୮ ବର୍ଷ ପାଇଁ 'ଦି ଇକୋନୋମିକ ଟାଇମ୍ସ' ପକ୍ଷରୁ ପୀୟୂଷଙ୍କୁ ନାମିତ କରାଯାଇଥିଲା। ୨୦୧୦ରେ ଆଡଭରଟାଇଜିଂ ଏଜେନ୍ସିସ୍ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ତାଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ୨୦୧୬ରେ ସେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

## ପ୍ରସିଦ୍ଧ ଟିଭି ବିଜ୍ଞାପନ

ପୀୟୂଷଙ୍କର ଅନେକ ପ୍ରସିଦ୍ଧ ଟିଭି ବିଜ୍ଞାପନ ରହିଛି। ୮୦ ଦଶକରେ ୨ ଚକିଆ ଲୁନାର ବିଜ୍ଞାପନ ପାଇଁ ପୀୟୂଷଙ୍କର ଚଲ୍ ମେରି ଲୁନା ବିଜ୍ଞାପନ ଲୋକଙ୍କର ହୃଦୟକୁ ଛୁଇଁଥିଲା। ୧୯୮୯ରେ ବାଜଜ ସ୍କୁଟର ପାଇଁ ହମାରେ ବଜାଜ ଆଡ୍ ଲୋକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହେବା ସହ ସେମାନଙ୍କୁ ଭାବବିହ୍ୱଳ କରାଇଥିଲା। ସେହିପରି ୧୯୯୩ରେ ଚକୋଲେଟ୍ କ୍ୟାଡ୍‌ବରି ଡେରିମିଲ୍କ ପାଇଁ 'କୁଛ୍ ଖାସ୍ ହେ ହମ୍ ସଭି ମେଁ' ବିଜ୍ଞାପନ ଯୁବପିଢ଼ିଙ୍କୁ ଖୁବ୍ ଛୁଇଁଥିଲା। ୨୦୦୨ରେ ଏସିଆନ୍ ପେଣ୍ଟସ୍ ପାଇଁ 'ହର୍ ଘର୍ କୁଛ୍ କେହତା ହେଁ', ୨୦୧୪ରେ ଫେବିକ୍ୱିକ୍ ପାଇଁ ତୋଡ଼ୋ ନେହିଁ ଯୋଡ଼ୋ। ସେହିପରି ୨୦୧୪ ଲୋକ ସଭାରେ ଭାଜପାର ବିଜୟ ପଚରେ ପ୍ରମୁଖ ବିଜ୍ଞାପନ ଅବ୍ କି ବାର୍ ମୋଦି ସରକାର ବିଜ୍ଞାପନକୁ ପୀୟୂଷ ଲେଖିଥିଲେ। ସେହିପରି କେନ୍ଦ୍ର ସରକାର ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସଙ୍ଗଠନର ସହଭାଗିତାରେ ୨୦୧୦ରେ ପୋଲିଓ ଦୂରୀକରଣ ପାଇଁ ଲୋକପ୍ରିୟ ବିଜ୍ଞାପନ ଦୋ ବୁନ୍ଦ ଜିନ୍ଦେଗୀ କେ ବିଜ୍ଞାପନ ମଧ୍ୟ ତାଙ୍କ ନେତୃତ୍ୱରେ ହୋଇଥିଲା।




# ଜେଲରୁ ଜାମିନରେ ମୁକୁଳିଲେ ୨ ଛାତ୍ର

ବାଲେଶ୍ୱର,୨୪।୧୦(ବାଞ୍ଛାନିଧି ଦେ)

**ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବହୁଚର୍ଚ୍ଚିତ ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ଶୁକ୍ରବାର ୨ ଅଭିଯୁକ୍ତ ଛାତ୍ର ଜେଲରୁ ଜାମିନରେ ମୁକୁଳିଛନ୍ତି। ଅଭିଯୁକ୍ତ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକ ଓ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ହାଇକୋର୍ଟ ଗତ ୨୨ ତାରିଖରେ ଜାମିନ ପ୍ରଦାନ କରିଥିଲେ। ଜିଲା ଜଜ୍ କୋର୍ଟରେ ବେଲ୍ ବଣ୍ଡ ଦାଖଲ ହୋଇଥିଲା। ଏହାକୁ ବିଚାରପତି ଗ୍ରହଣ କରିବା ପରେ ଉଭୟ ଛାତ୍ରଙ୍କୁ ଜେଲରୁ ଛଡ଼ାଯାଇଥିଲା।

ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ କଲେଜ ପରିସରରେ ସର୍ବସମ୍ମୁଖରେ ପେଟ୍ରୋଲ ଢ଼ାଳି ସେ ଆତ୍ମାହୁତି ଦେଇଥିଲେ। ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକ ଓ ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଗତ ଅଗଷ୍ଟ ୧୮ ଓ ୧୯ରେ ୪ ଅଭିଯୁକ୍ତଙ୍କ ଜାମିନ ପୃଥକ୍ ନିୟମିତ ଜାମିନ ଆବେଦନକୁ ବାଲେଶ୍ୱର ଦୌରାଜଜ୍ ଅଦାଲତ ଖାରଜ କରିଦେଇଥିଲେ। ଏହାପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୨୨ତାରିଖରେ ୪ଜଣଙ୍କ ଜାମିନ ଆବେଦନ ଏକତ୍ର ଶୁଣାଣି କରିଥିଲେ। ଦୁଇ ଛାତ୍ରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସାହୁ ଓ ପୂର୍ବତନ ଅଧ୍ୟକ୍ଷ ଘୋଷଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଅପରପକ୍ଷରେ ଗତ ୮ ତାରିଖରେ ଜେଲରେ ଥିବା ୪ ଅଭିଯୁକ୍ତ ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇଥିଲେ। ମାମଲାର କମିଟମେଣ୍ଟ ହୋଇଥିଲା। ତ୍ୱରିତ୍ ବିଚାର ନିମନ୍ତେ ତଳ କୋର୍ଟରୁ ଜିଲା ଜଜ୍ କୋର୍ଟକୁ ମାମଲା ସ୍ଥାନାନ୍ତର କରାଯାଇଥିଲା।

# ଉଷୁନା ନୁହେଁ, ଅରୁଆକୁ ଦିଆଯିବ ଗୁରୁତ୍ୱ: ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ

ଭୁବନେଶ୍ୱର,୨୩।୧୦(ରବିନାରାୟଣ ଜେନା)




ଚଳିତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟରେ ଥିବା ବଳକା ଚାଉଳକୁ ଭାରତ ସରକାରଙ୍କ ଖାଦ୍ୟ ନିଗମ (ଏଫ୍‌ସିଆଇ) ଉଠାଇବ। କିନ୍ତୁ ପରବର୍ଷଠାରୁ ଏହା ଉପରେ ଅଙ୍କୁଶ ରହିବ। ଦେଶରେ ଅନ୍ୟାନ୍ୟ ରାଜ୍ୟରେ ଉଷୁନା ଚାଉଳର ଚାହିଦା ନ ଥିବାରୁ ଏଣିକି ରାଜ୍ୟ ସରକାର ଅରୁଆକୁ ଗୁରୁତ୍ୱ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି।

ଶୁକ୍ରବାର କୃଷି ଭବନ ପ୍ରେକ୍ଷାଳୟରେ ରାଜ୍ୟସ୍ତରୀୟ ବାର୍ଷିକ ରବି ସମ୍ମିଳନୀ ୨୦୨୫-୨୬ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ କହିଛନ୍ତି ଯେ, ରାଜ୍ୟରେ ଥିବା ରାଇସ ମିଲ୍‌ଗୁଡିକୁ ଅଧିକ ଅରୁଆ ଚାଉଳ କରିବାକୁ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ନିର୍ଦ୍ଦେଶନାମା ଜାରି ହେବ। ସେ କହିଥିଲେ ଯେ, ନିକଟରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଏ ସମ୍ପର୍କରେ ସାକ୍ଷାତ ଆଲୋଚନା ହୋଇଛି। ରାଜ୍ୟରେ ଥିବା ବଳକା ଚାଉଳ ଉଠାଇବାକୁ ଅନୁରୋଧ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର କୃଷିମନ୍ତ୍ରୀ ଉଷୁନା ଅପେକ୍ଷା ଅରୁଆ ଚାଉଳ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷ ଏଫ୍‌ସିଆଇ ୨୪ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇଥିବା ବେଳେ ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରହିଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରବି ପରିକଳ୍ପନାକୁ ସାକାର କରିବା ପାଇଁ ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ସକ୍ରିୟ ରହିବା ଆବଶ୍ୟକ ଏବଂ ଠିକ୍ ସମୟରେ ଇନପୁଟ୍ ଯୋଗାଣ, ପ୍ରଭାବୀ ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ନିରନ୍ତର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ସୁନିଶ୍ଚିତ କରିବା ଆବଶ୍ୟକ। ଏଥିସହିତ ଅବ୍ୟବହୃତ କୃଷିଫାର୍ମଗୁଡ଼ିକୁ ମଧ୍ୟ ଗୋଦାମ ଗୃହ ଭାବେ ବ୍ୟବହାର କରାଯାଇପାରିବ। ଏହି ପଦକ୍ଷେପଗୁଡ଼ିକର ଲାଭ କୃଷକମାନଙ୍କ ନିକଟରେ ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ ଦୃଢ଼ ନେତୃତ୍ୱ, ସମର୍ପିତ ତଦାରଖ ଏବଂ ଫଳାଫଳ ଭିତ୍ତିକ କାର୍ଯ୍ୟାନ୍ୱୟନ ଜରୁରୀ।

କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ବର୍ତ୍ତମାନ ଆମ ରାଜ୍ୟର ସମସ୍ତ ଡ୍ୟାମ ତଥା ବ୍ୟାରେଜରେ ରବି ଫସଲ ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ମହଜୁଦ ଅଛି। ଆଗାମୀ ଦିନରେ ଆମେ ୯୦% ଚାଷଜମିକୁ ଜଳସେଚନ ବ୍ୟବସ୍ଥାରେ ସଂଯୋଗ ପାଇଁ ଲକ୍ଷ୍ୟ ରଖିଛୁ। କୃଷି ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ, ରବି କାର୍ଯ୍ୟକ୍ରମ ୨୦୨୫-୨୬ରେ ଡାଲି ଓ ତୈଳବୀଜର କ୍ଷେତ୍ରଫଳ ଓ ଉତ୍ପାଦକତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇ ଏହିସବୁ ଫସଲରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ଦୀର୍ଘମିଆଦୀ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଓ ଆଇକାର୍ଡା ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ସମ୍ମିଳନୀରୁ ଜଣାଯାଇଛି ଯେ, ରବି ଅଭିଯାନ ୨୦୨୫-୨୬କୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ରବି ଅଭିଯାନର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି, ଓଡିଶାରେ ରବି ଋତୁ ୨୦୨୫-୨୬ ମଧ୍ୟରେ ପ୍ରାୟ ୨୯ ଲକ୍ଷ ୩୦ ହଜାର ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ କରାଯିବ। ସେଥିମଧ୍ୟରେ ୧୫.୧୩ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୩.୭୦ଲକ୍ଷ ହେକ୍ଟର ଜମିରେ ତୈଳବୀଜ, ପରିବା ଚାଷ ପାଇଁ ୪.୯୭ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଇଛି, ଖାଦ୍ୟଶସ୍ୟ ପାଇଁ ୨୩.୨୬ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ମସଲା ଅଧୀନରେ ୧.୧୫ ଲକ୍ଷ ହେକ୍ଟର ଏବଂ ଆଖୁଚାଷ ଅଧୀନରେ ୦.୨୧ ଲକ୍ଷ ହେକ୍ଟର ଜମି ରହିଛି, ୮.୨୦ ଲକ୍ଷ ମେଟ୍ରିକ୍ ଟନ୍ ଡାଲି ଜାତୀୟ ଶସ୍ୟ ଓ ୪.୨୧ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ ପାଇଁ ଲକ୍ଷ୍ୟ ରହିଛି। ଜିଲ୍ଲାର କୃଷି ପରିବେଶ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପଯୁକ୍ତ ରଣନୀତି ସହିତ ରବି ଫସଲକୁ ଆଗେଇ ନେବା ପାଇଁ ଓଡିଶାର ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସମସ୍ତ ଜିଲ୍ଲାପାଳଙ୍କୁ ରବି ସର୍କୁଲାର ଜାରି କରିଛନ୍ତି। କାର୍ଯ୍ୟକ୍ରମରେ ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ପ୍ରମୁଖ ଉପସ୍ଥିତ ଥିଲେ।

# ଜୈବିକ ଚାଉଳରୁ ପ୍ରସ୍ତୁତ ହେବ କୋଠଭୋଗ: କୃଷି ସଚିବ

ଭୁବନେଶ୍ୱର,୨୪।୧୦ (ରବିନାରାୟଣ ଜେନା)

ଆସନ୍ତା ରଥଯାତ୍ରାଠାରୁ ଜୈବିକ ଚାଉଳରୁ କୋଠ ଭୋଗ ପ୍ରସ୍ତୁତ ହେବ ବୋଲି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

ଶୁକ୍ରବାର କୃଷିଭବନରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅବସରରେ ଡ. ପାଢ଼ୀ କହିଛନ୍ତି, ଅମୃତ ଅନ୍ନ ଯୋଜନାରେ ଜୈବିକ ଚାଉଳରୁ କୋଠ ଭୋଗ ପ୍ରସ୍ତୁତ ହେବ। ଏଥିପାଇଁ ବରଗଡ଼, କଟକ ଏବଂ କୋରାପୁଟ ଜିଲାରେ ଜୈବିକ ଚାଷ କରାଯାଉଛି। ବଳଭଦ୍ର ଜୈବିକ ଚାଷ ମିଶନରେ ଜୈବିକ ଚାଷ ପାଇଁ ସହାୟତା ଦିଆଯାଇଛି। କୋଠ ଭୋଗ ପାଇଁ ଆବଶ୍ୟକୀୟ ପରିମାଣର ଚାଉଳ ଅମଳ ହେବ। ଯଦି ବଳକା ରୁହେ କିଛି ପରିମାଣର ମହାପ୍ରସାଦ ମଧ୍ୟ ପ୍ରସ୍ତୁତ କରାଯିବ।

ସେ କହିଥିଲେ, ଆନନ୍ଦ ବଜାରରେ ଜୈବିକ ମହାପ୍ରସାଦ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲିବ। ପରବର୍ତ୍ତୀ ସମୟରେ ମହାପ୍ରଭୁଙ୍କ ରୋଷଶାଳାରେ ଜୈବିକ ପନିପରିବା ମଧ୍ୟ ବ୍ୟବହାର କରାଯିବ। ଗତ ରଥଯାତ୍ରା ବେଳେ ମାଉସୀମା' ମନ୍ଦିରରେ ମହାପ୍ରଭୁଙ୍କ ଆଡପମଣ୍ଡପ ଭୋଗରେ ମଧ୍ୟ ଜୈବିକ ପରିବା ବ୍ୟବହାର ହୋଇଥିଲା।




# ୪୨୧୯ କନ୍‌ଷ୍ଟେବଲ ପଦ ସିଧାସଳଖ ପୂରଣ ହେବ: ଗୃହବିଭାଗ

ଭୁବନେଶ୍ୱର,୨୪।୧୦(ରବିନାରାୟଣ ଜେନା)

ରାଜ୍ୟରେ ଖାଲି ପଡ଼ିଥିବା ୪୨୧୯ କନଷ୍ଟେବଲ ପଦକୁ ସିଧାସଳଖ ପୂରଣ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଏ ସଂକ୍ରାନ୍ତରେ ଗୃହବିଭାଗ ଉପସଚିବ ତରୁଣ କୁମାର ପଣ୍ଡା ପୋଲିସ ମହାନିର୍ଦ୍ଦେଶକ ଏବଂ ଆଇଜିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି, ରାଜ୍ୟରେ ଖାଲି ପଡ଼ିଥିବା କନଷ୍ଟେବଲ ପଦ ପୂରଣ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସରକାର ବିଚାର କରିବା ପରେ ଖାଲି ପଦ ପୂରଣ ଲାଗି ଏହି ନିଷ୍ପତ୍ତି ନେଇଛନ୍ତି। ତେବେ କନଷ୍ଟେବଲ ର୍‍ୟାଙ୍କ୍‌ର ଉକ୍ତ ପଦ ପୂରଣ ବେଳେ ବିଭାଗ ପକ୍ଷରୁ ଜାରି ପୃଥକ୍ ପୃଥକ୍ ନିର୍ଦ୍ଦେଶନାମା ସହିତ ଚଳିତବର୍ଷ ସେପ୍ଟେମ୍ବର ୨୨ରେ ଜାରି ହୋଇଥିବା ଏସ୍‌ଓପିକୁ ଅନୁସରଣ କରିବାକୁ ହେବ ବୋଲି ଉପସଚିବ ପତ୍ରରେ ଦର୍ଶାଇଛନ୍ତି।

# କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ପରଲୋକ

ଭୁବନେଶ୍ୱର,୨୪।୧୦ (ସୌମ୍ୟରଞ୍ଜନ ରାଉତ)



ବିଶିଷ୍ଟ କବି, ଔପନ୍ୟାସିକ ତଥା ପୂର୍ବତନ ପ୍ରଶାସକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱର ଗଙ୍ଗାନଗରସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ୨ ଝିଅ, ଜ୍ୱାଇଁ, ନାତି ଉପସ୍ଥିତ ଥିଲେ। ପୂର୍ବରୁ ରାଜେନ୍ଦ୍ରଙ୍କ ଶରୀର ଦାନ ହୋଇଥିବାରୁ ପରିବାର ଲୋକେ ତାଙ୍କ ମରଶରୀରକୁ ଏମ୍ସକୁ ହସ୍ତାନ୍ତର କରିଛନ୍ତି। ଝାରସୁଗୁଡା ଜିଲା ବଡଲଗା ଗାଁରେ ୧୯୪୪ ମସିହା ଜୁନ୍ ୨୪ରେ ରାଜେନ୍ଦ୍ର ଜନ୍ମଗ୍ରହଣ କରିଥିଲେ। ସେ ୧୬ଟି କବିତା ସଙ୍କଳନ ଓ ୨ଟି ଉପନ୍ୟାସ ଲେଖିଛନ୍ତି। 'ଶୈଳକଳ୍ପ' ଲାଗି ୧୯୮୫ ମସିହାରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି ୨୦୧୨ରେ ଗଙ୍ଗାଧର ଜାତୀୟ ସମ୍ମାନ, ୧୯୯୫ରେ ଶାରଳା ପୁରସ୍କାର, ୧୯୯୪ରେ ଝଙ୍କାର ପୁରସ୍କାର, ୨୦୦୪ରେ ସାହିତ୍ୟ ଭାରତୀ ସମ୍ମାନ, ୨୦୦୫ରେ ସଚ୍ଚି ରାଉତରାୟ ସମ୍ମାନ ଲାଭ କରିଥିଲେ।

# ନୂଆପଡ଼ା ଉପନିର୍ବାଚନ ମଇଦାନରେ ୧୪ ପ୍ରାର୍ଥୀ

ଭୁବନେଶ୍ୱର,୨୪।୧୦(ସୁନିତ୍ ମିଶ୍ର)

- ସରିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ
- ନିର୍ବାଚନରେ ୮ ସ୍ୱାଧୀନ ପ୍ରାର୍ଥୀ

ନୂଆପଡ଼ା ଉପନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା। ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ ଘଣ୍ଟିକା ପର୍ଯ୍ୟନ୍ତ ସମୟ ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯାଇଥିଲା। ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାନ୍ତି। ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଭାଜପାରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, କଂଗ୍ରେସରୁ ଘାସିରାମ ମାଝୀ, ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନାଙ୍କ ସମେତ ୮ ଜଣ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ, ଚକ୍ରାନ୍ତ ଜେନା, ଭୁବନଲାଲ ସାହୁ, କିଶୋର କୁମାର ବାଗ, ନୀତା ବାଗ, ଲକ୍ଷ୍ମୀକାନ୍ତ ତାଣ୍ଡି, ଭକ୍ତବନ୍ଧୁ ଧରୁଆ ଓ ଲୋଚନ ମାଝୀ ପ୍ରମୁଖ ଏହି ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସୂଚନାଯୋଗ୍ୟ, ପ୍ରାର୍ଥୀପତ୍ର ଯାଞ୍ଚ ସମୟରେ ମୋଟ ୫ଟି ନାମାଙ୍କନ ପତ୍ର ନାକଚ କରାଯାଇଥିଲା। ନାକଚ କରାଯାଇଥିବା ବ୍ୟକ୍ତିମାନେ ହେଉଛନ୍ତି ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ପ୍ରାର୍ଥୀ ସୀତାରାମ ବେହେରା, ୩ ସ୍ୱାଧୀନ ପ୍ରାର୍ଥୀ କମଳ କୁମାର ଛତ୍ରିଆ, ପୁରୁଷୋତ୍ତମ ବେହେରା ଏବଂ ଭୁଜବଳ ଆଡବଙ୍ଗ।

# ଆଦିବାସୀଙ୍କ ଭୋଟକୁ ନଜର

ନୂଆପଡ଼ା,୨୪।୧୦(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ଏବେ ପ୍ରମୁଖ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ୧ଲକ୍ଷରୁ ଅଧିକ ଆଦିବାସୀ ଭୋଟର ରହିଥିବାରୁ ଏମାନଙ୍କ ଉପରେ ସବୁ ଦଳର ନଜର ରହିଛି। ସର୍ବପ୍ରଥମେ ଜାତୀୟ କଂଗ୍ରେସ ଆଦିବାସୀ ନେତା ଘାସିରାମ ମାଝିଙ୍କୁ ପ୍ରାର୍ଥୀ ଘୋଷଣା କରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲା। ବର୍ତ୍ତମାନର ସ୍ଥିତି ଦେଖିବାକୁ ଗଲେ ୨ ପ୍ରମୁଖ ଦଳ ବିଜେଡି ଓ ଭାଜପା ମଧ୍ୟ ପ୍ରଚାରକୁ ଜୋରଦାର କରିଛନ୍ତି। ଆଦିବାସୀ ଗଡ ଭାଙ୍ଗିବା ପାଇଁ ଭାଜପା ନେତା ବିଭିନ୍ନ ଗାଁକୁ ଯାଇ ପ୍ରଚାର କରୁଛନ୍ତି। ଏଥିରେ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସାମିଲ ହୋଇଛନ୍ତି। ଅନ୍ୟପଟେ ଜିଲା ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରୁ ବହିଷ୍କୃତ ହୋଇଥିବାବେଳେ ଚଳିତ ଉପନିର୍ବାଚନ ପୂର୍ବରୁ ପୁଣି ଦଳରେ ସାମିଲ ହୋଇ ଆଦିବାସୀମାନଙ୍କୁ ପ୍ରବର୍ତ୍ତାଇ ନିଜ ଆଡକୁ ଆଣିବାରେ ଲାଗିଛନ୍ତି। ଆଦିବାସୀ କଲ୍ୟାଣ ସଂଘର ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନୀ ମଇଦାନକୁ ଓହ୍ଲାଇ ଆଦିବାସୀ ଭୋଟ ଗୋଟାଇବାରେ ଲାଗିଛନ୍ତି। ତାଙ୍କ ସମର୍ଥକଙ୍କ ସହ ସେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ସେହିପରି ଜିଲାର ଅନ୍ୟ ଜଣେ ବରିଷ୍ଠ ଆଦିବାସୀ ନେତା ହେଉଛନ୍ତି ସୋମନାଥ ଖମାରୀ। ୨୦୨୪ ସାଧାରଣ ନିର୍ବାଚନରେ ଖମାରୀ କଂଗ୍ରେସରୁ ଟିକେଟ ନ ପାଇବାରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଛିଡା ହୋଇଥିବା ଘାସିରାମ ମାଝିଙ୍କୁ ସମର୍ଥନ କରିଥିଲେ। ବର୍ତ୍ତମାନ କିନ୍ତୁ ସେ ଭାଜପାରେ ଯୋଗଦେଇଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୫୩ ହଜାର ୬୨୪ ଭୋଟରଙ୍କ ମଧ୍ୟରୁ ଆଦିବାସୀଙ୍କ ସଂଖ୍ୟା ୧ ଲକ୍ଷ ହେବ। ଆଦିବାସୀ କଲ୍ୟାଣ ସଂଘରେ ଥିବା ନେତାମାନେ ଏକତ୍ର ରହିଥିବାରୁ ୨୦୨୪ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଛିଡା ହୋଇଥିବା ଘାସିରାମ ମାଝି ୫୦ ହଜାର ୯୪୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବର୍ତ୍ତମାନ ଉପନିର୍ବାଚନ ପୂର୍ବରୁ ଆଦିବାସୀ ନେତାମାନେ ବିଭକ୍ତ ହୋଇ ଅନ୍ୟ ଦଳରେ ଯୋଗ ଦେଇଥିବାରୁ ଭୋଟ ମଧ୍ୟ ୪ ଭାଗରେ ବିଭକ୍ତ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଏଭଳି ସ୍ଥିତିରେ ଆଦିବାସୀ ଭୋଟକୁ ନେଇ ସହଜରେ ବିଜୟୀ ହୋଇଯିବେ ବୋଲି ଭାବୁଥିବା ଆଦିବାସୀ ନେତା କଂଗ୍ରେସ ପ୍ରାର୍ଥୀ ମାଝିଙ୍କୁ ଏହି ଗଣିତ ଭାରି ପଡିବ କି ବୋଲି ଚର୍ଚ୍ଚା ହେଉଛି। ମାଝି କଂଗ୍ରେସରୁ ପ୍ରାର୍ଥୀ ହୋଇ ୨୦୧୪ ନିର୍ବାଚନରେ ୩୯ ହଜାର ୬୫୪, ୨୦୧୯ରେ ୪୫ ହଜାର ୩୧୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୨୪ ନିର୍ବାଚନରେ ଜିଲା ଆଦିବାସୀ କଲ୍ୟାଣ ସଂଘ କଂଗ୍ରେସରୁ ଆଶାୟୀ ଥିବା ଘାସିରାମ ମାଝିଙ୍କୁ ସ୍ୱାଧୀନ ପ୍ରାର୍ଥୀ କରିଥିଲା। ଜିଲାର ସମସ୍ତ ବର୍ଗର ଆଦିବାସୀ ଏକଜୁଟ ହୋଇ ମାଝିଙ୍କୁ ବିଜୟୀ କରିବା ପାଇଁ ଶପଥ ନେଇଥିଲେ। ହେଲେ ନିର୍ବାଚନରେ ଆଦିବାସୀ କାର୍ଡ କାମ କଲା ନାହିଁ। ବିଜେଡିକୁ ବହୁ ଆଦିବାସୀ ନେତା ସମର୍ଥନ କରିଥିଲେ। ସେମାନେ ଆଦିବାସୀ ପ୍ରାର୍ଥୀଙ୍କ ସଭାକୁ ଯାଇଥିଲେ ମଧ୍ୟ ଗୋପନରେ ବିଜେଡିକୁ ସମର୍ଥନ ଜଣାଇବାରୁ ବିଜୟୀ ହୋଇଥିଲୁ ବୋଲି ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ କହିଛନ୍ତି। ଅନ୍ୟପକ୍ଷରେ ଭାଜପାରେ ଆଦିବାସୀ କର୍ମୀ କିମ୍ବା ନେତା ନ ଥିଲେ। ଦଳର ଚିହ୍ନ ଦେଖି ଲୋକେ ଭୋଟ ଦେଇଥିଲେ ବୋଲି ଜଣେ କର୍ମୀ କହିଛନ୍ତି। ଆସନ୍ତା ନଭେମ୍ବର ୧୪ରେ ଫଳାଫଳ ଘୋଷଣା ପରେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳୁଛି ତାହା ସ୍ପଷ୍ଟ ହେବ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସକାଳ ୯ଟା।
- ଜାତୀୟ ଆଲୋଚନାଚକ୍ର 'ଶ୍ରୀଜଗନ୍ନାଥ ଉପାସନାରେ ଦାରୁଦେବତା ଓ ଶାବର ସଂସ୍କୃତି', ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ, ଭାରତୀୟ, ଭାରତୀୟତା ଏବଂ ରାଷ୍ଟ୍ରୀୟତା ପୃଷ୍ଠଭୂମିରେ ଓଡ଼ିଆ ଅସ୍ମିତା ସଂକ୍ରାନ୍ତ ଜାତୀୟ ସମ୍ମାନ, ସ୍ଥାନ:ଏମ୍‌କେସିଜି ପ୍ରେକ୍ଷାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ୧୯ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ-୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ସାରସ୍ୱତ ବନ୍ଧୁମିଳନ ଉତ୍ସବ, ସ୍ଥାନ: ବାହାର୍ଦ୍ଧା ଡାକବଙ୍ଗଳା, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଷଷ୍ଠ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ମା' ଭଦ୍ରକାଳୀଙ୍କ ସରସ୍ୱତୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ୫ମ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଗୋ ବନ୍ଦାଣ ପର୍ବ ଉଦ୍‌ଯାପନୀ ଦିବସ,ସ୍ଥାନ:ମାଟିହୁଡ଼ି ଗ୍ରାମ ମଣ୍ଡପ, ଉଦଳା,ସମୟ:ଅପରାହ୍ନ ୩ଟା।
- ଆଦିବାସୀ ଯାତ୍ରା ପରିବେଷଣ, ସ୍ଥାନ: ନିଚୁଆପଦା, ମୋରଡ଼ା, ସମୟ: ରାତି ୯ଟା।

## ବ୍ରହ୍ମପୁର
- ଜିଲାସ୍ତରୀୟ ବେସ୍‌ବଲ ଓ ସଫ୍ଟବଲ ଚାମ୍ପିୟନଶିପ୍, ସ୍ଥାନ: ବାଲାଜୀ ବିଦ୍ୟାପୀଠ, କନିଷି, ସମୟ: ସକାଳ ୮ଟା।
- ନବାଗତଙ୍କୁ ସ୍ୱାଗତ ଉତ୍ସବ, ସ୍ଥାନ: ଗୋପାଳପୁର କଲେଜ, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ଗଞ୍ଜାମ
- ଅସ୍ଥିଶଲ୍ୟ ରୋଗ ନିରୁପଣ ଶିବିର, ସ୍ଥାନ: ଲାୟନ୍ସ କମ୍ୟୁନିଟି ହଲ୍ ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ହୃଦରୋଗ ପୀଡ଼ିତାଙ୍କ ଜୀବନ ରକ୍ଷା କୌଶଳ ଶିବିର, ସ୍ଥାନ: ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ, ଆସିକା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍‌ଭାଗବତ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା କଦମ୍ବମଠ, ସମୟ: ସନ୍ଧ୍ୟା ୭ ଟା।

## ଅନୁଗୋଳ
- ଲିପ୍ତିଙ୍ଗା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ ଟା।

## ଜଗତ୍‌ସିଂହପୁର
- ପରିବେଶ ସୁରକ୍ଷା ଅଭିଯାନ, ସ୍ଥାନ: ଏରଡ଼ା (୨), ନାଉଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନଃ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ମଣ୍ଡଳସ୍ତରୀୟ ସୁରଭ କାର୍ଯ୍ୟକ୍ରମ, ସ୍ଥାନ: ମଧୁସାଗର ବିଦ୍ୟାପୀଠ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଗହୀରମଥା ମହୋତ୍ସବ, ସ୍ଥାନ: ଜଗରିଜୋର, ମହାକାଳପଡ଼ା, ସମୟ: ଅପରାହ୍ନ ୪ଟା।

## ଯାଜପୁର
- ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା୩୦।

## ନୟାଗଡ଼
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ୩ୟ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ: ଖାଙ୍କି ମଠ ନୟାଗଡ଼, ସମୟ: ପ୍ରାତଃ ୫ଟା।
- ପଞ୍ଚମ ବାର୍ଷିକ ଭାଗବତ କଥା ମୃତର ୩ୟ ଦିବସ, ସ୍ଥାନ: ଗୋଡିପଡ଼ା ନିକଟସ୍ଥ ପଞ୍ଚୁମୁ ପଞ୍ଚାୟତର ମଝିଆଖଣ୍ଡ, ସମୟ: ସକାଳ ୭ଟା।
- ନାଗ ଚତୁର୍ଥୀ ପର୍ବ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ: ସକାଳ ୭ଟା ୩୦।
- ଅଗ୍ନିଶମ ବାହିନୀକୁ ଜାଣିବା, ସ୍ଥାନ: ନୂଆଗାଁ ଅଗ୍ନିଶମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ତୃତୀୟ ଦିବସରେ ପ୍ରବଚନ, ସ୍ଥାନ: ଖାଙ୍କି ମଠ ନୟାଗଡ଼, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚମ ବାର୍ଷିକ ଭାଗବତ କଥା ମୃତର ୩ୟ ଦିବସରେ ଭାଗବତ ସଭା, ସ୍ଥାନ: ଗୋଡ଼ିପଡ଼ା ନିକଟସ୍ଥ ପଞ୍ଚୁମୁ ପଞ୍ଚାୟତର ମଝିଆଖଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ଗିରି ଗୋବର୍ଦ୍ଧନ ପୂଜାର ୪ର୍ଥ ଦିବସରେ ବାଦି ପାଲା ଉଦ୍‌ଯାପିତ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତର ପଥରଦ୍ୱାର ପୂର୍ଣ୍ଣବାସୀ ପୀଠ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ଉତ୍ସାହ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି
- ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଶିଶୁ ଗୃହ, ମାଲକାନଗିରି, ସମୟ: ମଧ୍ୟାହ୍ନ ୧୨ଟା।
- ମାଲ୍ୟବନ୍ତ ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ବାର୍ଷିକ ବାଣିଜ୍ୟ ସମ୍ମିଳନୀ ମର୍ମଜ୍ଞ ୧୦.୦ କାର୍ଯ୍ୟକ୍ରମ, ସ୍ଥାନ: କୋଣାର୍କ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ଅପରାହ୍ନ ୨ଟା ୩୦ ରୁ ରାତି ୧୦ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକେନ୍ଦ୍ର ଆୟୋଜନରେ ବକ୍ତୃତାମାଳା, ସ୍ଥାନ: ଭାଲୁପାଲି ଛକ ନିକଟସ୍ଥ ରୟାଲ ରିଟ୍ରିଟ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳର ପ୍ରସ୍ତୁତି ବୈଠକ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଓଡିଶା ରାଜ୍ୟ ବାର୍ଷିକ ଦନ୍ତ ସମ୍ମିଳନୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା।

## ରାଉରକେଲା
- ଅଲ୍ ଇଣ୍ଡିଆ ଇଣ୍ଟର ଏନ୍‌ଆଇଟି ସ୍ପୋର୍ଟସ ମିଟ୍, ସ୍ଥାନ: ଦିଲ୍ଲୀପ ତିର୍କୀ ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ଛଟ୍ ପୂଜା ନହାୟ ଓ ଖାଏ ବିଧି ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: କୋଏଲ ନଦୀ ଘାଟ, ସମୟ: ସକାଳ ୮ଟା।
- ଛଟ୍ ପୂଜା ପାଇଁ ପୂଜା ସାମଗ୍ରୀ ବଣ୍ଟନ, ସ୍ଥାନ: ଗୋପବନ୍ଧୁପାଲୀ, ସମୟ: ସକାଳ ୯ଟା।
- ଛଟ୍ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଝିରପାଣି ଆଦିତ୍ୟ ଘାଟ, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରେଷ୍ଠ ଓଡିଆଣୀ ପ୍ରତିଯୋଗିତା, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ନକ୍ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କେଲିଙ୍ଗା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସିଏସ୍‌ସିଇ ଆଥଲାଟିକ୍ ମିଟ୍, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ, ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ସଚ୍ଚିଦାନନ୍ଦ ସ୍ମୃତି ବକ୍ତୃତାମାଳା ଓ ସାରସ୍ୱତ ସମାରୋହ, ସ୍ଥାନ: ସଚ୍ଚିଦାନନ୍ଦ ସ୍ମୃତି ସମିତି, ରାଉରକେଲା, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୬ଟା
- ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ଗୋବିନ୍ଦପାଲି, ବରଗଡ଼, ସମୟ: ସକାଳ ୭ଟା।
- ୨୭ ତମ ଲକ୍ଷ୍ମୀ ପୂଜା, ସ୍ଥାନ: ବଣିକ ସଂଘ, ଗାଇସିଲେଟ, ସମୟ: ପୂର୍ବାହ୍ନ ୮ଟା।
- ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି
- ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକାଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗିରି ଗୋବର୍ଦ୍ଧନ ପୂଜା ତୃତୀୟ ଦିବସରେ ମହିଳା ଗ୍ରୁପ ଦ୍ୱାରା ରାମାୟଣ ଓ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମ ଜୁଗୁଲା ଡଙ୍ଗର ନିକଟ ପୂଜା ମଣ୍ଡପ,ସମୟ: ରାତ୍ର ୮ଟା।

## ବୌଦ୍ଧ
- ଆଞ୍ଚଳିକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ ବୌଦ୍ଧ , ସମୟ: ପୂର୍ବାହ୍ନ ୧୦ଟା ।
- ସାଂସ୍କୃତିକ ମିଳନ, ସ୍ଥାନ: ତୁଳସୀ କଲ୍ୟାଣ ମଣ୍ଡପ ବାଉଁଶୁଣୀ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ନୀଚ ରାଶିରେ ଥିବା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ଭୁଲ୍ ବୁଝାମଣା ହେତୁ ପରିବାରରେ କଳହର ଆଶଙ୍କା ରହିଛି। ଯାନବାହନରେ ତ୍ରୁଟି ଜନିତ ନିର୍ଦ୍ଦିଷ୍ଟ ସମୟରେ ଲକ୍ଷ୍ୟସ୍ଥଳକୁ ଯାଇପାରିବେ ନାହିଁ। ଆଶା କରିଥିବା କାର୍ଯ୍ୟଟିରେ ସଫଳତା ପାଇବା ସକାଶେ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ।

**ବୃଷ** ରାହୁଙ୍କ ପ୍ରଭାବରୁ ବିଭିନ୍ନ ଝମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ପାରିବାରିକ ଶାନ୍ତି ହରାଇବେ। ବାକି ପଡ଼ିଥିବା କାମକୁ ଶେଷ କରିବାକୁ ଚିନ୍ତିତ ଥିଲାବେଳେ ନୂଆ କାମଟିଏ ହାତକୁ ନେବାକୁ ପଡ଼ିପାରେ। ଦେଣନେଣ କାରବାରରେ କୌଣସି ବନ୍ଧୁଙ୍କ ସହ ମତାନ୍ତର ତୀବ୍ର ହେବାର ସୂଚନା ରହିଛି।

**ମିଥୁନ** ଅର୍ଥ ସମ୍ବନ୍ଧୀୟ ଆଲୋଚନାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବାର ସାହସ ଜୁଟେଇ ପାରିବେ ନାହିଁ। । ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** ଆଜି ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବିବାଦୀୟ ସ୍ଥିତି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ କୌଣସି କାମ ଅଟକି ରହିବ ନାହିଁ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ** ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟା ସମାଧାନ କରିପାରନ୍ତି। ଆମଦାନୀ, ଲୌହ ଓ ତୈଳ ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଆପଣଙ୍କ ସେବାଲାଭ କରି ସହଯାତ୍ରୀଟି କୃତ୍ୟକୃତ୍ୟ ହୋଇଯିବ। ଉଚ୍ଚଶିକ୍ଷା, କର୍ମାରମ୍ଭରେ ସଫଳତା ପାଇବେ କିନ୍ତୁ ବନ୍ଧୁଙ୍କ ବିବାଦରେ ମଧ୍ୟସ୍ଥତା କଲେ ପସ୍ତେଇବେ।

**କନ୍ୟା** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁ ନିଜର ପୂର୍ବପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସିପାରିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ ଆର୍ଥିକ ଦିଗଟି ପୂର୍ବପରି ରହିବ। ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନ ଚଳିବା ଯୋଗୁ ମୂଲ୍ୟହୀନ କଥାରେ ଝଗଡ଼ାରେ ଲିପ୍ତ ରହିପାରନ୍ତି।

**ତୁଳା** କୌଣସି କଥାରେ ଅଭାବ ନ ଥିଲେ ମଧ ପାରିବାରିକ ବିଶୃଙ୍ଖଳା ଯୋଗୁ ମାନସିକ ସ୍ଥିତି ବିଗିଡ଼ିଯିବ। ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ବନ୍ଧରେ କୌଣସି ବିବାଦୀୟ କିମ୍ବା ଦୁଃଖଦ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ବିଛା** ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ପରିସ୍ଥିତି ବିଗିଡି ଯିବାର ଆଶଙ୍କା ରହିଛି। କୌଣସି ସଭାସମିତି କିମ୍ବା ଗଠନମୂଳକ କାର୍ଯ୍ୟରେ ଯୋଗଦେଲେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇ ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।

**ଧନୁ** ପାରସ୍ପରିକ ଆପୋସ ମିଳାମିଶାରୁ ବିବାଦର ସମାଧାନର ସୂତ୍ର ବାହାରିପାରେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କିନ୍ତୁ ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ କୈଫିୟତ ତଲବର ଆଶଙ୍କା ରହିଛି। ଲୋଭନୀୟ ପ୍ରତିଶ୍ରୁତି ଦେଇ କାମହାସଲ ସକାଶେ ବନ୍ଧୁଙ୍କ ମନରେ ବିଶ୍ୱାସକୁ ଦୃଢ଼ୀଭୂତ କରିପାରନ୍ତି।

**ମକର** ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବା ଫଳରେ ପ୍ରତ୍ୟେକ କାର୍ଯ୍ୟ ସାଧନରେ ବ୍ୟତିକ୍ରମ ସୃଷ୍ଟିହେବ। ଅଫିସ୍‌ରେ ମଧ ବିବାଦ ବୃଦ୍ଧି ପାଇବାରୁ କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଏଣେ ନିଜର ଲୋକମାନଙ୍କ ବେଖାତିର ମନୋଭାବ ଓ ମନଇଚ୍ଛା କାମ ଯୋଗୁ ବିରକ୍ତି ପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜିର ଆଲୋଚନା ସମୟରେ ବନ୍ଧୁ ସାଧାରଣ କଥାରେ ବିଗିଡି ଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। ବ୍ୟବସାୟରେ ସଫଳତା ହାସଲ କଲେ ବିଶେଷ ହଇରାଣ ହରକତ ହେବାକୁ ପଡ଼ିପାରେ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମନା କରିବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ ନକଲେ ମିତ୍ରମାନେ ମଧ ଶତ୍ରୁ ପାଲଟି ଯାଇପାରନ୍ତି।

ଆଜି ଅକ୍ଟୋବର ୨୫ ତାରିଖ, କାର୍ତ୍ତିକ ଶୁକ୍ଳ ଚତୁର୍ଥୀ, ଶନିବାର, ଛଟ୍‌ବ୍ରତ ଆରମ୍ଭ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୯ ଗତେ ଘ.୦୮।୩୯ ମଧ୍ୟେ, ଘ.୧୧।୫୩ ଗତେ ଘ.୧୨।୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

## ଆଡ୍‌ମ୍ୟାନ୍ ପୀୟୂଷ ...

କରିଛନ୍ତି। ସୃଜନଶୀଳତା ପାଇଁ ପୀୟୂଷଜୀ ସବୁବେଳେ ମନେ ରହିବେ। ବିଜ୍ଞାପନ ଓ ଯୋଗାଯୋଗ ଜଗତକୁ ତାଙ୍କୁ ସ୍ମରଣୀୟ ଅବଦାନ ରହିଥିବା ପ୍ରଧାନମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି। ଫେଭିକଲ୍, କାଡବରି ଏବଂ ଏସିଆନ୍ ପେଣ୍ଟସର ପ୍ରତିଷ୍ଠିତ ବିଜ୍ଞାପନ ପଛରେ ପୀୟୂଷଙ୍କର ଅବଦାନ ରହିଛି। ୨୦୧୪ ନିର୍ବାଚନ ସମୟରେ 'ଅବ୍ କୀ ବାର, ମୋଦି ସରକାର' ସ୍ଲୋଗାନ୍ ସମେତ ବିଭିନ୍ନ ଲୋକପ୍ରିୟ ବିଜ୍ଞାପନର ସେ ସ୍ରଷ୍ଟା। ୧୯୮୨ରେ ଓଗିଲ୍‌ଭି ଇଣ୍ଡିଆରେ ଯୋଗଦେଇ ସେ ଏହାର ଗ୍ଲୋବାଲ କ୍ରିଏଟିଭ୍ ଚିଫ୍ ହେବା ସହ ଭାରତୀୟ ବିଜ୍ଞାପନକୁ ସ୍ଥାନୀୟ ଭାଷା, ହାସ୍ୟରସ ଓ ଭାବାବେଗ ଆଧାରରେ ନୂତନ ରୂପ ଦେଇଥିଲେ। କାଡ୍‌ବରିର 'କୁଛ୍ ଖାସ୍ ହୈ', ଏସିଆନ୍ ପେଣ୍ଟସ୍ ପାଇଁ 'ହର୍ ଖୁସି ମେ ରଙ୍ଗ୍ ଲାୟେ' ଏବଂ ଫେଭିକଲ୍ ବିଜ୍ଞାପନ ଦେଶର ସାଂସ୍କୃତିକ ଶବ୍ଦକୋଷର ଅଂଶବିଶେଷ ପାଲଟିଥିଲା। ୨୦୧୬ରେ ପୀୟୂଷଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିବାବେଳେ ୨୦୨୪ରେ ଲଣ୍ଡନ ଇଣ୍ଟରନ୍ୟାଶନାଲ ଆୱାର୍ଡର ଲିଜେଣ୍ଡ ଆୱାର୍ଡ ମିଳିଥିଲା। ପୀୟୂଷ ପ୍ରଥମ ଏସୀୟ ଯିଏକି ୨୦୦୪ରେ କାନ୍ସ ଲାଇନ୍ସ ଜୁରିରେ ଅଧ୍ୟକ୍ଷତା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏକରେ ତପ, ଦୁଇରେ ପାଠ**
**ତିନିରେ ହାଟ, ଚାରିରେ ନାଟ ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ହାଟ ସଉଦା କରିବା ଲାଭପ୍ରଦ ହୋଇଥାଏ। ସେହିପରି ଚାରିଜଣ ମିଶି ନାଟ କଲେ ନାଟ ସୁନ୍ଦର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ପୁଅ ସୁନା-ଦାନା**
**ପାଞ୍ଚ ପୁଅ ଗାଣ୍ଡି ଟଣା ।**

ଗୋଟିଏ ପୁଅ ବାପା-ମା'ଙ୍କ ଚିନ୍ତା ଦୂର କରିଥାଏ। ମାତ୍ର ଅଧିକ ପୁତ୍ର ସନ୍ତାନ ଥିଲେ ଘରର ଧନ ସମ୍ପତ୍ତି ଉପରେ ଲୋଭ ପରବଶ ହୋଇ ପରସ୍ପର ମଧ୍ୟରେ ଟଣାଓଟରା ହୋଇଥାନ୍ତି। ଅଧିକ ସନ୍ତାନ ଘରେ ଅଶାନ୍ତି ସୃଷ୍ଟି କରାଇବା ନେଇ ବହୁ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବସ୍‌ରେ ନିଆଁ ...

ଛାଡ଼ିଥିବାବେଳେ ୩ଟା ୩୦ ସମୟରେ ୪୪ ନମ୍ବର ଜାତୀୟ ରାଜପଥର ଚିନ୍ନାଟେକୁର ନିକଟରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ଟି ବସ୍ ତଳେ ରହିଯାଇ ଅନେକ ବାଟ ଘୋଷାଡ଼ି ହେବା ସହ ଏହାର ଫୁଏଲ୍ କ୍ୟାପ୍ ଖୋଲିଯାଇଥିବାରୁ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ଏବଂ ୧୯ ବସ୍‌ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଶର୍ଟସର୍କିଟ୍ ଯୋଗୁ ବସ୍ ଡୋର୍ ଜାମ୍ ହୋଇଯିବା ସହ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏସି ବସ୍ ହୋଇଥିବାରୁ ୨୧ ଯାତ୍ରୀ କାଚ ଭାଙ୍ଗି ବାହାରି ଆସିଥିଲେ। ତେବେ ବିଳମ୍ବିତ ରାତିରେ ଅଧିକାଂଶ ଯାତ୍ରୀ ଶୋଇଯାଇଥିବାରୁ ସେମାନେ ବାହାରି ନ ପାରି ଜଳିଯାଇଥିଲେ। ବସ୍‌ରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥିଲା ବୋଲି ଡିଆଇଜି କହିଛନ୍ତି। ମାତ୍ର ୨ରୁ ୩ ମିନିଟ୍ ମଧ୍ୟରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ବିପରୀତ ଦିଗରୁ ଆସୁଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ଲୋକଙ୍କୁ ଉଦ୍ଧାର କରିବାକୁ ଚାହିଁ ମଧ କିଛି କରିପାରି ନ ଥିଲେ ବୋଲି କହିଛନ୍ତି। ବସ୍‌ଟି



ପୋଡ଼ିଯାଇଥିବା ବସ୍

କେଉଁ ସ୍ଥିତିରେ ଥିଲା, ତାହା ଜାଣିବା ପାଇଁ ରାଜ୍ୟ ପରିବହନ ବିଭାଗ କାଗଜପତ୍ର ଯାଞ୍ଚ କରୁଥିବା ବିଭାଗୀୟ ମନ୍ତ୍ରୀ ରାମପ୍ରସାଦ ରେଡ୍ଡୀ କହିଛନ୍ତି। ଗାଡ଼ି ତଥ୍ୟ ଅନୁଯାୟୀ ବସ୍‌ଟି ୭ ବର୍ଷ ୨ ମାସ ପୂର୍ବେ ଓଡ଼ିଶାରେ ପଞ୍ଜୀକୃତ ହୋଇଥିଲା ଓ ଏହାର ଫିଟ୍‌ନେସ୍ ସାର୍ଟିଫିକେଟ ଅବଧି ୨୦୨୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିଲା। ପ୍ରଧାନମନ୍ତ୍ରୀ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ସରକାର ଦୁର୍ଘଟଣାର ତଦନ୍ତ ପାଇଁ ପରିବହନ, ସଡ଼କ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଛନ୍ତି।

## ପୋଲିସ ଏସ୍‌ଆଇ ...

ତେଣୁ ଏହି ଗମ୍ଭୀର ମାମଲାର ତଦନ୍ତ କରି ଦୋଷୀ ଅଫିସରମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମହିଳା ଡାକ୍ତର ଉକ୍ତ ଅଭିଯୋଗପତ୍ରରେ ଅନୁରୋଧ କରିଥିଲେ। ପୀଡ଼ିତା ଡାକ୍ତର ଗୁରୁବାର ରାତିରେ ଆତ୍ମହତ୍ୟା କରିବା ପୂର୍ବରୁ ପୁଣେରେ ଥିବା ପ୍ରଶାନ୍ତଙ୍କୁ ଫୋନ୍ କରିଥିଲେ। ଉଭୟଙ୍କ ମଧ୍ୟରେ ମୋବାଇଲ୍‌ରେ କିଛି ସମୟ ଧରି ଚାଟିଂ ମଧ ହୋଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଇତିମଧ୍ୟରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ଭାଇ କହିଛନ୍ତି, ନକଲି ଶବ ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ କରିବାକୁ ଭଉଣୀଙ୍କ ଉପରେ ପ୍ରବଳ ଚାପ ପଡୁଥିଲା। ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉ ନ ଥିବା ରୋଗୀଙ୍କ ପାଇଁ ଫିଟ୍‌ନେସ୍ ସାର୍ଟିଫିକେଟ ଦେବାକୁ ମଧ ତାଙ୍କୁ ବାଧ୍ୟ କରାଯାଉଥିଲା। ସେପଟେ ଡାକ୍ତର ଏକ ହୋଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିବା ବିଷୟ ଜଣାପଡ଼ିବା ପରେ ଶୁକ୍ରବାର ରାଜ୍ୟରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ମହିଳାଙ୍କ ହାତ ପାପୁଲିରେ ସୁଇସାଇଡ୍ ନୋଟ୍‌କୁ ଆଧାରକରି କଂଗ୍ରେସ ନେତା ବିଜୟ ନାମଦେବରାଓ ୱାଡେଟ୍ଟିୱାର ଶାସକ ମହାଯୁତି ସରକାରକୁ ଟାର୍ଗେଟ କରିଛନ୍ତି। ବିଜୟ 'X'ରେ ଲେଖିଛନ୍ତି, ରକ୍ଷକ ଯେବେ ଭକ୍ଷକ ସାଜନ୍ତି! ପୋଲିସର କର୍ତ୍ତବ୍ୟ ହେଉଛି ସୁରକ୍ଷା ଦେବା। କିନ୍ତୁ ସେମାନେ ଯଦି ନିଜେ ଜଣେ ମହିଳା ଡାକ୍ତରଙ୍କୁ ଶୋଷଣ କରୁଛନ୍ତି ନ୍ୟାୟ କେମିତି ମିଳିବ ? ବଳାତ୍କାର ଶିକାର ଯୁବତୀ ପୂର୍ବରୁ ଅଭିଯୋଗ କରିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇ ନ ଥିଲା ବୋଲି ବିଜୟ ପ୍ରଶ୍ନ କରିଛନ୍ତି। ମହାଯୁତି ସରକାର ପୋଲିସକୁ ବାରମ୍ବାର ସୁରକ୍ଷା ଦେଉଥିବାରୁ ପୋଲିସ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଥିବା ସେ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ମହାଯୁତି ସରକାରରେ ଥିବା ଭାଜପା ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି କହିଛି। ବିଧାନ ପରିଷଦର ଭାଜପା ସଦସ୍ୟା ଓ ରାଜ୍ୟ ମହିଳା ସଭାନେତ୍ରୀ ଚିତ୍ରା ୱାଘ କହିଛନ୍ତି, ଏହି ଘଟଣା ତାଙ୍କୁ ବ୍ୟଥିତ କରିଛି। ସେ ସତାରା ଏସ୍‌ପିଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏଫ୍‌ଆଇଆର୍ ରୁଜୁ ହୋଇଛି। ଜଣେ ଅଭିଯୁକ୍ତ ସତାରା ବାହାରେ ଅଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ଏକ ପୋଲିସ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ। ସେହିପରି ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଏକନାଥ ଶିନ୍ଦେଙ୍କ ଶିବସେନା ମଧ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ରୂପାଲୀ ଚକନ୍‌କର ମୃତ ଡାକ୍ତରଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଘଟଣାକୁ ସଂଜ୍ଞାନକୁ ନେଇ ସତାରା ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ମହିଳା ଡାକ୍ତର ନିଜ ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଥିବା ପୋଲିସ ଅଧିକାରୀମାନଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ବାତ୍ୟା: ଓଡ଼ିଶାରେ...

୨୯ ପର୍ଯ୍ୟନ୍ତ ଅତ୍ୟନ୍ତ ଅଶାନ୍ତରୁ ଉଚ୍ଚ ହେବାର ସମ୍ଭାବନା ରହିଛି। ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ନେଇ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ଏହିସବୁ ଜିଲା ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ବୌଦ୍ଧ ଜିଲା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ତେବେ ସୋମବାର ୨୭ତାରିଖରେ ରାଜ୍ୟର ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଏବଂ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏହି ସମୟରେ ବିଜୁଳି ଘଡଘଡି ସହିତ ଝଡ ପବନ ବହିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ସତର୍କ କଲେ ଏସ୍‌ଆର୍‌ସି

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ ପକ୍ଷରୁ ରାଜ୍ୟବାସୀଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ବାତ୍ୟା ସମୟରେ ସତର୍କ ରହିବାକୁ ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାର ଜିଲାପାଳଙ୍କୁ ଏସ୍‌ଆର୍‌ସି ଚିଠି କରିଛନ୍ତି। ବିଶେଷକରି ଅରେଞ୍ଜ ଏବଂ ୟେଲୋ ୱାର୍ନିଂ ଦିଆଯାଇଥିବା ଜିଲାଗୁଡ଼ିକୁ ଅଧିକ ସତର୍କ ରହିବାକୁ ହେବ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ପଡିବ। କୁଆପଥର ମାଡ଼ ଓ ବଜ୍ରପାତରୁ ନିଜକୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ଆଶ୍ରୟସ୍ଥଳୀ ଭାବେ ବାଛିବା ନେବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଅକ୍ଟୋବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହୁଥିବାରୁ ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି ଏବଂ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ତୁରନ୍ତ ଫେରିଆସିବାକୁ ସୂଚନା ଜାରି କରାଯାଇଛି।

### ବାତ୍ୟା ନାଁ 'ମୋନ୍ଥା'

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ବାତ୍ୟାର ନାମ ଥାଇ ଭାଷାରେ 'ମୋନ୍ଥା' ରଖାଯିବ। ଥାଇଲାଣ୍ଡରେ ଅର୍ଥାତ୍ ଥାଇ ଭାଷାରେ 'ମୋନ୍ଥା'ର ଅର୍ଥ ସୁଗନ୍ଧିତ ଫୁଲ ବା ସୁନ୍ଦର ଫୁଲ। ବାତ୍ୟାଗୁଡ଼ିକୁ ବିଶ୍ୱ ପାଣିପାଗ ସଂସ୍ଥା ପକ୍ଷରୁ ନାମକରଣ କରାଯାଇଥାଏ। ଟ୍ରପିକାଲ ସାଇକ୍ଲୋନ ପାଇଁ ୧୩ଟି ଦେଶ ନାମକରଣ କରିଥାନ୍ତି। ଏହି ଦେଶଗୁଡ଼ିକ ହେଉଛନ୍ତି ଭାରତ, ବାଂଲାଦେଶ, ଇରାନ, ମାଳଦ୍ୱୀପ, ମ୍ୟାନ୍‌ମାର୍, ଓମାନ, ପାକିସ୍ତାନ, କତାର, ସାଉଦିଆରବ, ଶ୍ରୀଲଙ୍କା, ଥାଇଲାଣ୍ଡ, ୟୁଏଇ ଏବଂ ୟେମେନ। ପ୍ରତି ଦେଶ ବାତ୍ୟାର ନାମକରଣ ପାଇଁ ଏକ ନାମ ତାଲିକା ପ୍ରଦାନ କରିଥାନ୍ତି। ଏହାକୁ ବିଶ୍ୱ ପାଣିପାଗ ସଂସ୍ଥା ବ୍ୟବହାର କରିଥାଏ। ସାଇକ୍ଲୋନକୁ ଚିହ୍ନଟ, ଟ୍ରାକ ଓ ବିପର୍ଯ୍ୟୟ ସଚେତନତା ପାଇଁ ନାମଗୁଡ଼ିକୁ ବ୍ୟବହାର କରାଯାଇଥାଏ। ଓଡ଼ିଶାରେ ମହାବାତ୍ୟା ପରେ ବାତ୍ୟାଗୁଡ଼ିକର ନାମକରଣ କରାଯାଉଛି।

## ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ, ...

ଖାଦ୍ୟ ମହଜୁଦ ଅଛି। ଏହାସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯେଭଳି ଜାରି ରହିବ ସେନେଇ ଶକ୍ତି ବିଭାଗକୁ ବି ଆଲର୍ଟ କରାଯାଇଛି। ଯଦି ବାତ୍ୟା ଭୟଙ୍କର ରୂପ ନିଏ, ସେନେଇ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବାହିନୀକୁ ସଜାଗ ରହିବାକୁ କୁହାଯାଇଛି। ଲଘୁଚାପଜନିତ ବର୍ଷା ସହିତ ସମ୍ଭାବ୍ୟ ବାତ୍ୟା ସ୍ଥିତି ମୁକାବିଲା ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ବ୍ରହ୍ମପୁରରୁ ଅନ୍ୟ ଜେଲକୁ ଯିବେ ପିଣ୍ଟୁ

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୨୪।୧୦(ସୁବାସ ଚନ୍ଦ୍ର ପାଢ଼ୀ)


ଶିବଶଙ୍କର ଦାଶ ଓରଫ ପିଣ୍ଟୁ

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ସେମାନଙ୍କ ମଧ୍ୟରେ ଥିବା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପିଣ୍ଟୁ ଦାଶଙ୍କୁ ବ୍ରହ୍ମପୁରରୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର ନିମନ୍ତେ ବ୍ରହ୍ମପୁର ମଣ୍ଡଳ କାରାଗାର କର୍ତ୍ତୃପକ୍ଷ ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନଙ୍କ କୋର୍ଟରେ ଆବେଦନ କରିଥିଲେ। ଏସ୍‌ଡିଜେଏମ୍ ଏଥିପାଇଁ ଜେଲ କର୍ତ୍ତୃପକ୍ଷଙ୍କୁ ଅନୁମତି ପ୍ରଦାନ କରିଥିବା ଏପିପି ରାଜେନ୍ଦ୍ର ସାବତ ସୂଚନା ଦେଇଛନ୍ତି। ଆସନ୍ତା ୨୭ତାରିଖରେ ପିଣ୍ଟୁଙ୍କୁ ଫୁଲବାଣୀ ଜେଲ ପଠାଯିବାକୁ ସ୍ଥିର ହୋଇଛି। ଅନ୍ୟପଟେ ପିଣ୍ଟୁଙ୍କୁ ଫୁଲବାଣୀ ଜେଲ ନୁହେଁ, ଆଖପାଖର କୌଣସି ଜେଲରେ ରଖିବାକୁ ଅନୁମତି ଦିଆଯାଉ ବୋଲି ତାଙ୍କ ସ୍ତ୍ରୀ ଶୁକ୍ରବାର ଏସ୍‌ଡିଜେଏମ୍ କୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଉକ୍ତ ପିଟିଶନର ଶୁଣାଣି ଶନିବାର ହେବ ବୋଲି ସୂଚନା ମିଳିଛି।

ପୀତବାସ ହତ୍ୟା ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ପିଣ୍ଟୁଙ୍କ ସମେତ ବିଜେଡି ନେତା ମଦନ ମୋହନ ଦଳେଇ ଓ କର୍ପୋରେଟର ମଳୟ ବିଶୋୟୀଙ୍କୁ ମିଶାଇ ମୋଟ ୧୩ ଜଣଙ୍କୁ ପୋଲିସ ଗିରଫ କରିଛି। ସମସ୍ତ ଅଭିଯୁକ୍ତ ଏବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ଏପଟେ ଏହି କାରାଗାରରେ ଶାନ୍ତି ମିଶ୍ର ହତ୍ୟା ମାମଲାର ଅଭିଯୁକ୍ତମାନେ ମଧ୍ୟ ରହୁଛନ୍ତି। ଶାନ୍ତି ମିଶ୍ର ପିଣ୍ଟୁଙ୍କ ପ୍ରମୁଖ ସହଯୋଗୀ ଥିଲେ। ସେହିକ୍ରମରେ ଶାନ୍ତି ମିଶ୍ର ହତ୍ୟା ମାମଲାର ଅଭିଯୁକ୍ତଙ୍କ ସହ ପିଣ୍ଟୁଙ୍କ ପୂର୍ବରୁ ଶତ୍ରୁତା ରହିଛି। ଅନ୍ୟପକ୍ଷରେ ବିକ୍ରମ ଓ ପିଣ୍ଟୁ ମିଳିତ ଭାବେ ପୀତବାସଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ ବୋଲି ପୋଲିସ କହୁଛି। ଏଭଳି ସ୍ଥିତିରେ ପିଣ୍ଟୁ ବ୍ରହ୍ମପୁର ଜେଲରେ ରହିଲେ ସମସ୍ୟା ଉପୁଜିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପଟେ ଜେଲରେ ଥିବା ବିକ୍ରମ, ମଦନ ଓ ମଳୟଙ୍କ କେସ ଲଢ଼ିବା ପାଇଁ ୫୩ ଜଣ ଆଇନଜୀବୀ ଓକିଲାତିନାମା ଦେଇଛନ୍ତି।

# ରାଜନଗର ଥାନା: ଭୂତ ସାକ୍ଷୀରେ ମିଛ ମାମଲା

■ ୨୦୨୩ ନଭେମ୍ବର ୧୩ରେ କେସ ରୁଜୁ ହେଲା
■ ୨୦୨୧ ଏପ୍ରିଲ ୧୮ରେ ମରିଥିବା ଲୋକ ଦେଲେ ସାକ୍ଷୀ
■ ୨୦୨୪ ଅଗଷ୍ଟ ୯ରେ ମାମଲା ଫଲ୍‌ସ ଦର୍ଶାଯାଇଛି

ରାଜନଗର,୨୪।୧୦(ଭାସ୍କର ରାଉତରାୟ)

ରାଜନଗର ଥାନାରେ ଆଇନର ଶାସନ ଭୁଶୁଡ଼ି ପଡ଼ିଛି। ଗୋଟିଏ ଦୁଇ ବୋତଲ ମଦ ଜବତ ହେଲେ ଆମେ ୧୦ ଲିଟର ଜବତ ଦର୍ଶାଇ କୋର୍ଟ ଚାଲାଣ କରୁଥିବା ନେଇ ନିଜେ ଆଇଆଇସି ଖୋଲା ସଭାରେ କହି ଆଇନ ବ୍ୟବସ୍ଥାର ଧ୍ୱଜା ଉଡାଇଥିଲେ। ଏହି ଚର୍ଚ୍ଚା ଥମି ନ ଥିବାବେଳେ ଥାନାରେ କିପରି ସତ ମାମଲାକୁ ମିଛ କରିବାକୁ ଭୂତଙ୍କ ସହାୟତା ନିଆଯାଏ, ତାର ପ୍ରମାଣ ମିଳିଛି। ଥାନାର ଏପରି ମିଛ ତଦନ୍ତ ଓ ଭୂତ ସାକ୍ଷୀ ଘଟଣାକୁ ନେଇ ଅଭିଯୋଗକାରୀ ପୋଲିସ ନାଁରେ କୋର୍ଟରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ରାଜନଗର ଥାନା ଅନ୍ତର୍ଗତ ନଉକୋଣା ଜୟଗୁରୁ ଆଶ୍ରମର ସମ୍ପାଦକ କ୍ଷୀରୋଦ କୁମାର ମଲ୍ଲିକ ୨୦୨୩ନଭେମ୍ବର ୧୩ରେ ଆଶ୍ରମର ଭାଇମାନଙ୍କୁ ମର୍ଡର କରିବାକୁ ଧମକ ଦେଉଥିବା ନେଇ ଅଭିଯୋଗ କରିଥିଲେ। ଆଶ୍ରମରେ ଗୋଟିଏ ଗୋଷ୍ଠୀ ତାଲା ପକାଇବା ଓ ପୋଲିସ ପହଞ୍ଚି ଆଶ୍ରମରେ ତାଲା ଖୋଲିବା ପରେ ଏହି ଘଟଣା ଘଟିଥିଲା। ଥାନାରେ ଦଫା ୪୪୭ , ୧୮୮ , ୫୦୬ରେ ନଂ. ୬୩୨/୨୦୨୩ରେ ମାମଲା ରୁଜୁ ହୋଇଥିଲା। ମାତ୍ର ଥାନାର ସବ୍ ଇନ୍‌ସପେକ୍ଟର ନାରାୟଣ ସାହୁ ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଘଟଣା ମିଛ ବୋଲି ଦର୍ଶାଇ ମାମଲାକୁ ବନ୍ଦ କରିବାକୁ କୋର୍ଟକୁ ୨୦୨୪ ଅଗଷ୍ଟ ୯ରେ ଜଣାଇଛନ୍ତି। ଥାନାର ସବ୍ ଇନ୍‌ସପେକ୍ଟର ସାହୁ ୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଘଟଣା ସପକ୍ଷରେ କୌଣସି ଏଭିଡେନ୍ସ ନ ଥିବାରୁ ମାମଲାକୁ ବନ୍ଦ କରିଦେବାକୁ ଦର୍ଶାଇଛନ୍ତି। ତଦନ୍ତକାରୀ ପୋଲିସ ଅଫିସର କୋର୍ଟକୁ ଦେଇଥିବା ରିପୋର୍ଟରେ ସେହି ଗାଁର ସୁନାକର ପଢ଼ିହାରୀ ୨୦୨୩ ନଭେମ୍ବର ୧୩ରେ ତାଙ୍କ ସମ୍ମୁଖରେ ହାଜର ହୋଇ କ୍ଷୀରୋଦ କୁମାର ମଲ୍ଲିକ ଓ ଗୌରାଙ୍ଗ ବରାଳଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁକ୍ତିତର୍କ ଲାଗିଥିଲେ। କେହି କାହାକୁ ଗାଳିଗୁଲଜ କରିବା ଓ ଧମକ ଚମକ ଦେବା ଆଦି କୌଣସି ଘଟଣା ଘଟି ନ ଥିବା ବୟାନ ଦେଇଥିବା ଦର୍ଶାଇଛନ୍ତି। ସବୁଠୁ ବଡ଼ କଥା ହେଲା ବିନ୍ଧାନାଉକୋଣା ଗାଁର ସୁନାକର ପଢିହାରୀଙ୍କ ୨୦୨୧ ଏପ୍ରିଲ ୧୮ରେ ମୃତ୍ୟୁ ହୋଇଥିଲା। ୨୦୨୧ ଏପ୍ରିଲରେ ମୃତ୍ୟୁବରଣ କରିଥିବା ସୁନାକର କିପରି ଥାନାରେ ୨୦୨୩ ନଭେମ୍ବର ୧୩ରେ ଅର୍ଥାତ ମୃତ୍ୟୁର ୩୧ ମାସ ପରେ ସାକ୍ଷୀ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ପୋଲିସ ଠିକ୍ ତଦନ୍ତ ନ କରି କିପରି ଭୂତ ସାକ୍ଷୀରେ ଘଟଣା ସପକ୍ଷରେ କୌଣସି ପ୍ରମାଣ ନ ଥିବାରୁ ମାମଲା ବନ୍ଦ କରିବାକୁ କୋର୍ଟକୁ ଜଣାଇଥିଲେ, ଏହି ଘଟଣା ସବୁ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଏ ସମ୍ପର୍କରେ ଜାଣିବା ପରେ ଅଭିଯୋଗକାରୀ କ୍ଷୀରୋଦ କୁମାର ମଲ୍ଲିକ ରାଜନଗର କୋର୍ଟରେ ଆଉ ଏକ ମାମଲା ରୁଜୁ କରିଛନ୍ତି। ପୋଲିସ ମୃତ ଲୋକଙ୍କୁ ସାକ୍ଷୀ ଭାବେ ଦର୍ଶାଇ ମାମଲାକୁ ଫଲ୍‌ସ କରିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଇନଜୀବୀ ଦେବଦତ୍ତ ସେଠୀଙ୍କୁ ପଚାରିବାରୁ ପୋଲିସ ମୃତ ଲୋକଙ୍କୁ ସାକ୍ଷୀ ଭାବେ ଦର୍ଶାଇବା ଧର୍ତ୍ତବ୍ୟ ଅପରାଧ। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ୧୨୮ ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ

ଜଳେଶ୍ୱର,୨୪।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ଅଧୀନ ଅଞ୍ଚଳରେ ପୋଲିସ ବୁଧବାର ଓ ଗୁରୁବାର ଚଢ଼ାଉ କରି ୧୨୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି।

ବୁଧବାର ରାତି ୮ଟାରେ ଜଳେଶ୍ୱର ପୋଲିସ ସହର ଉପକଣ୍ଠସ୍ଥ ଏକ ବାଇକ୍ ଶୋ'ରୁମ୍ ନିକଟରୁ ୩୫ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯିବା ସହ ୨ ଯୁବକଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମହମ୍ମଦନଗରପାଟଣା ପଞ୍ଚାୟତ ସେଖସରାଇ ଗାଁର ଓ ଷ୍ଟେସନ ବଜାର ଅଞ୍ଚଳର। ସେମାନଙ୍କଠାରୁ ୩ଟି ମୋବାଇଲ ସହ ଏକ କାର୍(ନଂ. ଓଡ଼ି୦୧ଏପି-୮୭୯୨) ଜବତ ହୋଇଛି। ଏନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ. ୪୮୩/୨୫) ରୁଜୁ ହୋଇଛି। ସେହିପରି ଗୁରୁବାର ପୂର୍ବାହ୍ନ ୧୦ଟାରେ ଅଗ୍ରୱାଲା ବାଇପାସ୍ ନିକଟରୁ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରି ୯୫ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଗିରଫ ଯୁବକଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଅଞ୍ଚଳରେ। ଏ ନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ. ୪୮୪/୨୫) ରୁଜୁ କରି ପୋଲିସ ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରିଛି।

## ସ୍ୱାମୀ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ଉଦଳା,୨୪।୧୦
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ପାତାସାହି ଗ୍ରାମରେ ଘରୋଇ କଳହକୁ କେନ୍ଦ୍ରକରି ଉତ୍ତ୍ୟକ୍ତ ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଗୁରୁବାରୀ ପୂର୍ତ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଭଞ୍ଜ ପୂର୍ତ୍ତିଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ. ୯୯/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତି ୮ଟାରେ ଭଞ୍ଜ କାମରୁ ଘରକୁ ଫେରିଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଗୁରୁବାରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଉତ୍ତ୍ୟକ୍ତ ଭଞ୍ଜ ଏକ କାଠଫାଳିଆରେ ଗୁରୁବାରୀଙ୍କ ମୁଣ୍ଡକୁ ପିଟିବାରୁ ସେ ଗୁରୁତର ହେବାରୁ ଚିକିତ୍ସା ପାଇଁ ମେଡିକାଲ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ମହିଳା ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର,୨୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଏଡିଜେ କୋର୍ଟରେ ମହିଳାଙ୍କୁ ହତ୍ୟା ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ମାମଲାର ବିଚାର କରି ଘଟଗାଁ ଥାନା ଅନ୍ତର୍ଗତ ବନ୍ଧସାହି ଗ୍ରାମର ସାଧୁ ଦାସ(୨୭)ଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସ ସଶ୍ରମ ଜେଲଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୭ ଏପ୍ରିଲ ୨୦୧୯ରେ ଗୁରୁବାରୀ ଦାସ(୧୯)ଙ୍କୁ ତାଙ୍କ ସମ୍ପର୍କୀୟ ସାଧୁ ଦାସ ମାଂସ ତରକାରି ରୋଷେଇ କରିଦେବାକୁ ଡାକିଥିଲେ। ମାଂସ ତରକାରି ରାନ୍ଧି ଗୁରୁବାରୀ ନିଜ ଘରକୁ ଫେରିଯାଇଥିଲେ। ସାଧୁ ରାତି ୧୦ଟାରେ ଗୁରୁବାରୀଙ୍କ ଘରକୁ ଆସି ଗୁରୁବାରୀଙ୍କ ମାଆ ରୁଦେଇ ଦାସଙ୍କୁ ପୁଅ ଗୋଲ ଦାସ ତାଙ୍କ ଘରୁ ପଇସା ଆଣିଛି କି ବୋଲି ପଚାରିଥିଲେ। ଗୁରୁବାରୀ ଓ ତାଙ୍କ ମାଆ ରୁଦେଇ ମନା କରିବାରୁ ଅଭିଯୁକ୍ତ ସାଧୁ ଏକ କୁରାଢ଼ି ଆଣି ରୁଦେଇଙ୍କ ବେକକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଗୁରୁବାରୀ ଘଟଗାଁ ଥାନାରେ ଅଭିଯୋଗ କରିଥିଲେ। ଘଟଗାଁ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଶୁକ୍ରବାର ସମସ୍ତ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଥିବା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଆଡିଶନାଲ ପିପି ପ୍ରଫୁଲ୍ଲ ପାତ୍ର ସୂଚନା ଦେଇଛନ୍ତି।

# ପୋଲିସକୁ ମାଡ଼: ଏସ୍‌ଆଇ, କନଷ୍ଟେବଲ ଆହତ

ଛେଣ୍ଡିପଦା,୨୪।୧୦(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ପୋଲିସକୁ ଶୁକ୍ରବାର ସ୍ଥାନୀୟ କୋଇଲା ଡିପୋ ନିକଟରେ ଏକ କମ୍ପାନୀର କେତେଜଣ କର୍ମଚାରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ଏସ୍‌ଆଇ ଲଳିତ ମୋହନ ବିଶ୍ୱାଳ ଓ କନଷ୍ଟେବଲ ରମାକାନ୍ତ ମାଝୀ ଆହତ ହୋଇଛନ୍ତି। ସେମାନଙ୍କ ଏକ ବାଇକ୍‌କୁ ଭାଙ୍ଗି ଦିଆଯାଇଛି। ତେବେ ମାଡ଼ ମାରିବାର କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ଜରପଡ଼ା ଷ୍ଟେଶନରୁ ଟ୍ରେନ୍ ମାଧ୍ୟମରେ କୋଇଲା ପରିବହନକୁ ନେଇ ଦୀର୍ଘ ଦିନ ହେଲା ବିବାଦ ଲାଗିରହିଛି। ସନ୍ଧ୍ୟାରେ ଏସ୍‌ଆଇ ଲଳିତ ମୋହନ ଓ କନଷ୍ଟେବଲ ରମାକାନ୍ତ ମୋଟର ସାଇକେଲରେ ଦୁର୍ଗାପୁର ଅଞ୍ଚଳରୁ ଫେରୁଥିବା ବେଳେ କୋଇଲା ଡିପୋକୁ ନେଇ ହୋଇଥିବା ବିବାଦ ସ୍ଥାନକୁ ଯାଇଥିଲେ। ଏହି ସମୟରେ ଏକ କମ୍ପାନୀର କେତେଜଣ କର୍ମଚାରୀ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ଥାନା ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଆହତ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରିବା ସହ ଦୁଇ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି ତଦନ୍ତ କରାଯାଉଥିବା ଥାନା ଅଧିକାରୀ ମନୋଜ ପ୍ରଧାନ ପ୍ରକାଶ କରିଛନ୍ତି।

## ନାବାଳିକାଙ୍କୁ ଗଣବଳାତ୍କାର

ପୁରୀ,୨୪।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଚନ୍ଦନପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ରାତିରେ ଘରେ ଏକାକୀ ଥିବାବେଳେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଶୁକ୍ରବାର ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତଦ୍ୱୟଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କ ସମ୍ପର୍କୀୟ ଭାଇ ଏବଂ ଅନ୍ୟ ଜଣେ ସମ୍ପର୍କୀୟ ଦାଦା ବୋଲି ଜଣାପଡ଼ିଛି।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ସୁନ୍ଦରଗଡ଼,୨୪।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଧରୁଆଡିହୀ ଥାନା ପୋଲିସ ଶୁକ୍ରବାର ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାବୁପଡା ଗ୍ରାମର ବୈକୁଣ୍ଠ ତାଜନ(୪୪)। ଧରୁଆଡିହୀ ଥାନା ପୋଲିସ ମାମଲା ନଂ. ୨୧୩/୨୫ ରୁଜୁ ସହ ତାଙ୍କୁ କୋର୍ଟ ଚାଲାଣ କରି ଘଟଣାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ବିବାହିତ ତାଜନ ତାଙ୍କ ପଡ଼ୋଶୀ ଯୁବତୀଙ୍କୁ ହତ୍ୟା ଭୟ ଦେଖାଇ ୩ରୁ ୪ ଥର ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଜଣକ ଗୁରୁବାର ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତା ୭ ମାସର ଗର୍ଭବତୀ ଥିବା ଡାକ୍ତରୀ ରିପୋର୍ଟ ଓ ପୋଲିସ ତଦନ୍ତ ପରେ ଜଣାପଡ଼ିଛି।

## Business

# ବିଦ୍ୟୁତୀକରଣ କ୍ଷମତା ବୃଦ୍ଧି କରୁଛି ପୂର୍ବତଟ ରେଳପଥ

### ହାଇସ୍ପିଡ୍, ମାଲ ପରିବହନକୁ ପ୍ରୋତ୍ସାହନ

ଭୁବନେଶ୍ୱର,୨୪।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଏହାର ନେଟ୍‌ୱର୍କର ପ୍ରମୁଖ ଅଂଶଗୁଡ଼ିକରେ ୨X୨୫ କେଭି ଓଭରହେଡ୍ ବିଦ୍ୟୁତୀକରଣ ସିଷ୍ଟମ ପ୍ରଚଳନ ସହ ଏହାର ଉନ୍ନତ ବିଦ୍ୟୁତୀକରଣ ଭିତ୍ତିଭୂମିର ବିସ୍ତାର ଆରମ୍ଭ କରିଛି। ଏହି ପଦକ୍ଷେପ ଭୋଲ୍ଟେଜ ନିୟନ୍ତ୍ରଣକୁ ଉନ୍ନତ କରିବା, ସେମି ହାଇସ୍ପିଡ୍ ଟ୍ରେନ୍‌ଗୁଡ଼ିକ ପାଇଁ ସୁଗମ କାର୍ଯ୍ୟ ସୁନିଶ୍ଚିତକରି ଅତ୍ୟଧିକ ଲୋଡ୍ ହୋଇଥିବା ମାଲ ପରିବହନ ଟ୍ରେନ୍‌ଗୁଡ଼ିକର ଗତିକୁ ସହଜ କରିବା ଏବଂ ସିଷ୍ଟମରେ ସ୍ଥିର ଭୋଲ୍ଟେଜ ସ୍ତର ବଜାୟ ରଖିବା ଲକ୍ଷ୍ୟ ରଖିଛି। ୩,୦୦୦ ନିୟୁତ ଟନ୍ ମାଲ ପରିବହନ କ୍ଷମତା ହାସଲକରିବା ଏବଂ ବନ୍ଦେ ଭାରତ ଏକ୍ସପ୍ରେସ୍ ଭଳି ହାଇସ୍ପିଡ୍ ଟ୍ରେନ୍ ପ୍ରଚଳନକୁ ପ୍ରୋତ୍ସାହନ କରିବା ପାଇଁ ବର୍ତ୍ତମାନର ୧ X୨୫ କେଭି ଓଏଚ୍ଇ ସିଷ୍ଟମକୁ ଅଧିକ ଦକ୍ଷ ୨ X ୨୫ କେଭି ସିଷ୍ଟମରେ ଅପ୍‌ଗ୍ରେଡ୍ କରାଯାଉଛି। ଏହି ଉନ୍ନତ ସିଷ୍ଟମ ଅଧୀନରେ ଲାଇନ ସହ ୫୦ କେଭିରେ ବିଦ୍ୟୁତ୍ ପରିବହନ କରାଯାଏ ଏବଂ ଟ୍ରେନ୍‌କୁ ଯୋଗାଣ ପାଇଁ ଏହାକୁ ୨୫ କେଭିକୁ ହ୍ରାସ କରାଯାଏ। ଏହି ସିଷ୍ଟମଟି ୫୦ କେଭି ଟ୍ରାନ୍ସଫର୍ମର ଏବଂ ମଧ୍ୟବର୍ତ୍ତୀ ଅଟୋଟ୍ରାନ୍ସଫର୍ମର ସହ ସଜ୍ଜିତ ଟ୍ରାକ୍ସନ ସବ୍‌ଷ୍ଟେଶନ ମାଧ୍ୟମରେ କାର୍ଯ୍ୟକରେ। ପୂର୍ବରୁ ଭଦ୍ରକ-ଖୋର୍ଦ୍ଧା ରୋଡ୍, ପଲାସା-ବିଜୟନଗରମ, କଟକ-ପାରାଦୀପ, କଟକ-ତାଳଚେର-ଅନୁଗୋଳ ଏବଂ ବିଜୟନଗରମ-ରାୟଗଡ଼ା ସମେତ ଅନେକ ସେକ୍ସନରେ ୧ X ୨୫ କେଭିରୁ ୨ X ୨୫ କେଭି ଓଏଚ୍ଇକୁ ଉନ୍ନତୀକରଣ ଆରମ୍ଭ କରିସାରିଛି। ଏହି ପ୍ରକଳ୍ପଗୁଡ଼ିକ ୨୦୨୭-୨୮ ସୁଦ୍ଧା ପର୍ଯ୍ୟାୟକ୍ରମେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଟ୍ରାକ୍ସନ କ୍ଷମତା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ପାଇଁ ୪୬୮.୩୮ କୋଟି ମୂଲ୍ୟରେ ଖୋର୍ଦ୍ଧାରୋଡ୍ ଡିଭିଜନ ଅଧୀନରେ ଖୋର୍ଦ୍ଧା ରୋଡ୍-ପଲାସା ଡବଲ ଲାଇନ ସେକ୍ସନର ଉନ୍ନତୀକରଣ କରିବ। ଏହି ସେକ୍ସନ ଭାରତୀୟ ରେଳପଥର ସ୍ୱର୍ଣ୍ଣ ଚତୁର୍ଭୁଜ ରୁଟ୍‌ର କୋଲକାତା-ଚେନ୍ନାଇ କରିଡରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗଠନକରି ହାଇସ୍ପିଡ୍ କୋଚିଂ ଟ୍ରେନ ଏବଂ ଭାରୀ ମାଲପରିବହନ ଉଭୟକୁ ପରିଚାଳନା କରେ। ଏହା ଗୋପାଳପୁର ପୋର୍ଟସ ଲିମିଟେଡ୍ ଏବଂ ଇଣ୍ଡିଆନ ରେଆର୍ ଆର୍ଥସ୍ ଲିମିଟେଡ୍ ଭଳି ପ୍ରମୁଖ ଶିଳ୍ପ ସାଇଡିଂକୁ ମଧ୍ୟ ସଂଯୋଗକରେ। ଏହି ସେକ୍ସନରେ ୨ x ୨୫ କେଭି ଟ୍ରାକ୍ସନ ସିଷ୍ଟମ କାର୍ଯ୍ୟକାରୀ କରାଯାଇବା ଫଳରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇବ। ଦ୍ରୁତ ଏବଂ ଭାରୀ ଟ୍ରେନ ଚଳାଚଳକୁ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି।

# ପତଞ୍ଜଳିର ଏମରଜେନ୍ସି ଓ କ୍ରିଟିକାଲ କେୟାର ହସ୍ପିଟାଲ




ଭୁବନେଶ୍ୱର,୨୪।୧୦

ପତଞ୍ଜଳି ଯୋଗପୀଠରେ ଅତ୍ୟାଧୁନିକ ପତଞ୍ଜଳି ଇମରଜେନ୍ସି ଓ କ୍ରିଟିକାଲ କେୟାର ହସ୍ପିଟାଲର ଅନୌପଚାରିକ ଉଦ୍‌ଘାଟନ ହୋଇଯାଇଛି। ଯୋଗଗୁରୁ ରାମଦେବ ଓ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଉପସ୍ଥିତିରେ ଯଜ୍ଞ ଓ ବେଦମନ୍ତ୍ର ସହ ଏହା ଆରମ୍ଭ ହୋଇଛି। ଏହି ଅବସରରେ ରାମଦେବ କହିଛନ୍ତି, ଏହା ଚିକିତ୍ସା ବିଜ୍ଞାନର ନୂଆ ଅଧ୍ୟାୟ। ଦିଲ୍ଲୀ-ଏନ୍‌ସିଆର୍‌ରେ ଏମ୍‌ସ, ଆପୋଲୋ ଓ ମେଦାନ୍ତାଠାରୁ ବଡ଼ ହସ୍ପିଟାଲ ଶୀଘ୍ର ଆସିବ। ଏହା କର୍ପୋରେଟ ନୁହେଁ, ସେବାମୂଳକ ହସ୍ପିଟାଲ ହେବ। ଆୟୁର୍ବେଦ, ମଡର୍ନ ମେଡିସିନ ଓ ପ୍ରାକୃତିକ ଚିକିତ୍ସାର ଏକକୀକୃତ ଚିକିତ୍ସା ପଦ୍ଧତି ମାଧ୍ୟମରେ ରୋଗୀଙ୍କୁ ସୁସ୍ଥ କରାଯିବ। ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ମଡର୍ନ ମେଡିସିନର ୨୦% ଓ ପାରମ୍ପରିକ ଚିକିତ୍ସାର ୮୦% ମିଶାଇ ଚିକିତ୍ସା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରାଯିବ। ହସ୍ପିଟାଲରେ ବ୍ରେନ୍, ହାର୍ଟ, ସ୍ପାଇନ ସର୍ଜରି ସହ ଏମ୍‌ଆର୍‌ଆଇ, ସିଟି ସ୍କାନ, ଏକ୍ସ-ରେ, ଅଲଟ୍ରାସାଉଣ୍ଡ ଓ ପାଥୋଲୋଜିକାଲ ଯାଞ୍ଚ ସୁବିଧା ରହିଛି। ରୋଗୀମାନେ ମହଙ୍ଗା ପ୍ୟାକେଜ ବୋଝରୁ ମୁକ୍ତ ହେବେ। ପତଞ୍ଜଳିର ଅନୁସନ୍ଧାନ କେନ୍ଦ୍ର ଓ ଏକୀକୃତ ଚିକିତ୍ସା ପଦ୍ଧତି ଏହାକୁ ବିଶେଷ କରୁଛି।

# ଆମେରିକାରୁ ଜିଏମ୍ ସୋୟାବିନ୍ ଡିଓସି ଆମଦାନୀ ବନ୍ଦ ଦାବି

ଭୁବନେଶ୍ୱର,୨୪।୧୦(ଅନୁରାଧା ମହାରଣା)

ସୋୟାବିନ୍ ପ୍ରୋସେସର୍ସ ଆସୋସିଏସନ (ସୋପା) କେନ୍ଦ୍ର ସରକାରଙ୍କୁ ଆମେରିକାରୁ ଜେନେଟିକ୍ ମଡିଫାଏଡ୍ (ଜିଏମ) ସୋୟାବିନ୍ ଡି-ଅଏଲ୍ଡ କେକ୍ (ଡିଓସି) ଆମଦାନୀ ବନ୍ଦ କରିବାକୁ ଦାବି କରିଛି। ସୋପାର କହିବା ଅନୁସାରେ, ଦେଶରେ ପର୍ଯ୍ୟାପ୍ତ ଘରୋଇ ଉତ୍ପାଦନ ଥିବାରୁ ଏପରି ଆମଦାନିର ଆବଶ୍ୟକତା ନାହିଁ। ସୋପା ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲଙ୍କୁ ଲେଖିଥିବା ଚିଠିରେ କହିଛି, ଚଳିତ ବିପଣନ ବର୍ଷ (ଅକ୍ଟୋବର ୨୦୨୫-ସେପ୍ଟେମ୍ବର ୨୦୨୬) ପାଇଁ ଦେଶରେ ପର୍ଯ୍ୟାପ୍ତ ଷ୍ଟକ୍ ରହିଛି। ଜିଏମ୍ ସୋୟାବିନ୍ ଡିଓସି ଆମଦାନୀ ଅନୁମତି ମିଳିଲେ ଭାରତୀୟ କୃଷକ ଓ ଉଦ୍ୟୋଗ ଉଭୟଙ୍କ ପାଇଁ କ୍ଷତିକାରକ ହେବ। କୃଷକମାନେ ଏବେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରୁ କମ୍ ଦାମ୍‌ରେ ଫସଲ ବିକ୍ରି କରୁଛନ୍ତି। ଶସ୍ତା ବିଦେଶୀ ଜିଏମ୍ ଡିଓସି ବଜାରରେ ଆସିଲେ ସୋୟାବିନ୍ ଦର ଆହୁରି ଖସିବ, ଯାହା କୃଷକଙ୍କ ଆୟ ହ୍ରାସକରି ଖେତିକୁ କ୍ଷତିକାରକ କରିବ। ସୋପା କହିଛି, ଏହି ଆମଦାନି ଭାରତୀୟ ସୋୟାବିନ୍ ପ୍ରକ୍ରିୟାକରଣ ଉଦ୍ୟୋଗ ଉପରେ ବଡ଼ ପ୍ରଭାବ ପକାଇବ। ଏହା 'ଆତ୍ମନିର୍ଭର ଭାରତ' ନୀତିକୁ ମଧ୍ୟ କ୍ଷତି ପହଞ୍ଚାଇବ। ଭାରତ ବିଶ୍ୱରେ ନନ୍-ଜିଏମ୍ ସୋୟାବିନ୍ ଉତ୍ପାଦ ପାଇଁ ପରିଚିତ। ଅନେକ ଦେଶ କେବଳ ପ୍ରାକୃତିକ ଓ ନନ୍-ଜିଏମ୍ ଉତ୍ପାଦ କିଣୁଛନ୍ତି। ଜିଏମ୍ ଉତ୍ପାଦକୁ ଅନୁମତି ଦେଲେ ଭାରତର ଏହି ପରିଚୟ ଦୁର୍ବଳ ହେବ। ସୋପା ସରକାରଙ୍କୁ ଅନୁରୋଧ କରିଛି, ଜିଏମ୍ ସୋୟାବିନ୍ ଡିଓସିକୁ କୌଣସି ବାଣିଜ୍ୟ ଚୁକ୍ତି କିମ୍ବା ଆମଦାନୀ ଅନୁମତିରୁ ବାଦ୍ ଦିଆଯାଉ। ଦେଶର ନନ୍-ଜିଏମ୍ କୃଷି ଓ ପ୍ରକ୍ରିୟାକରଣ ବ୍ୟବସ୍ଥାର ସୁରକ୍ଷା କରାଯାଉ।


## ସ୍ୱାଗତ କରନ୍ତୁ ଏପରି ସମୃଦ୍ଧିକୁ ଯାହା ଦୀପାବଳି ପରେ ମଧ ବଜାୟ୍ ରହିବ

ଦୀପାବଳି ବର୍ଷର ସବୁଠାରୁ ଶୁଭ ସମୟ ମଧ୍ୟରୁ ଅନ୍ୟତମ, ଯାହା ନୂତନ ଶୁଭାରମ୍ଭକୁ ଉତ୍ସାହିତ କରିଥାଏ। ଆପଣଙ୍କ ଘରେ ଆଲୋକକୁ ଆମନ୍ତ୍ରଣ କରିବା ଏବଂ ମାନସିକ ଓ ଆର୍ଥିକ ଦୃଷ୍ଟିରୁ ଆପଣଙ୍କ ଜୀବନରେ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସମ୍ଭାବନାକୁ ଆପଣାଇବା ପାଇଁ ଏହା ଏକ ପ୍ରକୃଷ୍ଟ ସମୟ। ଦୀପାବଳି ପାରମ୍ପରିକ ଭାବରେ ସମୃଦ୍ଧି, ପ୍ରାଚୁର୍ଯ୍ୟ ଏବଂ ଧନ ସହିତ ଜଡ଼ିତ। ବଦଳୁଥିବା ସମୟ ସହିତ, ସେହି ଉପାଦାନଗୁଡ଼ିକୁ ବାସ୍ତବରେ ହାସଲ କରିବା ଦିଗରେ ଆପଣ ଠିକ୍ ପଦକ୍ଷେପ ନେବା ଆବଶ୍ୟକ।

### ଆଜିର ଦୁନିଆରେ ସମୃଦ୍ଧିର ଅର୍ଥ କ'ଣ

ସମୟ ସହିତ ସମୃଦ୍ଧିର ଅର୍ଥ ମଧ ବଦଳିଆସିଛି। ବର୍ତ୍ତମାନ ତାହା କେବଳ ସୁନା କିମ୍ବା ନଗଦ ଜମା ପରି ଭୌତିକ ସମ୍ପତ୍ତି ମଧ୍ୟରେ ସୀମିତ ନୁହେଁ। ସମୃଦ୍ଧି ବାସ୍ତବପକ୍ଷରେ ଆର୍ଥିକ ସୁରକ୍ଷା ଏବଂ ସ୍ୱାଧୀନତାରେ ନିହିତ ହୋଇଥାଏ। ଅର୍ଥାତ୍, ଏହା ହେଉଛି ଆପଣଙ୍କର ଲକ୍ଷ୍ୟକୁ ସମର୍ଥନ କରିବା, ଜୀବନର ଅନିଶ୍ଚିତତା ସହ ମୁକାବିଲା କରିବା ଏବଂ ମାନସିକ ଶାନ୍ତି ଉପଭୋଗ କରିବାର ସାମର୍ଥ୍ୟ।

ଏହିପରି ସମୃଦ୍ଧି ଗଢ଼ିବା ପାଇଁ ସୁଚିନ୍ତିତ ଯୋଜନା, ନିୟମିତ ସଞ୍ଚୟ ଏବଂ ନିରନ୍ତର ବିନିଯୋଗ ଆବଶ୍ୟକ ହୋଇଥାଏ। ମ୍ୟୁଚୁଆଲ ଫଣ୍ଡରେ ନିବେଶ ହେଉ କି ଇକ୍ୱିଟି ଏବଂ ଡେଟ୍ ଇନଷ୍ଟ୍ରୁମେଣ୍ଟ କିମ୍ବା ଅନ୍ୟାନ୍ୟ ନିୟନ୍ତ୍ରିତ ବିକଳ୍ପ ମାଧ୍ୟମରେ ହେଉ, ପ୍ରତ୍ୟେକ ଶୃଙ୍ଖଳିତ ପଦକ୍ଷେପ ଆପଣଙ୍କୁ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାର ନିକଟତର ହେବାରେ ସାହାଯ୍ୟ କରେ।

ଧୈର୍ଯ୍ୟ ଏବଂ ନିରନ୍ତରତା ସହିତ ନିବେଶ କେବଳ ଏକ ଆର୍ଥିକ କାର୍ଯ୍ୟ ନୁହେଁ ବରଂ ଏକ ଅଭ୍ୟାସରେ ପରିଣତ ହୋଇଯାଏ। ଏହା ପାର୍ବଣ ପରେ ମଧ ଆପଣଙ୍କ ଧନ ଯେପରି ଆପଣଙ୍କ ପାଇଁ କାମ କରିବା ଜାରି ରଖିବ ତାହା ସୁନିଶ୍ଚିତ କରିଥାଏ।

### ଲକ୍ଷ୍ମୀ ପୂଜା ଉପରେ ଏକ ଆଧୁନିକ ଦୃଷ୍ଟିକୋଣ

ପରମ୍ପରାକୁ ସମ୍ମାନ ଦେବାର ଅର୍ଥ ଏହା ନୁହେଁ ଯେ ଆମେ ସେଗୁଡ଼ିକୁ ପଛରେ ଛାଡ଼ି ଆଗକୁ ବଢ଼ିଯିବା; ବରଂ ତାହାର ସାରମର୍ମକୁ ଆଧୁନିକ ଜୀବନରେ ସନ୍ନିବିଷ୍ଟ କରିବା। ଏହି ଦୀପାବଳିରେ, ମା' ଲକ୍ଷ୍ମୀଙ୍କ କୃପାକୁ ଆମନ୍ତ୍ରଣ କରିବା ପାଇଁ ପାରମ୍ପରିକ ରୀତିନୀତି ସହିତ ନିଜର ଆର୍ଥିକ ମୂଳଦୁଆକୁ ମଜଭୁତ କରିବା ପାଇଁ ମଧ ବ୍ୟାବହାରିକ ପଦକ୍ଷେପ ନିଅନ୍ତୁ।


ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

ନିଜର ବ୍ୟକ୍ତିଗତ ଆର୍ଥିକ ଅଭ୍ୟାସରେ ପାରମ୍ପରିକ ବିଜ୍ଞତାକୁ କେମିତି ସାମିଲ କରିବେ:

- **ଆପଣଙ୍କ ଆର୍ଥିକ ଜୀବନକୁ ପରିଚ୍ଛନ୍ନ କରନ୍ତୁ:** ଦୀପାବଳି ପୂର୍ବରୁ ଯେମିତି ଆପଣ ନିଜ ଘରକୁ ସଫା କରନ୍ତି, ସେହିପରି ଆପଣଙ୍କର ଖର୍ଚ୍ଚଗୁଡ଼ିକର ସମୀକ୍ଷା କରନ୍ତୁ, ବକେୟା ବିଲ୍‌ଗୁଡ଼ିକୁ ପୈଠ କରନ୍ତୁ ଏବଂ ଆପଣଙ୍କର ଆର୍ଥିକ ଦସ୍ତାବିଜଗୁଡ଼ିକୁ ବ୍ୟବସ୍ଥିତ କରନ୍ତୁ। ଅଧିକ ଦକ୍ଷତାର ସହିତ ସଞ୍ଚୟ ଏବଂ ନିବେଶ କରିବାର ଉପାୟଗୁଡ଼ିକୁ ଚିହ୍ନଟ କରନ୍ତୁ।
- **ଖର୍ଚ୍ଚ ଅପେକ୍ଷା ସଞ୍ଚୟକୁ ପ୍ରାଥମିକତା ଦିଅନ୍ତୁ:** ସଞ୍ଚୟ ଧନ ସୃଷ୍ଟିର ଆଧୁନିକ ଉପାୟ ଅଟେ। ମନଇଚ୍ଛା ଖର୍ଚ୍ଚ ପାଇଁ ପାଣ୍ଠି ଆବଣ୍ଟନ କରିବା ପୂର୍ବରୁ ଆପଣଙ୍କ ଆୟର ଏକ ନିର୍ଦ୍ଦିଷ୍ଟ ପ୍ରତିଶତକୁ ସଞ୍ଚୟ ଏବଂ ନିବେଶ ପାଇଁ ଅଲଗା କରି ରଖନ୍ତୁ।
- **ଲକ୍ଷ୍ୟର ସହିତ ନିବେଶ କରନ୍ତୁ:** ଏକ ବ୍ୟବସ୍ଥିତ ନିବେଶ ଯୋଜନା (ଏସ୍.ଆଇ.ପି.) କିମ୍ବା ଆବଧିକ ଏକକାଳୀନ ଅବଦାନ ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡରେ ନିୟମିତ ନିବେଶ କରି ଆପଣଙ୍କ ଅର୍ଥକୁ ଆପଣଙ୍କ ପାଇଁ କାମ କରିବାକୁ ଦିଅନ୍ତୁ। ଏପରିକି କମ୍ ପରିମାଣର ଓ ନିୟମିତ ନିବେଶ ମଧ ଚକ୍ରବୃଦ୍ଧିର ଶକ୍ତି ମାଧ୍ୟମରେ ସମୟ ସହିତ ଆପଣଙ୍କ ଧନକୁ ଅପେକ୍ଷାକୃତ ବୃଦ୍ଧି କରିପାରେ।
- **ପ୍ରତିବର୍ଷ ଆପଣଙ୍କ ପୋର୍ଟଫୋଲିଓର ସମୀକ୍ଷା କରନ୍ତୁ:** ନିଜର ପୋର୍ଟଫୋଲିଓକୁ ସମୀକ୍ଷା କରିବାର କାର୍ଯ୍ୟକୁ ଦୀପାବଳିର ଏକ ପ୍ରଥାରେ ପରିଣତ କରନ୍ତୁ। ଆପଣଙ୍କର ଆସେଟ୍ ଆଲୋକେସନ୍ ଆପଣଙ୍କ ଆର୍ଥିକ ଲକ୍ଷ୍ୟ ସହ ଖାପ ଖାଉଛି କି ନାହିଁ ତାହାର ମୂଲ୍ୟାୟନ କରନ୍ତୁ ଓ ଆପଣଙ୍କର ଆୟ ବଢ଼ିବା ସହିତ ଧୀରେ ଧୀରେ ନିଜର ନିବେଶ ପରିମାଣକୁ ମଧ ବୃଦ୍ଧି କରନ୍ତୁ।

ନିଜର ଦୀପାବଳି ବୋନସ୍‌ର ଏକ ଅଂଶକୁ ନିଜର ଆର୍ଥିକ ଯୋଜନାକୁ ସୁଦୃଢ଼ କରିବା ପାଇଁ ବ୍ୟବହାର କରନ୍ତୁ - ତାହା ଦୀର୍ଘମିଆଦୀ ଲକ୍ଷ୍ୟ ହୋଇପାରେ, ଜରୁରିକାଳୀନ ପାଣ୍ଠି ହୋଇପାରେ କିମ୍ବା ପିଲାଙ୍କ ଶିକ୍ଷା ପାଇଁ ସଞ୍ଚୟ ହୋଇପାରେ।

### ସାରାଂଶ

ଆପଣଙ୍କ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଆପଣଙ୍କର ସୁରକ୍ଷା ଓ ଆତ୍ମବିଶ୍ୱାସକୁ ସୁନିଶ୍ଚିତ କରିବା ପାଇଁ ଏକ ମୂଳଦୁଆ ଗଠନ କରିବା ହିଁ ପ୍ରକୃତ ସମୃଦ୍ଧି ଅଟେ। ନିରବଚ୍ଛିନ୍ନ ଭାବେ ନିବେଶ କରି ଆପଣ ନିଜର ଆର୍ଥିକ ସ୍ୱାଧୀନତାକୁ ବଜାୟ ରଖିପାରିବେ, ନିଜର ସ୍ୱପ୍ନଗୁଡ଼ିକୁ ସାକାର କରିପାରିବେ ଏବଂ ଆପଣଙ୍କ ସଫଳତାରୁ ନିଜର ପ୍ରିୟଜନଙ୍କୁ ମଧ ଲାଭାନ୍ୱିତ କରିପାରିବେ। ବିଜ୍ଞତାର ସହ ଓ ନିୟମିତ ଭାବେ ନିବେଶ କରି ଆପଣ ନିଜ ପାଇଁ ଏପରି ଧନ ସଞ୍ଚୟ କରିବାରେ ସକ୍ଷମ ହୋଇଥାନ୍ତି ଯାହା ପାର୍ବଣର କ୍ଷଣସ୍ଥାୟୀ ଉଲ୍ଲାସ ପରେ ମଧ ତିଷ୍ଠି ରହିଥାଏ।

ସମୃଦ୍ଧି କେବଳ ଏକ କ୍ଷଣସ୍ଥାୟୀ ଉପହାର ନୁହେଁ; ଏହା ଏକ ନିରନ୍ତର ଯାତ୍ରା ଅଟେ ଯାହାକୁ ଆପଣ ଧୈର୍ଯ୍ୟ, ଶୃଙ୍ଖଳା ଏବଂ ସୁଚିନ୍ତିତ ନିଷ୍ପତ୍ତି ମାଧ୍ୟମରେ ସମ୍ପନ୍ନ କରିଥାନ୍ତି। ଦୀପାବଳିର ଦୀପ ଭଳି ନିଜର ଧନକୁ ମଧ ଝଲସିବାକୁ ଦିଅନ୍ତୁ, ଯାହା ଉତ୍ସବ ପରେ ମଧ ଆପଣଙ୍କ ଜୀବନକୁ ଆଲୋକିତ କରିବା ଜାରି ରଖିବ।

ଦାବିତ୍ୟାଗ:
**ଏସ୍‌ଆଇପି ଲାଭର ଆଶ୍ୱାସନା କିମ୍ବା ପତନମୁଖୀ ବଜାରରେ କ୍ଷତି ବିରୁଦ୍ଧରେ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ।
ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ।
ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍‌ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal
ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ।

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS

# ଶାସନର ନବୀକରଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସମସ୍ୟା ସମାଧାନ ହେଉ କିମ୍ବା ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରତିଦିନ ଜଣେ ପ୍ରଧାନମନ୍ତ୍ରୀ ବରିଷ୍ଠ ଅମଲାଙ୍କ ସହ ଘଣ୍ଟା ଘଣ୍ଟା ଆଲୋଚନା କରନ୍ତି ନାହିଁ। କିନ୍ତୁ ନରେନ୍ଦ୍ର ମୋଦି ଏହା କରୁଛନ୍ତି। ନିକଟରେ ମୋଦି ୩.୦ ବ୍ୟାନରରେ ଶାସନର ନବୀକରଣ ପାଇଁ ଲଗାତର ବାବୁମାନଙ୍କ ସହ ଆଲୋଚନା କରୁଥିଲେ। କିନ୍ତୁ ଏବେ ଗତିବିଧି ଅଧିକ ପ୍ରଭାବଶାଳୀ ହୋଇଛି। ତ୍ୱରିତ ନୀତି ନିର୍ଦ୍ଧାରଣଠାରୁ ଆରମ୍ଭକରି ଉତ୍ତରଦାୟିତ୍ୱ ଏବଂ ତୃଣମୂଳସ୍ତରରେ ନୀତିକୁ କାର୍ଯ୍ୟକାରୀ କରାଇବା ପର୍ଯ୍ୟନ୍ତ ସରକାର କିପରି କାମ କରିବେ ତାହା ଉପରେ ପୁନର୍ବିଚାର ହେଉଛି। ମୋଦି ଅନୁଭବ କରିଛନ୍ତି, ଯଦି ବାବୁମାନେ ପୁରୁଣା ଅଭ୍ୟାସରେ ବୁଡ଼ି ରହନ୍ତି, ତେବେ କେବଳ ନୂତନ ଆଇନ ଏବଂ ସ୍ଲୋଗାନ ଦ୍ୱାରା ଆଖିଦୃଶିଆ ପରିବର୍ତ୍ତନ ଆସିପାରିବ ନାହିଁ। ଶାସନ ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇ ଦକ୍ଷତା, ସମନ୍ୱୟ ଏବଂ ଦ୍ରୁତ କାର୍ଯ୍ୟାନ୍ୱୟନକୁ ନେଇ ଆଲୋଚନା ହେଉଛି। ଶାସନ ପ୍ରକ୍ରିୟାରେ କେଉଁସବୁ ତତ୍ତ୍ୱ ବାଧା ଉପୁଯାଉଛି ତାହାକୁ ସରକାର ରୋକିବାକୁ ଚାହାନ୍ତି। ନେହେରୁଙ୍କ ପରଠାରୁ ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ଅମଲାତନ୍ତ୍ରକୁ ଆଧୁନିକୀକରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି; କିନ୍ତୁ କେହି କରିପାରିନାହାନ୍ତି। ଭାରତର ପ୍ରଶାସନିକ ସେବା ପ୍ରାୟତଃ କାର୍ଯ୍ୟଦକ୍ଷତା ନୁହେଁ, ବରିଷ୍ଠତାକୁ ନେଇ ଆଗକୁ ବଢ଼ିଛି। ତେଣୁ ଯେପର୍ଯ୍ୟନ୍ତ ମୋଦିଙ୍କ ନବୀକରଣ ପ୍ରକ୍ରିୟା ବ୍ୟବସ୍ଥାରେ ଉତ୍ତରଦାୟିତ୍ୱ ନିଶ୍ଚିତ ନ କରିଛି ଏବଂ ସଚ୍ଚୋଟ ଅଧିକାରୀମାନଙ୍କୁ ରାଜନୈତିକ ପଞ୍ଝାରୁ ରକ୍ଷା ନ କରିଛି, ସେ ପର୍ଯ୍ୟନ୍ତ ଆମେ ପୁନର୍ବାର ସମାନ ସମସ୍ୟାକୁ ସାମ୍ନା କରିବୁ। ବଡ଼ ବଡ଼ କଥା ଶୁଣିବାକୁ ମିଳିବ, ଅଥଚ କମ୍ ପରିବର୍ତ୍ତନ ଆସିବ। ତଥାପି, ଗୁରୁତ୍ୱପୂର୍ଣ୍ଣ ଯେ ପ୍ରଧାନମନ୍ତ୍ରୀ ବାବୁମାନଙ୍କୁ ଭାଷଣ ଶୁଣାଇବା ପରିବର୍ତ୍ତେ ସେମାନଙ୍କୁ ସକ୍ରିୟ କରୁଛନ୍ତି। କହିବାକୁ ଗଲେ ଏକ ଛୋଟ ସଂସ୍କୃତିଗତ ପରିବର୍ତ୍ତନ।

### ଅଜବ ଇସ୍ତଫା ମାମଲା

ଭାରତର ବାବୁସାମ୍ରାଜ୍ୟରେ ନିୟମକୁ କିପରି ସାମାନ୍ୟ ମୋଡ଼ ଦିଆଯାଇପାରେ ତାହା କାନ୍ନନ ଗୋପୀନାଥନ୍ଙ୍କ ଘଟଣାରେ ଦେଖିବାକୁ ମିଳେ। ନାଗରିକ ସ୍ୱାଧୀନତା ଉପରେ ମୁହଁଖୋଲି ୨୦୧୯ରେ ଆଇଏଏସ୍‌ରୁ ଇସ୍ତଫା ଦେଇଥିବା ଗୋପୀନାଥନ୍ କହିଛନ୍ତି, ସରକାର ଔପଚାରିକ ଭାବରେ ତାଙ୍କ ଇସ୍ତଫା ଗ୍ରହଣ କରି ନ ଥିଲେ। ଏପରିକି ୬ବର୍ଷ ପରେ ଏବେ ସେ କଂଗ୍ରେସରେ ଯୋଗଦେଇଥିବାବେଳେ ତାଙ୍କୁ ସେବାରୁ ବିରତ କରାଯାଇନାହିଁ। ସେବା ନିୟମ ଅନୁଯାୟୀ, କୌଣସି ଶୃଙ୍ଖଳାଗତ ତଦନ୍ତ କିମ୍ବା ବକେୟା ଦେୟ ନ ଥିଲେ ସାଧାରଣତଃ ଜଣେ ଅଧିକାରୀଙ୍କ ଇସ୍ତଫା ଗ୍ରହଣ କରାଯାଏ । ଯେହେତୁ ଏହି ପ୍ରକ୍ରିୟା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ, ସେଥିପାଇଁ ସରକାର ସ୍ୱାଧୀନ ଭାବେ ନିଷ୍ପତ୍ତି ନେଉଛନ୍ତି। ଗୋପୀନାଥନ୍ଙ୍କ କ୍ଷେତ୍ରରେ, 'ହଁ' କିମ୍ବା 'ନା' ସ୍ପଷ୍ଟ କରାଯାଇନାହିଁ। ସେ ନା ଜଣେ ସେବାକାରୀ ଅଧିକାରୀ କିମ୍ବା ଜଣେ ମୁକ୍ତ ନାଗରିକ ହୋଇପାରୁଛନ୍ତି। ଅନେକ ବର୍ଷ ଧରି ଅନିଶ୍ଚିତତାରେ ରହିପାରୁଥିବା ଇସ୍ତଫାପତ୍ର ସ୍ପଷ୍ଟ ବାର୍ତ୍ତା ଦିଏ ଯେ, ବ୍ୟବସ୍ଥା ଠିକ୍ ଭାବେ ଚାଲୁନାହିଁ। ତେବେ ପ୍ରଶ୍ନ ଉଠୁଛି, ସରକାରଙ୍କ ପାଖରେ ଇସ୍ତଫାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଳମ୍ବ କରିବାର କିମ୍ବା ଅଣଦେଖା କରିବାର ଏକପାଖିଆ କ୍ଷମତା ଅଛି କି? ଯଦି ନିୟମ ପୁସ୍ତକରେ ସାଧାରଣ ଭାବେ ଇସ୍ତଫା ଗୃହୀତ ହେବା କଥା ଉଲ୍ଲେଖ ଅଛି, ତେବେ ଏଥିରେ ହୋଇଥିବା ବ୍ୟତିକ୍ରମର ଯଥାର୍ଥତା ଦର୍ଶାଇବା ଉଚିତ, ଏହାକୁ ସାମାନ୍ୟ ବିଷୟ ଭାବିବା ଅନୁଚିତ। ସିଭିଲ ସର୍ଭିସ୍ ଏକ ଯନ୍ତା ଭଳି କାର୍ଯ୍ୟ କରିବା ଉଚିତ ନୁହେଁ। ଅଧିକାରୀମାନେ ଅସୁବିଧାରେ ପଡୁଥିବାବେଳେ ଏକ ନିୟମ ଆଧାରିତ ବ୍ୟବସ୍ଥାକୁ ତାହାର ନିଜ ନିୟମ ପ୍ରୟୋଗ କରିବାକୁ ପଡ଼ିବ।

### ବ୍ୟବସ୍ଥାରେ ପରିବର୍ତ୍ତନ

ନକ୍ସଲ ବିରୋଧରେ ଲଢୁଥିବା ସିଆର୍‌ପିଏଫ୍ ଅଧିକ ସମନ୍ୱୟ ତଥା ତ୍ୱରିତ ନିଷ୍ପତ୍ତି ନେବା ଲକ୍ଷ୍ୟରେ ଏହାର କମାଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ କରିଛି। ଏହା ଏପରି ଏକ ସଂସ୍କାର ଯାହା କ୍ଷେତ୍ରରେ ସମସ୍ତ ପରିବର୍ତ୍ତନ ଆଣିପାରିବ। ବାସ୍ତବରେ ଏହା ବହୁ ପୂର୍ବରୁ କରାଯିବା ଉଚିତ ଥିଲା। ଅନେକ ଦଶନ୍ଧି ଧରି, ସିଆର୍‌ପିଏଫ୍ ଭାରତର ଆଭ୍ୟନ୍ତରୀଣ ସୁରକ୍ଷାରେ ପ୍ରମୁଖ ଭୂମିକା ନେଇଆସିଛି। ଏହା ବ୍ୟାପକ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରାୟତଃ ଏକ ପୁରୁଣା ପଦାନୁକ୍ରମ ବିଚାରରେ ଫସି ରହିଛି, ଯେଉଁଠାରେ ପ୍ରତ୍ୟେକ ନିଷ୍ପତ୍ତିରେ କିଛି ପରିବର୍ତ୍ତନ କରିବା ପୂର୍ବରୁ ଅନେକ ସ୍ତରର ନିର୍ଦ୍ଦେଶ ଦେଇ ଗତି କରିବାକୁ ପଡ଼େ। ଫଳରେ ତତ୍‌କ୍ଷଣାତ୍ ଆକ୍ରମଣକରି ଅଦୃଶ୍ୟ ହୋଇଯାଉଥିବା ବିଦ୍ରୋହୀମାନଙ୍କୁ ଟ୍ରାକ୍‌କରିବାରେ ବିଳମ୍ବ ହିଁ ସୁଯୋଗକୁ ହାତଛଡ଼ା କରେ। ନୂତନ ବ୍ୟବସ୍ଥାରେ ଏବେ ଜଣେ ସ୍ୱତନ୍ତ୍ର ନିର୍ଦ୍ଦେଶକ କୋବ୍ରା ବାଟାଲିଅନ, ଗୁପ୍ତଚର ୟୁନିଟ୍ ଏବଂ ଟାକ୍‌ଟିକାଲ ୱିଙ୍ଗ୍ ସମେତ ସମସ୍ତ କାର୍ଯ୍ୟ ପରିଚାଳନା କରିବେ। ଅନ୍ୟ ଜଣେ ଲଜିଷ୍ଟିକ୍ସ ଏବଂ ପ୍ରଶାସନ ପରିଚାଳନା କରିବେ, ତୃତୀୟ ଜଣକ ତାଲିମ ଏବଂ କ୍ଷମତା-ବୃଦ୍ଧି ଉପରେ ଧ୍ୟାନ ଦେବେ ଏବଂ ସେମାନଙ୍କୁ ସହଯୋଗ କରିବା ପାଇଁ ଜଣେ ଉତ୍ସର୍ଗୀକୃତ ଅତିରିକ୍ତ ଡିଜି ରହିବେ। ତତ୍ତ୍ୱଗତ ଭାବରେ, ଏହା ଦାୟିତ୍ୱର ଏକ ଉତ୍ତମ ପୁନଃ ଆବଣ୍ଟନ ଯାହା ଉତ୍ତରଦାୟିତ୍ୱକୁ ଉତ୍ସାହିତ କରିବ। ସିଆର୍‌ପିଏଫ୍ ଏହି ପୁନର୍ଗଠନକୁ ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ଅନୁକୂଳ ଭାବେ କ୍ଷେତ୍ରରେ କାର୍ଯ୍ୟ କରିପାରିବ କି ନାହିଁ ତାହା ତା' ପାଇଁ ହେଉଛି ପ୍ରକୃତ ପରୀକ୍ଷା। ଯଦି ବ୍ୟବସ୍ଥାଗତ ପରିବର୍ତ୍ତନ ମୃତାହତ ସଂଖ୍ୟା କମ୍ କରିବା ସହ କଠୋର ଅପରେଶନକୁ ଦ୍ରୁତ କରିବ, ତେବେ ବାମପନ୍ଥୀ ଉଗ୍ରବାଦ ବିରୋଧରେ ଜାରି ଦୀର୍ଘ ଯୁଦ୍ଧ ପ୍ରକୃତରେ ଶେଷ ହେବା ଆରମ୍ଭ ହେବ ବୋଲି ଧରିନିଆଯିବ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 4 | | | | | |
| | 2 | 3 | 5 | | | 9 | | |
| 8 | | | 6 | | | | | |
| 1 | | | | | | | 4 | |
| | 6 | 2 | | | | | | |
| 5 | | 9 | | 8 | | | 1 | |
| | | | | | 7 | | 8 | 3 |
| | | | | 2 | | | | 5 |
| | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 1 | 2 | 5 | 7 | 8 | 6 | 4 |
| 7 | 6 | 2 | 9 | 4 | 8 | 1 | 3 | 5 |
| 4 | 8 | 5 | 6 | 1 | 3 | 2 | 7 | 9 |
| 9 | 4 | 8 | 3 | 2 | 5 | 6 | 1 | 7 |
| 2 | 1 | 7 | 4 | 6 | 9 | 3 | 5 | 8 |
| 5 | 3 | 6 | 7 | 8 | 1 | 4 | 9 | 2 |
| 1 | 2 | 9 | 5 | 3 | 4 | 7 | 8 | 6 |
| 6 | 7 | 3 | 8 | 9 | 2 | 5 | 4 | 1 |
| 8 | 5 | 4 | 1 | 7 | 6 | 9 | 2 | 3 |

ଗତକାଲିର ଉତ୍ତର

# ସସମ୍ମାନେ ଇଚ୍ଛାମୃତ୍ୟୁ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଦ୍ୱିତୀୟ ଶତାବ୍ଦୀର ରୋମାନ୍ ଶାସକ ତଥା ପ୍ରଖ୍ୟାତ ଦାର୍ଶନିକ ମାର୍କସ୍ ଆଉରେ ଲିସ୍ (୧୨୧ରୁ ୧୮୦ ମସିହା) ଶିରକୁ ଉନ୍ନତକରି ଦୁନିଆରୁ ବିଦାୟ ନେବା ପ୍ରତ୍ୟେକ ବ୍ୟକ୍ତିର ଜନ୍ମଗତ ଅଧିକାର ବୋଲି ମତ ପୋଷଣକରି ତାଙ୍କ 'ମୃତ୍ୟୁରେ ସ୍ୱାଭିମାନ' କବିତାରେ ସୂଚିତ କରିଥିଲେ ''ମୁଁ କିପରି ମୃତ୍ୟୁବରଣ କରିବି ତାହା ମୋର ନିଷ୍ପତ୍ତି, ମୁଁ କିପରି ଧରାପୃଷ୍ଠରୁ ବିଦାୟ ନେବି ତାହା ମୋର ଅନ୍ତିମ ଲକ୍ଷ୍ୟ, ମୋ ଜୀବନ ହେଉଛି ମୋର, ସେହିପରି ମୋର ମୃତ୍ୟୁ, ମୁଁ କିପରି ଏଠାରୁ ଯିବି ତାହା ମୋର ଚିନ୍ତାର ବିଷୟ।''

ତାଙ୍କ ସହିତ ନିଶ୍ଚିତ ଭାବେ ଏକମତ ହେବେ ପ୍ରତ୍ୟେକ ସ୍ୱାଭିମାନୀ ମଣିଷ। କାରଣ ବାର୍ଦ୍ଧକ୍ୟ ବା ରୋଗାକ୍ରାନ୍ତ ହୋଇ ଯନ୍ତ୍ରଣାରେ ମରିବା ଅପେକ୍ଷା ସ୍ୱାଭିମାନର ସହ ମୃତ୍ୟୁବରଣ କରିବା ନିଶ୍ଚିତ ରୂପେ ସ୍ପୃହଣୀୟ। ସରଳ ଭାଷାରେ କହିବାକୁ ଗଲେ ମାର୍କସ୍‌ଙ୍କ ଲକ୍ଷ୍ୟରେ ଥିଲେ ଜଟିଳ ରୋଗବ୍ୟାଧି ଓ ବାର୍ଦ୍ଧକ୍ୟ ପ୍ରପୀଡ଼ିତ ଅକର୍ମଣ୍ୟମାନେ। ଏବେ ପୃଥିବୀର ଅନେକ ଦେଶରେ ଏ ପ୍ରକାର ଇଚ୍ଛାମୃତ୍ୟୁକୁ ଆଇନଗତ ସ୍ୱୀକୃତି ମିଳିଛି - ତେବେ ଏ ଅଧିକାର ଦିଆଯାଇଛି ଭିନ୍ନ ଭିନ୍ନ ରୂପେ।

ଆମ ଦେଶରେ ଏଥିପାଇଁ ଯେଉଁ ଅନୁମତି ମିଳିଛି ତାହା ହେଲା କୌଣସି ଘାତକ ରୋଗ ପ୍ରପୀଡ଼ିତ କିମ୍ବା ବାର୍ଦ୍ଧକ୍ୟଜନିତ ଅକର୍ମଣ୍ୟ ଲୋକ ଅନ୍ତିମକ୍ଷଣର ଅପେକ୍ଷାରେ ଥିଲେ ତାଙ୍କୁ ସାମୟିକ ବଞ୍ଚାଇ ରଖିବା ପାଇଁ ଚିକିତ୍ସା କିମ୍ବା ଜୀବନ ସହାୟକ ଯନ୍ତ୍ରପାତିର ବ୍ୟବହାର ବନ୍ଦ କରିଦେବା। ଏଥିପାଇଁ ବ୍ୟକ୍ତି ଜଣକ ସଚେତନ ଅବସ୍ଥାରେ ଥିଲେ ନିଜେ କିମ୍ବା ସେ ଅଚେତନ ଅବସ୍ଥାକୁ ଆସିଯାଇଥିଲେ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ଇଚ୍ଛାପତ୍ରଟିଏ ସ୍ୱାକ୍ଷର କରିବାକୁ ପଡ଼େ। ବିଗତ ଜୁନ୍ ମାସରେ (୨୦୨୫) ମୁମ୍ବାଇସ୍ଥିତ ପି.ଡି. ହିନ୍ଦୁଜା ହସ୍ପିଟାଲର 'ଲିଭିଂ ଉଇଲ୍ କ୍ଲିନିକ୍' ଦେଶରେ ପ୍ରଥମେ ଏଥିରେ ସହାୟତା କରିବାର ବ୍ୟବସ୍ଥା ଆରମ୍ଭ କରିଛି। ଯେକୌଣସି ୧୮ ବର୍ଷ ଅତିକ୍ରମ କରିଥିବା ବ୍ୟକ୍ତି ଏଠାରେ ଇଚ୍ଛାପତ୍ରଟିଏ ସ୍ୱାକ୍ଷର କରିପାରିବ, ବର୍ତ୍ତମାନ ସେ ସୁସ୍ଥ ହୋଇ ଥାଉ ବା ନ ଥାଉ। ଏଥିପୂର୍ବରୁ ତାଙ୍କୁ ମ୍ୟୁନିସିପାଲିଟି ଅଫିସରେ ରେଜିଷ୍ଟ୍ରେଶନ କରିବାକୁ ପଡ଼ିବ। ଏହା ଫଳରେ ତାଙ୍କର ଭବିଷ୍ୟତ ପାଇଁ ଅନିଶ୍ଚିତତା ଦୂର ହେବ।

ବର୍ତ୍ତମାନ ଏଥିପାଇଁ ଆସୁଥିବା ଅଧିକାଂଶ ଲୋକ ହେଉଛନ୍ତି କର୍କଟରୋଗ, ସ୍ମୃତିହୀନତା, ପାର୍କିନ୍‌ସନ୍‌ରୋଗ, ହୃଦ୍‌ରୋଗ, ବୃକ୍କ ଓ ଫୁସ୍‌ଫୁସ୍ ଆଦି ରୋଗରେ ପ୍ରପୀଡ଼ିତ। ସେମାନଙ୍କ ବୟସ ୪୦ରୁ ୮୦ ବର୍ଷ। ଏଠାରେ ସେମାନଙ୍କୁ ବୁଝାଇ ଦିଆଯାଉଛି ଯେ, ଦୀର୍ଘକାଳ ଧରି ଭେଣ୍ଟିଲେଟର, ଖାଦ୍ୟନଳୀ ବା ନାନାଦି ଜୀବନ ସହାୟକ ଯନ୍ତ୍ରପାତି ସାହାଯ୍ୟରେ ମୃତବତ୍ ଅବସ୍ଥାରେ ବଞ୍ଚୁଥିବା ଏବଂ ଭଲ ହେବାର କୌଣସି ସମ୍ଭାବନା ନ ଥିବା



ରୋଗୀମାନଙ୍କୁ ହିଁ କେବଳ ଏ ସହାୟତା ଯୋଗାଇ ଦିଆଯାଇ ପାରିବ। ଏହା ଆଇନ ସମ୍ମତ ଏବଂ ଉଚ୍ଚତମ ନ୍ୟାୟାଳୟର ସ୍ୱୀକୃତିପ୍ରାପ୍ତ। ତେବେ ଏଥିପାଇଁ କେତେକ ନିୟମ ପାଳନ କରିବାକୁ ହେବ। ଦୁଇଟି ଅଲଗା ଅଲଗା ଡାକ୍ତର ଟିମ୍ ବ୍ୟକ୍ତିଟିକୁ ପରୀକ୍ଷା କରି ମତଦେବେ ଯେ, ସେ ଜୀବନର ଅନ୍ତିମ କାଳରେ ପହଞ୍ଚି ଯାଇଛି ଏବଂ ଅବସ୍ଥା ଅଣଲେଉଟା। ଏ କାର୍ଯ୍ୟ ସମ୍ପାଦନ ଲାଗି ଦିନକୁ ଦିନ ଅଧିକରୁ ଅଧିକ ଲୋକ ଇଚ୍ଛା ପ୍ରକାଶ କରିବାର ଦେଖାଯାଉଛି। ନିଶ୍ଚିତ ମୃତ୍ୟୁର ସନ୍ନିକଟ ହେଲା ପରେ କୃତ୍ରିମ ବ୍ୟବସ୍ଥାମାନ ବ୍ୟବହାର କରି ବଞ୍ଚିବା ନିଜ ପାଇଁ ତ ଯନ୍ତ୍ରଣାଦାୟକ, ତାହା ପରିବାରବର୍ଗଙ୍କ ଉପରେ ଅଯଥା ଚାପ ବୃଦ୍ଧି କରୁଥିବାର ସେମାନେ ବୁଝିଲେଣି। ସେଥିପାଇଁ ସେମାନେ ମୁମ୍ବାଇର ମ୍ୟୁନିସିପାଲିଟି ଅଫିସକୁ ବହୁ ସଂଖ୍ୟାରେ ଆସିବାକୁ ଲାଗିଲେଣି ରେଜିଷ୍ଟ୍ରେଶନ ଲାଗି। ସେଠାରୁ ସେମାନଙ୍କ ନାମ ପଠାଯାଉଛି 'ଲିଭିଂ ଉଇଲ କ୍ଲିନିକ୍'କୁ।

ଆମ ଦେଶରେ ଏହି ଅଧିକାର ମିଳିବା ପାଇଁ ନ୍ୟାୟିକ ଲଢ଼େଇ ଚାଲି ଆସିଛି ଅନେକ ଦିନରୁ। ପ୍ରଥମେ ଏହା ଆରମ୍ଭ ହୋଇଥିଲା ୧୯୯୪ରେ। ପି. ରାଥିନାମ ବନାମ ଭାରତ ସରକାର ମାମଲା ମାଧ୍ୟମରେ। ଉଚ୍ଚତମ ନ୍ୟାୟାଳୟ ଏହାକୁ ଏକ ଅପରାଧ ବୋଲି ମନେ ନ କରିବା ସପକ୍ଷରେ ମତ ଦେଇଥିଲେ। ତତ୍‌ପରେ ୧୯୯୫ରେ ମୁମ୍ବାଇର ଉଚ୍ଚ ନ୍ୟାୟାଳୟରେ ରୁଜୁ ହେଲା ନରେଶ ମାରୋଟ ରାଓ ବନାମ ଭାରତ ସରକାର ମାମଲା। ଇଚ୍ଛାମୃତ୍ୟୁକୁ ହତ୍ୟା ରୂପେ ଗଣନା ନ କରିବାକୁ ଏହାର ରାୟରେ ମଧ୍ୟ ସୂଚିତ କରାଯାଇଥିଲା। ସେହିପରି ୧୯୯୬ରେ ଉଚ୍ଚତମ ନ୍ୟାୟାଳୟରେ ଜ୍ଞାନ କାଉରଙ୍କ ଦ୍ୱାରା ଏବଂ ୧୯୯୯ରେ ଏନ. ମୁକୁନ୍ଦ ପିଲ୍ଲାଇଙ୍କ ଦ୍ୱାରା ଆଗତ ମାମଲାରେ ଅନୁରୂପ ରାୟମାନ ପ୍ରକାଶ ପାଇଥିଲା। ତେବେ ସରକାର ତାହାକୁ କାର୍ଯ୍ୟକାରୀ କରାଇ ନ ଥିଲେ।

ଇଚ୍ଛାମୃତ୍ୟୁ ସମ୍ପର୍କରେ ଜାତୀୟ ସ୍ତରରେ ବ୍ୟାପକ ଆଲୋଚନା ଆରମ୍ଭ ହେଲା ଆରୁଣା ଶାନ୍ ବାଉଗ୍‌ଙ୍କ ପାଇଁ ଇଚ୍ଛାମୃତ୍ୟୁ ଆବେଦନ ପରେ । ଜଣେ ପୁରୁଣ ସହକର୍ମୀଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହେବା ପରେ ୧୯୭୪ରେ ସମ୍ପୂର୍ଣ୍ଣ ଅଚେତନ ଅବସ୍ଥାରେ ଜୀବନ ସହାୟକ ବ୍ୟବସ୍ଥା ସାହାଯ୍ୟରେ କିଂ ଏଡ୍‌ୱାର୍ଡ ହସ୍ପିଟାଲରେ ୪ ଦଶକରୁ ଅଧିକ କାଳ କଟାଇଥିଲେ। ଏସବୁ କାଢ଼ିନେଇ ତାଙ୍କ ଯନ୍ତ୍ରଣାଦାୟକ ଜୀବନର ପରିସମାପ୍ତି ଘଟାଇବା ଲାଗି ଏକ ସ୍ୱେଚ୍ଛାସେବୀ ସଂସ୍ଥା ଆବେଦନ କରିଥିଲା ଉଚ୍ଚତମ ନ୍ୟାୟାଳୟରେ। ଏହାର ରାୟ ପ୍ରକାଶ ପାଇଥିଲା ୨୦୧୧ରେ। ଏଥିରେ ସୂଚିତ କରାଯାଇଥିଲା ଯେ, କେବଳ ସମ୍ପୂର୍ଣ୍ଣ ଅଚେତନ ଅବସ୍ଥାରେ ଥିବା ମସ୍ତିଷ୍କମୃତ ବ୍ୟକ୍ତିମାନଙ୍କୁ ସେମାନଙ୍କ ନିକଟ ସମ୍ପର୍କୀୟ ଏବଂ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସ୍ୱୀକୃତି ପରେ ଏହା କରାଯାଇପାରିବ। ତେବେ ଏ ଦିଗରେ ପଦକ୍ଷେପ ନେବା ଆଗରୁ ସେ ଆନ୍ତ୍ରିକ ଜ୍ୱରରେ ମୃତ୍ୟୁବରଣ କଲେ। ପରେ ୨୦୧୮ରେ ଉଚ୍ଚତମ ନ୍ୟାୟାଳୟ ଏଥିସହିତ ସଚେତନ ଥିବା ଅବସ୍ଥାରେ ବ୍ୟକ୍ତିଟି ଇଚ୍ଛାମୃତ୍ୟୁ ଲାଗି ଇଚ୍ଛାପତ୍ରଟିଏ ଲେଖିପାରିବାରକୁ ମଧ୍ୟ ଅନୁମତି ଦେଲେ ଏବଂ ୨୦୨୩ରେ ଏହାକୁ ଅଧିକ ସରଳୀକୃତ କରିଦେଲେ। ତଥାପି ସେଥିରେ କେତେକ ଦ୍ୱନ୍ଦ୍ୱ ରହିଯାଇଥିଲା। ନିକଟରେ ଏପ୍ରିଲ ୨୫ରେ ମୁମ୍ବାଇର ଉଚ୍ଚ ନ୍ୟାୟାଳୟ ତହିଁରେ ପରିବର୍ତ୍ତନ ଆଣି ଏଥିପାଇଁ ରେଜିଷ୍ଟ୍ରେଶନ କରାଇବା ଲାଗି ଦ୍ୱାର ଉନ୍ମୁକ୍ତ କଲେ। ଫଳରେ ପି.ଏଚ. ହିନ୍ଦୁଜା ହସ୍‌ପିଟାଲ ପ୍ରତିଷ୍ଠା କଲା ତା'ର ଲିଭିଂ ଉଇଲ କ୍ଲିନିକ୍। ଆଶା କରାଯାଏ ଏ ପ୍ରକ୍ରିୟା ସମଗ୍ର ଦେଶରେ ଅଧିକରୁ ଅଧିକ ବ୍ୟାପକ ହେବ ଏବଂ ଏହାର ସବୁପ୍ରାନ୍ତର ଲୋକେ ହାତପାହାନ୍ତାରେ ପାଇପାରିବେ 'ଇଚ୍ଛା ମୃତ୍ୟୁ'ର ସୁଯୋଗ।

ଅନ୍ୟ ଏକ ପ୍ରକାର ଇଚ୍ଛାମୃତ୍ୟୁ ପ୍ରକ୍ରିୟା ପ୍ରଚଳିତ ଅଛି ଅଷ୍ଟ୍ରିଆ, ଜର୍ମାନୀ, ଇଟାଲୀ, ଲକ୍‌ସେମବର୍ଗ, ନେଦରଲ୍ୟାଣ୍ଡସ, ବେଲଜିୟମ, ପର୍ତ୍ତୁଗାଲ, ସ୍ପେନ ଏବଂ ସୁଇଜରଲାଣ୍ଡରେ। ଜୁନ୍ ୨୦୨୫ରେ ଇଂଲଣ୍ଡର ପାର୍ଲାମେଣ୍ଟ ମଧ୍ୟ ଏହାକୁ ସର୍ତ୍ତମୂଳକ ସ୍ୱୀକୃତି ପ୍ରଦାନ କରିଛି। ଏଥି ଅନୁଯାୟୀ ଜଣେ ବ୍ୟକ୍ତି 'ନିଶ୍ଚିତ ମୃତ୍ୟୁ' ଅବଶ୍ୟ ନ ଥିଲେ ମଧ୍ୟ ସେ ବୃଦ୍ଧ କିମ୍ବା ରୁଗ୍‌ଣ ହୋଇଥିଲେ ଡାକ୍ତର ସହାୟତାରେ ଏହା କରିପାରିବେ। ତେବେ, ଏଥିରେ ଡାକ୍ତର କିଛି ନିଜସ୍ୱ ଲାଭ ନ ଥିବା କଥା ପ୍ରମାଣିତ କରିବାକୁ ହେବ। ଏହାକୁ କେତେକେ କହୁଛନ୍ତି 'ଅନୁକମ୍ପା ହତ୍ୟା'।

ଏ ସମସ୍ତ କଥା ବିଚାରକୁ ନେଲେ ଆମ ଦେଶରେ ଏବେ ଆରମ୍ଭ ହୋଇଥିବା ଇଚ୍ଛାମୃତ୍ୟୁ ପ୍ରକ୍ରିୟା ସ୍ୱାଗତଯୋଗ୍ୟ। 'ସଚେତନ ଇଚ୍ଛାମୃତ୍ୟୁ' ବା 'ଅନୁକମ୍ପା ହତ୍ୟା'କୁ ଆମଦେଶରେ ସ୍ୱୀକୃତି ମିଳିବା ଦରକାର। ତା'ହେଲେ ବୃଦ୍ଧ ବା ରୁଗ୍‌ଣ ଲୋକେ ମୃତ୍ୟୁର ସନ୍ନିକଟ ହେବାର ସମ୍ଭାବନା ନ ଥିଲେ ବି ଚାହିଁଲେ ଡାକ୍ତରଙ୍କ ସହାୟତାରେ ଏହା କରିପାରନ୍ତେ। ଅତଏବ ସେମାନଙ୍କୁ ଭାରାକ୍ରାନ୍ତ ଜୀବନରୁ ସସମ୍ମାନେ ମୁକ୍ତି ଲାଭକରିବା ସମ୍ଭବ ନୁହେଁ।

ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ:୯୯୩୭୩୦୧୪୬୦

# ମିଛ ହିଁ ସୁନ୍ଦର



ହରେକୃଷ୍ଣ ଦାସ

''ବୁଝିଲ ବନ୍ଧୁ, ଆମେମାନେ ଯେତେ ସଚ୍ଚୋଟ, ସ୍ୱଚ୍ଛ ବୋଲି ଦେଖେଇ ହେଉଥିଲେ ମଧ୍ୟ ପ୍ରକୃତରେ ଆମେ ମିଛ ଏବଂ ଛଳନାପୂର୍ଣ୍ଣ ଜୀବନ ବଞ୍ଚୁଛେ। ଆଉ ଏ ଛଳନା ଆମର ପାରିବାରିକ ଜୀବନରେ ସବୁଠୁ ଅଧିକ ବୋଲି ମୁଁ ଭାବେ। ପାରିବାରିକ ସମ୍ପର୍କ ପୋଡ଼ି ଛାରଖାର ହୋଇଯାଇଥିଲେ ବି ବାହାରକୁ ସମସ୍ତେ ଏମିତି ଅଭିନୟ କରନ୍ତି ସତେ ଯେମିତି ସେମାନେ ହେଉଛନ୍ତି ଏ ସୃଷ୍ଟିର ସବୁଠୁ ସୁଖୀ ପରିବାର। ସାମାଜିକ ଲଜ୍ଜା ଭୟରେ ଅଧିକାଂଶ ଲୋକ ନିଜର ପୋଡ଼ା ହୃଦୟକୁ ଗୋଟେ ଅଜାଗା ଘାଆ ଭଳି ଲୁଚେଇ ରଖିବାକୁ ଇଚ୍ଛା କରନ୍ତି। ଖାଲି ସେତିକି ନୁହଁ, ମାତ୍ରାଧିକ ସତ୍ୟକୁ ମଧ୍ୟ ମଣିଷ ବରଦାସ୍ତ କରିପାରେନି। ତେଣୁ ଅନେକ ସମୟରେ ମିଛ ଶୁଣିବାକୁ ଓ ମିଛ ଭିତରେ ବଞ୍ଚିବାକୁ ଭଲପାଏ। ମିଛର ଚାଦରଟେ ଢାଙ୍କି ହୋଇଥିବାରୁ ବାହାର ଲୋକଙ୍କ ଆଖିରେ ଲୋକମାନେ ଜହ୍ନ ପରି ସୁନ୍ଦର ଦେଖାଯାନ୍ତି।''

ବନ୍ଧୁଙ୍କର ଏ ପ୍ରକାର ହତାଶାଭରା ଦାର୍ଶନିକତାରେ ଟିକେ ଅସହଜ ଅନୁଭବ କରି କହିଲି, '' ତମ ପରିବାର ତ ଗୋଟେ ସୁଖୀ ପରିବାର। ତମ ଦୁହିଁଙ୍କୁ ସମସ୍ତେ ଗୋଟେ ଆଦର୍ଶ ଦମ୍ପତି ଭାବରେ ବିଚାର କରି ଈର୍ଷା କରନ୍ତି, ଅନ୍ୟମାନଙ୍କ ପାଖରେ ଉଦାହରଣ ଦିଅନ୍ତି। ସତ କହିବାକୁ ଗଲେ ତମମାନଙ୍କର ଦାମ୍ପତ୍ୟ ମାଧୁର୍ଯ୍ୟ ଦେଖି ମୁଁ ଈର୍ଷାନ୍ୱିତ। ତେବେ ଆଜି ଏମିତିଆ ପ୍ରବଚନ ଦେବାର ତାତ୍ପର୍ଯ୍ୟ ?'' ବନ୍ଧୁ କହିଲେ, ''ମୋ କଥା ଛାଡ଼। ମୁଁ ଯାହା କହିଲି ସେକଥାରେ ତ ଭୁଲ୍ ନାହିଁ । ସମସ୍ତେ ନିଜ ପାଇଁ ଆଦର୍ଶ ପରିଚୟଟେ ତିଆରି କରିବାକୁ ବ୍ୟାକୁଳ। ସେଥିପାଇଁ ସତ୍ୟ ଉପରେ ଆକର୍ଷଣୀୟ ମିଛର ପ୍ରଲେପ ଦେଇ ସମସ୍ତେ ପ୍ରଚାର ପ୍ରସାର କରନ୍ତି। ଆମ ଅଫିସରେ କାମ କରୁଥିବା ରାୟ ବାବୁଙ୍କ କଥା ଜାଣିଛ ? ''

''ହଁ, ଖୁବ୍ ଭଲ ଲୋକ। ତାଙ୍କ ସ୍ତ୍ରୀ ମଧ୍ୟ ସ୍ନେହୀ, ମିଷ୍ଟଭାଷୀ। ଏତେ ସୁନ୍ଦର ଯୋଡ଼ି ତାଙ୍କର ; ସତରେ ଈଶ୍ୱର ହିଁ ଯୋଡ଼ିଛନ୍ତି ସେ ଦୁହିଁଙ୍କୁ।'' ମୋ ଉତ୍ତର ଶୁଣି ବନ୍ଧୁ କହିଲେ, ''ଜାଣିଛ, ଗତ ମାସରେ ମୁଁ ତାଙ୍କ ଘରକୁ ଯାଉଥିଲି। ଘର ପାହାଚ ଉଠିଲା ବେଳକୁ ଶୁଣିଲି ରାୟ ବାବୁଙ୍କୁ ଗାଳି ଦେଉଥାନ୍ତି ତାଙ୍କ ସ୍ତ୍ରୀ। ତାଙ୍କୁ ଖରାପ ନ ଲାଗୁ ବୋଲି ସେଇଠୁ ଚୁପ୍‌ଚାପ୍ ଫେରିଆସିଥିଲି। କିନ୍ତୁ ତା' ପରେ ସେମାନଙ୍କୁ ଲକ୍ଷ୍ୟ କରିଛି। କେହି କାହାର ମୁହଁ ଚାହିଁବାକୁ ବି ଇଚ୍ଛା କରୁ ନ ଥିବେ, ଅଥଚ ବାହାରକୁ କେଡ଼େ ସୁନ୍ଦର ସେମାନଙ୍କ ପରିଚୟ! ସେଥିପାଇଁ ସମସ୍ତେ ଭାବନ୍ତି ଯେ ସେମାନେ ଗୋଟେ ସୁଖୀ ପରିବାର।''

ମୋର ବନ୍ଧୁ ପୁଣି ବଖାଣ ଆରମ୍ଭ କଲେ। ''ଆମ ଘର ପାଖ ରଥ ମଉସାଙ୍କ କଥା ଶୁଣ। ତାଙ୍କ ଦି' ପୁଅ ଯାକ ବାହାରେ ଚାକିରି କରନ୍ତି



ବୋଲି ମଉସାଙ୍କ ମନ ଗଗନ ପବନରେ ଉଡ଼େ। ଏମିତି ଦେଖିଲେ, ଆମେ ସମସ୍ତ ପିଲା ଜନ୍ମ କରିଛେ କେବଳ ଅନ୍ୟ ଦେଶଗୁଡ଼ିକ ପାଇଁ । ଇଂଲଣ୍ଡ, ଆମେରିକା, ଜର୍ମାନୀ କି ଅଷ୍ଟ୍ରେଲିଆ ଭଳି ଦେଶରେ ଯଦି ଆମ ପିଲା ଚାକିରି ନ କରି ପାରିଲେ ତେବେ ଆମ ମା'ବାପାପଣିଆକୁ ଧିକ୍। ଏବେ ସେ ବୁଢ଼ାବୁଢ଼ୀଙ୍କ ଅବସ୍ଥା ଦେଖିବା କଷ୍ଟକର। ତାଙ୍କୁ ନିଜର ଜନ୍ମ ଜନ୍ମର ଶତ୍ରୁ ଭାବୁଥିବା ବଡ଼ବୋହୂ ଚାରିବର୍ଷ ପରେ ଦି ଦିନ ପାଇଁ ଆସିଥିଲା। ଦି' ଦିନ ଭିତରେ ଦି' ମିନିଟ୍ ମଧ୍ୟ ଶାଶୁ ଶ୍ୱଶୁରଙ୍କ ପାଖେ ରହି ନ ଥିବ, ତାଙ୍କ ଭଲମନ୍ଦରେ କାମରେ ଆସିବା ଦୂର କଥା। ବୋହୂର କଥାରେ ବସଉଠ ହେଉଥିବା ପୁଅ ମଧ୍ୟ ମା'ବାପାଙ୍କର ସମସ୍ୟାକୁ ଶୁଣେ, କିନ୍ତୁ କିଛି ପ୍ରତିକ୍ରିୟା ଦେଖାଏନି। ସାନ ପୁଅବୋହୂଙ୍କ କଥା ଯାଠାରୁ ବେଶି। ପୁଅ ସିନା ଓଡ଼ିଶା ବାହାରେ ରହେ, ବୋହୂ ତ ଏଇ ଭୁବନେଶ୍ୱରରେ ରହୁଛି। ଶାଶୁ ଶ୍ୱଶୁରଙ୍କ ପାଖରେ ରହିବନି ବୋଲି ନାନା ବାହାନା ଦେଖେଇ ଅଲଗା ଜାଗାରେ ଘର ନେଇ ରହୁଛି। ବୁଢ଼ାବୁଢ଼ୀଙ୍କୁ ଦେଖିବାକୁ ଆସିବାର ନାଁ ବି ଧରୁନି। କିଛିଦିନ ତଳେ ମଉସାଙ୍କର ହାର୍ଟ ଅପରେଶନ ହେଲା। ପୁଅବୋହୂଙ୍କ ଭିତରୁ କେହି ଜଣେ ହେଲେ ଆସିଲେନି! ଆମେମାନେ ଥିଲୁ ବୋଲି ସେ ବଞ୍ଚିଗଲେ। କିନ୍ତୁ ମାଉସୀ ତାଙ୍କ ପିଲାମାନଙ୍କ ସପକ୍ଷରେ ସଫେଇ ଦେଇ କଥା କହନ୍ତି। ପିଲାମାନେ ୟାଙ୍କ ପାଇଁ ବହୁତ ବ୍ୟସ୍ତ ହେଉଛନ୍ତି - ଏକଥା ମିଛ ବୋଲି ସେ ଜାଣନ୍ତି, କିନ୍ତୁ ବାହାରକୁ ଅଲଗା କଥା କହନ୍ତି। ମିଶ୍ର ବାବୁଙ୍କ ପିଲାମାନେ ସମସ୍ତେ ବାହାରେ ରହନ୍ତି। ଏ ଦୁହେଁ କେବେ କେମିତି ପିଲାଙ୍କ ପାଖକୁ ବୁଲିଗଲେ ସେଠି ଏମିତି ପରିସ୍ଥିତି ହୁଏ ଯେ ଦିନ କେତେଟାରେ ଫେରି ଆସିବାକୁ ବାଧ୍ୟ ହୁଅନ୍ତି। କିନ୍ତୁ ଆମ ଆଗରେ ଦେଖେଇ ହୁଅନ୍ତି ଯେ, ଏମାନେ ଗଲେ କାଳେ ପିଲାମାନେ ଅଫିସରୁ ଛୁଟି ନେଇ ୟାଙ୍କ ସେବା କରନ୍ତି। ଭିତରେ କାନ୍ଦୁଥିଲେ ବି ଉପରକୁ ଦେଖେଇହୋଇ ଏ ସମସ୍ତେ ଏମିତି ମିଛ କାହିଁକି କହନ୍ତି ଭାବିଲ ? ସବୁ ସତ କହି ହୁଏନି କି ସବୁ ମିଛ ସହି ହୁଏନି। ଅନେକ ସମୟରେ ମିଛ ହିଁ ସୁନ୍ଦର।

ଆମର ପ୍ରାୟ ଘଣ୍ଟାଏ ଧରି ଆଲୋଚନା ଶେଷ ହେବା ବେଳକୁ ବନ୍ଧୁଙ୍କ ଧର୍ମପତ୍ନୀ ଘର ଭିତରକୁ ପଶି ଆସୁଆସୁ ମତେ ଦେଖିଦେଇ ସ୍ୱତଃ ଭ୍ରୂକୁଞ୍ଚନ କରିପକେଇଲେ। ସଙ୍ଗେସଙ୍ଗେ ମୁହଁର ଭାବ ସଜାଡ଼ିନେଇ ମତେ ନମସ୍କାରଟେ ପକେଇ ମୋ ପଛପଟେ ଛିଡ଼ାହେଇ ତାଙ୍କ ସ୍ୱାମୀଙ୍କୁ କି ପ୍ରକାର ଇଙ୍ଗିତ ଦେଖେଇଲେ ଯେ ବିଚରା ବନ୍ଧୁଙ୍କ ମୁହଁ ଶୁଖିଗଲା। କିନ୍ତୁ କଥା ବଙ୍ଚେଇ ସେ କହିଲେ, ''ଏତେ ସମୟ ଧରି ଘରେ ନ ଥିଲେ ବୋଲି ତମ ଭାଉଜଙ୍କ ମନ ଦୁଃଖ। ସେ ପଚାରୁଛନ୍ତି ତମ ପାଇଁ ଚା' କରିବେ କି ନାହିଁ।'' ବନ୍ଧୁଙ୍କ ଅବସ୍ଥା ଦେଖି ବହୁତ ବିକଳ ଲାଗିଲା। କାଳବିଳମ୍ବ ନ କରି ଫେରିବାକୁ ଉଦ୍ୟତ ହେଲାବେଳେ କହିଲି, ''ତମେ ଠିକ୍ କହୁଥିଲ, ମିଛ ହିଁ ସୁନ୍ଦର।''

ଅଧ୍ୟାପକ, ଇଂଲିଶ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ସମାଜର ସବୁ କ୍ଷେତ୍ରରେ ନିଜର ଅଧିକାର ସାବ୍ୟସ୍ତ କରିଥିବା ତଥା ନିଜକୁ ସଶକ୍ତ ବୋଲି ଦର୍ଶାଇଥିବା ମହିଳା ଗଭୀର ସମୁଦ୍ରରେ ମାଛ ଧରିବାରେ ପଛଘୁଞ୍ଚା ଦେବ କାହିଁକି? ସେ କ୍ଷେତ୍ରଟି ବି ତା' ହାତମୁଠାରେ, ଯାହା ପ୍ରମାଣ କରିଛନ୍ତି କେରଳର ରେଖା କାର୍ତ୍ତିକେୟନ। ଏବେ ସେ ସାମାଜିକ କଟକଣାକୁ ଭାଙ୍ଗି ଜଣେ ଦକ୍ଷ ଫିଶର ଓମ୍ୟାନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସମୁଦ୍ର ମଧ୍ୟ ତାଙ୍କ ଅଧୀନରେ ବୋଲି ପ୍ରତିପାଦିତ କରିଛନ୍ତି। ରେଖା ହେଉଛନ୍ତି ଗଭୀର ସମୁଦ୍ରରେ ମାଛଧରା ଲାଇସେନ୍ସ ପାଇବାରେ ଭାରତରେ ପ୍ରଥମ ମହିଳା। ପୁରୁଷଙ୍କ ଭଳି ମାଛଧରିବାରେ ସମସ୍ତ କୌଶଳ ସେ ହାସଲ କରିପାରିଛନ୍ତି। ଏପରି କି ବିନା କମ୍ପାସ ଓ ଜିପିଏସ୍‌ରେ ରେଖା ମାଛଧରିବାକୁ ଗଭୀର ସମୁଦ୍ରକୁ ଚାଲିଯାଇଥାନ୍ତି। ଆରମ୍ଭରୁ ଏହି କାର୍ଯ୍ୟ କରିବାକୁ ତାଙ୍କ ସ୍ୱାମୀ କାର୍ତ୍ତିକେୟନ ରେଖାଙ୍କୁ ଉତ୍ସାହିତ କରିଥିଲେ। କେବଳ ଏତିକି ନୁହେଁ, ରେଖା ମାଛମାରିବା ପରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ବଦଳିଯାଇଛି। ତାଙ୍କର ଏହି ସାହସିକ ପଦକ୍ଷେପ ଏବେ ଅନେକ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ରାସ୍ତା ଦେଖାଇଛି। ସେଣ୍ଟ୍ରାଲ ମେରାଇନ ଫିଶରିଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ରେଖାଙ୍କୁ ସବୁ ପ୍ରକାର ସହଯୋଗ କରିବା ସହ ତାଙ୍କ ଜୀବନ ଜୀବିକା ଯାତ୍ରାକୁ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଅକ୍ଟୋବର ୧୯୭୬

- ସମ୍ବିଧାନ ସଂଶୋଧନ ବିଲ୍‌ର ମୁଖ୍ୟ ପ୍ରସ୍ତାବଗୁଡ଼ିକ ଉପରେ ଭାରତୀୟ କମ୍ୟୁନିଷ୍ଟ ସମର୍ଥନ ଜ୍ଞାପନ କରିଛି।
- ପାକିସ୍ତାନରେ ଚାକିରି ପାଇବା ଉଦ୍ଦେଶ୍ୟରେ ବିଦେଶ ରାଷ୍ଟ୍ରରୁ ଆସୁଥିବା ଲୋକଙ୍କ ଉପରେ କଠୋର କଟକଣା ଜାରି।

## ପାଠକ ଶ୍ରେଷ୍ଠ ବିଚାରକ

### ଅମାନିଆ ବଢ଼ାଇଲେ ପ୍ରଦୂଷଣ

ମହାଶୟ,

ଦୀପାବଳିରେ ଗଲା ବର୍ଷ ଯାହା ଘଟିଥିଲା ତା'ର ପୁନରାବୃତ୍ତି ହେଲା। କଟକଣାକୁ ଫୁ କରି ଅମାନିଆମାନେ ବାଣ ଫୁଟାଇଲେ, ତାହା ଅଦାଲତ ଓ ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ହେବା ସହ ଜୀବନ ପ୍ରତି ବିପଦକୁ ଆମନ୍ତ୍ରଣ କରିଛନ୍ତି ବୋଲି କୁହାଯାଇପାରିବ। ପରିଣତି ସ୍ୱରୂପ ଦିଲ୍ଲୀ ଓ ଭୁବନେଶ୍ୱର ବାୟୁ ପ୍ରଦୂଷଣ ଅତ୍ୟଧିକ ବୃଦ୍ଧି ପାଇଛି। ଦିଲ୍ଲୀ ଏନ୍‌ସିଆର୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଦୀପାବଳିରେ ବାଣଫୁଟା ଉପରେ ୨୦୧୮ରୁ ବଳବତ୍ତର ଥିବା ନିଷେଧାଦେଶକୁ ସୁପ୍ରିମକୋର୍ଟ ସାମାନ୍ୟ କୋହଳ କରି ସବୁଜ ବାଣ ବିକ୍ରି ଓ ଫୁଟାକୁ ଅନୁମତି ଦେଇଥିଲେ। ସେହିପରି ଆମ ରାଜ୍ୟରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ କମିଶନରେଟ ପୋଲିସ ସନ୍ଧ୍ୟା ୭ଟାରୁ ୯ଟା ଯାଏ ବାଣ ଫୁଟାଇବା ଲାଗି କଟକଣା ଜାରି କରିଥିଲେ। ମାତ୍ର ରାତି ତମାମ ବାଣ ଫୁଟିବା ଫଳରେ ବାୟୁମଣ୍ଡଳ ବିଷାକ୍ତ ଗ୍ୟାସରେ ଭରିଯାଇଛି। ଏହା ନିଃସନ୍ଦେହ ଯେ, ବାଣର ବିଷାକ୍ତ ଗ୍ୟାସ ଯୋଗୁଁ ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏହା ସତ୍ୟ ଯେ, ଅମାନିଆଙ୍କ ଯୋଗୁଁ ଜୀବନ ଏବେ ବିପଦରେ। ବାୟୁ ଜୀବନ ରକ୍ଷକ ହୋଇଥିବା ବେଳେ ପ୍ରଦୂଷିତ ବାୟୁ ଜୀବନ ନେବାର କାରଣ ପାଲଟିଛି। ସ୍ୱଚ୍ଛ ବାୟୁ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି।

-ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହଜିଗଲା କେତେ କାହିଁ ଆଜି ସବୁ ଅଜଣା
ଲୋଡ଼ି ନାହିଁ ଅତୀତର କରିବାକୁ ମାଜଣା
ନବ ନବ ତାଳେ କେତେ ନାଚିଥିଲା ପରାଣ
ବିରହର ଗୀତ କେତେ ମିଳନର ବାଜଣା !
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଟ୍ରାଫିକ୍ ରେଲ୍ୱେରେ ପୂଜା ମଣ୍ଡପ।



ମେଳାରେ ମାସ୍କଟ ଦ୍ୱାରା ଲୋକଙ୍କୁ ସାଇବର ଠକେଇରୁ ବର୍ତ୍ତିବା ପାଇଁ ସଚେତନ କରାଯାଉଛି।

# ମା' ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ

ଭଦ୍ରକ,୨୪।୧୦
(ସନାତନ ରାଉତ)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ଶୁକ୍ରବାର ଜଗଦ୍ଧାତ୍ରୀ ବେଶରେ ପୂଜା ପାଇଛନ୍ତି। ସପ୍ତମାତୃକା ବେଶର ୫ମ ଦିନରେ ମା'ଙ୍କୁ ଜଗଦ୍ଧାତ୍ରୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଏହି ବେଶରେ ମା' ନାଲି ପାଟବସ୍ତ୍ର ପରିଧାନ କରିବା ସହ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ମା'ଙ୍କର ମୁଖମଣ୍ଡଳ କମଳା ବର୍ଣ୍ଣ ଥିଲା। ବ୍ୟାଘ୍ର ବାହାନରେ ମା' ବିରାଜମାନ କରି ଶଙ୍ଖ, ଚକ୍ର, ଗଦା ଓ ଖଡ୍ଗ ଧାରଣ କରିଥିଲେ। ଜଗତର ପ୍ରତ୍ୟେକ ଜୀବଠାରୁ ଆରମ୍ଭ କରି ବୃକ୍ଷଲତା ସବୁଠି ମା' ଜଗଦ୍ଧାତ୍ରୀଙ୍କର ସତ୍ତା ଅନୁଭବ ହୁଏ। ତାଙ୍କ ଇଚ୍ଛା ବିନା ଗଛର ପତ୍ରଟିଏ ମଧ୍ୟ ହଲି ନ ଥାଏ। ଜଗଦ୍ଧାତ୍ରୀ ବେଶରେ ମା'ଙ୍କୁ ଦର୍ଶନ କଲେ ଶକ୍ତି ପ୍ରାପ୍ତ ହେବା ସହ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ କରାଯାଏ। ମା'ଙ୍କ ପୀଠରେ ଚାଲିଥିବା ମହାଯଜ୍ଞ ଅବସରରେ ଶତ ଚଣ୍ଡୀପାଠ, ଗୀତାପାଠ, ବେଦପାଠ, ନାମ ସଂକୀର୍ତ୍ତନ ଏକ ନିଆରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଶନିବାର ମା' ମହାସରସ୍ୱତୀ ବେଶରେ ପୂଜା ପାଇବେ।



ମା' ଭଦ୍ରକାଳୀ ଶୁକ୍ରବାର ଜଗଦ୍ଧାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି।

# ଜିଲ୍ଲାସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ ଉଦ୍‌ଘାଟିତ



ଏମ୍‌ପି ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।

ଭଦ୍ରକ,୨୪।୧୦
(ରବିନାରାୟଣ ଖିଲାର)

କାଳୀପୂଜାରେ ଚରମ୍ପାସ୍ଥିତ ରାମଚନ୍ଦ୍ର ବିହାରୀଲାଲ ସ୍କୁଲ ପ୍ରାଙ୍ଗଣରେ ଗୁରୁବାର ସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଓ ମୁଖ୍ୟଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ହସ୍ତଶିଳ୍ପ ଅଧିକାରୀ ଧନ ଟୁଡୁ, ସହ ଅଧିକାରୀ ସତ୍ୟରଞ୍ଜନ କର, ଦିଲୀପ ବିଶ୍ୱାଳଙ୍କ ସମେତ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ହସ୍ତଶିଳ୍ପ ବିଭାଗ ପକ୍ଷରୁ ୨୭ଟି ଷ୍ଟଲ୍ ଖୋଲାଯାଇଛି। ହସ୍ତଶିଳ୍ପ କାରିଗରଙ୍କ ପକ୍ଷରୁ ମୃତ୍ତିକା ଓ ଝୋଟରେ ତିଆରି ଅତ୍ୟାଧୁନିକ ସାମଗ୍ରୀ, ପଥର ଖୋଦେଇ, ଚାନ୍ଦୁଆ, ଧାନରେ ତିଆରି ହସ୍ତତନ୍ତ୍ର ସାମଗ୍ରୀ ଆଦିର ବିକ୍ରି ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୬ ତାରିଖରେ ପ୍ରଦର୍ଶନୀ ଉଦ୍‌ଯାପିତ ହେବ।

# ଲକ୍ଷାଧିକ ଲୋକଙ୍କ ସମାଗମ

## ୪ର୍ଥ ଦିନରେ ଭଦ୍ରକ କାଳୀପୂଜା: ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା

ଭଦ୍ରକ,୨୪।୧୦ (ସନାତନ ରାଉତ)

ଭଦ୍ରକ କାଳୀପୂଜାର ଶୁକ୍ରବାର ୪ର୍ଥ ଦିନ ଥିବାବେଳେ ସନ୍ଧ୍ୟାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ସୁସଜ୍ଜିତ ମଣ୍ଡପ, ପାର୍ଶ୍ୱମୂର୍ତ୍ତି, ତୋରଣ, ଆଲୋକସଜ୍ଜା, ମୀନାବଜାର, ବିଭିନ୍ନ ପ୍ରକାରର ଦୋଳି ଓ ଆକର୍ଷଣୀୟ ମନୋହରି ଦୋକାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଶୁକ୍ରବାର ମେଳାରେ ପୋଲିସ ପକ୍ଷରୁ ସାଇବର ଠକେଇରୁ ବର୍ତ୍ତିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ଏଲ୍‌ଇଡି ମାଧ୍ୟମରେ ଭିଡିଓ ପ୍ରଦର୍ଶନ ସହ ସଙ୍ଗୀତ ଓ ମାସ୍କଟ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଥିଲା। ଲୋକେ ଲୋଭରେ ପଡ଼ି ଠକାମିର ଶିକାର ହେଉଛନ୍ତି। ଲୋକଙ୍କ କଷ୍ଟ ଅର୍ଜିତ ଧନକୁ ସାଇବର ଠକମାନେ ଲୁଟି ନେଉଛନ୍ତି। ଏନେଇ ଲୋକେ ସଚେତନ ହେବା ଆବଶ୍ୟକ। ଅଜଣା ବ୍ୟକ୍ତିଙ୍କୁ ନିଜର ପାସ୍‌ୱାର୍ଡ, ଓଟିପି କିମ୍ବା ବ୍ୟାଙ୍କ ତଥ୍ୟ ନ ଦେବା ପାଇଁ ଏସ୍‌ପି ମନୋଜ ରାଉତ ଲୋକଙ୍କୁ ଅନୁରୋଧ କରିଛନ୍ତି।

### ବାଲୁଆଳିରେ ସଚେତନତା ବାର୍ତ୍ତା

ବିଭିନ୍ନ ମଣ୍ଡପରେ ବାଲୁଆଳି ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଛି। ନିଶାଠାରୁ ଦୂରେଇ ରହିବା ପାଇଁ ସଚେତନତା ଉଦ୍ଦେଶ୍ୟରେ ପିଡବ୍ଲୁ ପୂଜା ମଣ୍ଡପରେ ବାଲୁଆଳି ନିର୍ମାଣ କରାଯାଇଛି। ଯୁବପିଢ଼ି ନିଶା କବଳରେ ନ ପଡ଼ି ନିଶାଠାରୁ ଦୂରେଇ ରହି ପୁରାଣ ଯୁଗର ଶ୍ରବଣ କୁମାର ପରି ହୁଅନ୍ତୁ। ଏବେ ନିଶା କବଳିତ ହୋଇ ଯୁବକମାନେ ଘରେ ଓ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବେଳେ ମା' ବାପାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଶ୍ରବଣ କୁମାର ଯେମିତି ମା' ବାପାଙ୍କର ସେବା କରିଥିଲେ, ସେମିତି ସେବା କରିବା ପାଇଁ ଯୁବପିଢ଼ିଙ୍କୁ ବାଲୁଆଳି ମାଧ୍ୟମରେ ସଚେତନ କରାଯାଇଛି।

### ଘରକରଣା ସାମଗ୍ରୀ ଦୋକାନରେ ଜମୁଛି ଭିଡ଼

ମେଳାରେ କଂସା, ପିତ୍ତଳ, ଷ୍ଟିଲ ବାସନଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଘରକରଣା ଜିନିଷ, କାଠରେ ତିଆରି ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ହେଉଛି। ଏସବୁ ଦୋକାନରେ ବେଶ୍ ଭିଡ଼ ଜମୁଛି। ଲୋକେ ଏହି କାଠ ସାମଗ୍ରୀ ସହ ବିଭିନ୍ନ ଘରକରଣା ଜିନିଷ କିଣିବାକୁ ପସନ୍ଦ କରୁଛନ୍ତି।

### ମୀନାବଜାର ଓ ଦୋଳିର ମଜା ନେଉଛନ୍ତି ଲୋକେ

ପଥରଆଡ଼ି କାଳୀପଡ଼ିଆ, ୧୬ ନଂ. ଜାତୀୟ ରାଜପଥ ନିକଟସ୍ଥ ଓଆର୍‌ଟିସି ପଡ଼ିଆ, ଆର୍‌ସିବିଏଲ୍ ହାଇସ୍କୁଲ ପଡ଼ିଆରେ କାଳୀପୂଜା ପାଇଁ ରାମଦୋଳି, ଚକ୍ରୀଦୋଳି, ବ୍ରେକଡ୍ୟାନ୍ସ, ଟଏଟ୍ରେନ୍, ଡ୍ରାଗନ ଆଦି ବିଭିନ୍ନ ପ୍ରକାର ଦୋଳି ଲାଗିଛି। ଦୋଳି ଲାଗିଥିବା ସ୍ଥାନରେ ଲୋକଙ୍କ ଭିଡ଼ ଜମୁଥିବା ବେଳେ ମେଳା ବୁଲିବା ସହ ଦୋଳିର ମଜା ନେଉଛନ୍ତି।

# ଦୋଷୀଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ

## ଚାନ୍ଦା ନ ଦେବାରୁ ଘରେ ପଶି ଆକ୍ରମଣ ମାମଲା

ଭଦ୍ରକ,୨୪।୧୦(ସନାତନ ରାଉତ/ ରବିନାରାୟଣ ଖିଲାର)

ଚାନ୍ଦା ନ ଦେବାରୁ ଘରେ ପଶି ଆକ୍ରମଣ ମାମଲାରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁ ଗ୍ରାମର ଘନଶ୍ୟାମ ରାଉତ(୪୫)ଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି କୋର୍ଟ। ଏଥିସହ ୨ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ପୁନଶ୍ଚ ୧ ମାସ କାରାଦଣ୍ଡ ଭୋଗିବାକୁ ଆଦେଶ ହୋଇଛି। ଭଦ୍ରକର ସହକାରୀ ଦୌରାଜଜ୍ ଜ୍ୟୋତି ରଞ୍ଜନ ଦାସ ଏହି ମାମଲାର ବିଚାର କରି ଗୁରୁବାର ରାୟ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଏପ୍ରିଲ ୨୪ ପୂର୍ବାହ୍ନରେ ଘନଶ୍ୟାମ ତାଙ୍କ ପଡ଼ୋଶୀ ପବିତ୍ରା ରାଉତଙ୍କ ଘର ଭିତରକୁ ପଶି ୩ ହଜାର ଟଙ୍କା ଚାନ୍ଦା ମାଗିଥିଲେ। ସେ ଚାନ୍ଦା ନ ଦେବାରୁ ଘନଶ୍ୟାମ ତାଙ୍କୁ ଗାଳିଗୁଲଜ କରିବା ସହ ତଣ୍ଟି ଚିପି ମାଡ଼ ମାରିଥିଲେ ବୋଲି ପବିତ୍ରା ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଘନଶ୍ୟାମଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ଅତିଶ ବେହେରା ଓ ଜିତେନ୍ଦ୍ର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# 'ପ୍ରତିଭା ପ୍ରଦର୍ଶନର ମାଧ୍ୟମ ହେଉଛି ସୁରଭି'

ତିହିଡ଼ି,୨୪।୧୦(ସଞ୍ଜିତ ବଳ): ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ହାଇସ୍କୁଲ ପରିସରରେ ଗୁରୁବାର ଆରସା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି-୨୦୨୫ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଧନକେନ୍ଦ୍ର ସଂଯୋଜକ କେଶବ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଟ ୧୦ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଡିଓ ନିରଞ୍ଜନ ବାରିକ ଯୋଗଦେଇ ସୁରଭି ପ୍ରତିଭା ପ୍ରଦର୍ଶନର ମାଧ୍ୟମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଇଓ ସୂର୍ଯ୍ୟଶିଖା ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ ଏବଂ ଶୃଙ୍ଖଳିତ କରି ଗଢ଼ି ତୋଳିବା ସୁରଭିର ଲକ୍ଷ୍ୟ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ସରପଞ୍ଚ ସସ୍ମିତା ମଲିକ, ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯାମିନୀ ମୋହନ ପାଢ଼ୀ, ସର୍ବେଶ୍ୱର ସାହୁ, ଶୈଳେନ୍ଦ୍ର କୁମାର ବାରିକ, ସନାତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋଟ ୨୧ ବିଭାଗରେ କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ବର୍ଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମନୋନୀତ କରାଯାଇଛି। ଆରସା ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।


**THE MAYURBHANJ CENTRAL CO-OPERATIVE BANK LTD.**
At/PO-Baripada, Dist-Mayurbhanj (Odisha), Pin-757001
C.E.O.-06792-252315 E-mail : ceo@mccbank.org.in Fax-No. 06792-254844
No.2221 Date : 24.10.2025

**NOTICE INVITING TENDER FOR DEMOLITION WORK**

Sealed tenders are invited for the Demolition of the existing 2 (two) floors with 417 sq. mtr. (approx..) of the Bank Building of the Mayurbhanj Central Co-operative Bank Ltd., Baripada situated on Plot No. 356, Khata No. 10, in Mauza- Unit- 2, Ambikasahi, Baripada near Kacheri Road, PO/PS- Baripada, Dist- Mayurbhanj- 757001 disposing of debris/ unserviceable material and for giving 'credit' to serviceable materials of the building.
The Contractors with minimum 3 years experience in this field may collect the prescribed tender document in person from the aforementioned Head Office address from 27/10/2025 to 31/10/2025 during office hours 10 am to 5 pm (Monday to Friday). The documents can also be down loaded from our website www.mccbank.org.in (Ref No.2219 dated 24.10.2025).
The filled in tender along with the Earnest Money Deposit, certificate to prove contractor's experience and eligibility should be submitted to "The Chief Executive Officer, The Mayurbhanj Central Co- operative Bank Ltd., At-Kacheri Road, PO/PS- Baripada, Dist- Mayurbhanj- 757001" before 02:00 P. M. on 01/11/2025. The tenders will be opened on 01/11/2025 at 04:00 P. M.
The Bank reserve the right to accept or reject any or all the tenders without assigning any reason whatsoever.

Sd./- Chief Executive Officer
The Mayurbhanj Central Co-operative Bank Ltd.,
Baripada



**SUSHREE INSTITUTE OF TECHNICAL EDUCATION (SITE)**
**PALLISHREE VIHAR, SADAIPALI, BALANGIR**
Estd. 2005 (1st Pvt. Nursing College of Odisha)
Approved by INC & Govt. of Odisha, ONMRC.
Affiliated to OUHS & ONMEB, Bhubaneswar

**NOTICE ON ADMISSION & STARTING OF CLASSES**

Admission into ANM, GNM, B.Sc.(N) & M.Sc.(Nursing) is going on and the Classes will be started from 01.11.2025. Admitted students for the year 2025-26 are instructed to attend their class positively on the 1st day i.e. 01.11.2025 for which messages have been sent to them. Few seats are lying vacant. Interested eligible students can take their admission directly in the SITE College by 31.10.2025. No donation. Only Govt. prescribed fee.

**Contact Mob. No.91787 83142** **Principal**



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No.O-1093

**No. Tender Online - RWCCESNG - 16 of 2025-26, Letter No. 2426 / Dtd. 09.10.2025**

**e-Procurement NOTICE**

1. Type of the Work : Road (MMSY), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 16 of 2025-26 | 27.10.2025 11:00 A.M. | 10.11.2025 5:00 P.M. | 07.11.2025 5:00 P.M. | 11.11.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in
OIPR-25133/11/0073/2526

Sd./- Chief Construction Engineer
Rural Works Circle, Sundargarh



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com



**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ: ଭୁବନେଶ୍ୱର।
**9438128790କୁ ବାୟୋଡ଼ାଟା ପଠାନ୍ତୁ।**

See Career Appointment on every **Wednesday & Saturday**

**WANTED**
**Chintamani Sanskrit Degree College, Fatepur, Balasore** invites applications for the post of (Guest Faculties) :-
**1. Lect. in English - 01**
**2. Lect. in Odia - 01**
**3. :Lect. in History - 01**
**4. Lect. in Sarva Darshana - 01**
From the eligible retired academicians with the age limit of 61 to 69.
Interested candidates shall apply only through HIMS Portal using the online application link on or before **31.10.2025**



**WALK-IN-INTERVIEW**
**MANPOWER REQUIREMENT ON ROLL**

| Sl No | Department | Positions | Experience |
|---|---|---|---|
| 1) | CPP | **Operation:** Shift Incharge, Turbine DCS/Field Operator, Boiler DCS/Field Operator, MHS Engineer/Operator, Fireman, Chemist, RO/DM Operator, Silo Operator. **Mechanical:** Engineer, Sr. Fitter, **Electrical:** Deputy/ Asst. Manager, Engineer/Sr.Engineer, Electrician, **Instrument:** Deputy / Asst. Manager, Engineer / Sr. Engineer, Technician. | 5-10 Years |
| 2) | FA | **Operation:** Shift Manager, Shift Incharge, Control Room Operator, Batch Operator, Tapper, Forklift/Crane Operator, RMHS Shift Incharge, BQT manager, QC head, Chemist, QC Sampler, Cast House Supervisor, **Mechanical:** Engineer, Sr. Engineer, Sr. Fitter, **Electrical:** Deputy / Asst. Manager, Engineer/ Sr.Engineer, Electrician | 5-10 Years |
| 3) | DRI | **Operation:** Sr. Manager, Shift Manager, Control Room Operator, Field Operator, QRT Operator, Port Loading Supervisor, Chemist, Lab attendant, **Mechanical/RMP:** Manager, Engineer, Foreman, Sr. Fitter, Belt Jointer, RMP Operator / Supervisor, **Electrical:** Engineer / Sr. Engineer, Electrician. | 5-10 Years |
| 4) | CIVIL | Asst. Manager / Sr. Engineer, Quality Engineer, Supervisor | 5-10 Years |
| 5) | F&S | Safety Patroller | 5-10 yrs |
| 6) | Pollution Control | Asst. Manager / Sr. Engineer | 5-10 Years |
| 7) | Commercial | Accountants, Engineering Store Manager | 5-10 yrs |

**SREE METALIKS AND SAL STEEL LTD JOINT VENTURE**
Interested candidate may walk in with their updated CV, Photo & proof of present salary on date: 26/10/2025, Time 10.00 am to 04.00 pm Contact Person: Mr. SK Ray, Mob. 9937222002. Interview Location: Plot No. K-8/552, Kalinga Nagar, Near Sum Ultimate Hospital, Bhubaneswar
Job Location: Vill- Bharapur, Tal- Gandhidham, Dist- Kutch, Gujurat



**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ନଭେମ୍ବର ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୦.୧୧.୨୦୨୫ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନ୍‌ସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୩୧.୧୦.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0171/25



**GOVERNMENT OF CHHATTISGARH,**
**WATER RESOURCES DEPARTMENT**
**OFFICE OF THE CHIEF ENGINEER**
**MAHANADI PROJECT, RAIPUR (CHHATTISGARH)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(First Call)**

**System Tender No. 177899/ NIT No.: 12/SAC/25-26** **Dated: 23.10.2025**
**Online Tenders are invited for the following work up to 13.11.2025 at 17.30 Hours.**
**Name of work - Construction of Village Road Bridge on Sejbahar Local Nalla in Block Dharsiwa, District Raipur.**
Probable Amount of Contract: - **Rs. 208.15 Lakhs**
**(As per S.O.R dated 01.08.2010 and amended upto dated 22.08.2022).**
The details can be viewed and downloaded online directly from the Government of Chhattisgarh Integrated e-Procurement Portal (**https://eproc.cgstate.gov.in**) **from Date 30.10.2025, at 17.31 Hours.** (IST) onwards.
**NOTE** :- All eligible/interested contractors/bidders are mandated to get enrolled on the Integrated e-procurement portal (**https://eproc.cgstate.gov.in**) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. All Prequalification Certificates issued by Water Resources Department from dated 01.10.2024 till date is valid in this tender (As per Engineer-in-Chief, W.R.D. Raipur's Letter No. 425001/TC/2016/**IdwZ**-/9210 Raipur Dtd. 23/09/2025).

Sd./- Executive Engineer
Water Management Division No.I, Raipur
for, Chief Engineer, Mahanadi Project
Raipur (C.G)
G-252604328/6



**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୯, ତାରିଖ: ୨୪।୧୦।୨୦୨୫
**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ (ଟଙ୍କାରେ ) |
|---|---|---|---|---|---|
| ୧. | ୫୬୨୫୫୧୮୪ଏ | ୨୫।୧୧।୨୫ | ଭିଡିୟୁ (୪୨-୮୫ ଇଞ୍ଚ) ପାଇଁ ଏସ୍‌ଏମ୍‌ପିଏସ୍-ଆଧାରିତ ମଡ୍ୟୁଲାର ପାୱାର ସପ୍ଲାଏ ଆରେଞ୍ଜମେଣ୍ଟ ଆଦି | ୩୫ ସେଟ୍ | ୧,୬୧,୦୭୦/- |
| ୨. | ୨୫୨୫୩୫୬୫ଏ | ୦୩।୧୧।୨୫ | ୧୫୦୦ ଆମ୍ପସ୍ କ୍ଷମତାର ରିଭର୍ସର ନିମନ୍ତେ କଣ୍ଟାକ୍ଟ ସେଗମେଣ୍ଟ | ୩୭୭ ଗୋଟି | ୧,୪୮,୭୩୦/- |
| ୩. | ୨୯୨୫୩୭୮ଏ | ୦୭।୧୧।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୧୩୯ ସେଟ୍ | ୩,୯୦,୩୭୦/- |
| ୪. | ୨୯୨୫୩୨୮୧ଏ | ୦୭।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/- |
| ୫. | ୨୯୨୫୩୧୫୧ | ୧୪।୧୧।୨୫ | ଡବ୍ଲ୍ୟୁଏଜି-୯ ଲୋକୋ ପାଇଁ ଏକ୍ସିଲ ବକ୍ସ ବେରିଂ କମ୍ପୋନେଣ୍ଟର ସେଟ୍ | ୧୦୩ ସେଟ୍ | ୧,୯୨,୪୦୦/- |
| ୬. | ୧୮୨୫୩୦୩୧ | ୨୧।୧୧।୨୫ | କିପି ରିଲେ, ୩ ଏନ୍.ଓ+୩ ଏନ୍.ସି. ଇଣ୍ଟରଲକ୍ କଣ୍ଟାକ୍ଟସ୍ | ୪୨୨ ଗୋଟି | ୧,୪୫,୮୯୦/- |
| ୭. | ୨୯୨୫୫୦୯୫ | ୦୬।୧୧।୨୫ | ସିଲିଣ୍ଡରିକାଲ ରୋଲର ବେରିଂ ସେଟ୍ | ୨୦୦ ସେଟ୍ | ୨,୮୦,୬୦୦/- |
| ୮. | ୨୯୨୫୫୧୦୫ | ୦୬।୧୧।୨୫ | ଅତିରିକ୍ତ ହାର୍ଡୱେର୍‌ର ଯୋଗାଣ, ସ୍ଥାପନ ଓ କମିଶନିଂ | ୯୦୦ ଗୋଟି | ୭,୮୪,୯୯୦/- |
| ୯. | ୨୯୨୫୩୨୮୧ଏ | ୦୭।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/- |
| ୧୦. | ୨୫୨୫୩୬୦୯ | ୧୦।୧୧।୨୫ | ସିଲିକନ୍ ରବର୍ କମ୍ପାଉଣ୍ଡ ସିଲାଣ୍ଟ | ୧୩୨୮୦ କିଗ୍ରା | ୧,୩୩,୨୭୦/- |
| ୧୧. | ୨୫୨୫୧୨୨୫ | ୨୪।୧୧।୨୫ | ଏମ୍‌ଏନ୍ ଷ୍ଟିଲ୍ ପିନ୍ ଓ ବୁଶ୍‌ଗୁଡ଼ିକର ସେଟ୍ | ୫୫ ସେଟ୍ | ୧,୦୯,୦୩୦/- |
| ୧୨. | ୩୮୨୫୫୦୧୫ | ୦୪।୧୨।୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ କମ୍ପ୍ଲିଟ୍। | ୫୦୦୦ ଗୋଟି | ୪,୧୦,୦୫୦/- |
| ୧୩. | ୮୩୨୫୧୮୩ଏ | ୧୦।୧୧।୨୫ | କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟ୍ ଆକାର ୧୦.୩ ସେମି x ୬.୪ ସେମି ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୪. | ୬୫୨୫୫୦୨୧ | ୨୫।୧୧।୨୫ | "ବଣ୍ଡମୁଣ୍ଡା, ହଳଦିଆ ଓ ଆଦିତ୍ୟପୁର ପାଇଁ ସିଏନ୍‌ସି ଏସ୍‌ଡବ୍ଲ୍ୟୁଏଲ୍"ର ଯୋଗାଣ ଓ ସ୍ଥାପନ ଏବଂ କମିଶନ୍ (ପ୍ରାକ୍ ବିଡ୍ ବୈଠକ ତା୦୪।୧୧।୨୫ରିଖ ୧୨.୦୦ ଘଟିକା ପିସିଏମ୍‌ଏମ୍ ମିଟିଂ ରୁମ୍/ଏସ୍‌ଇଆର/ଜିଆର୍‌ସି/କୋଲକାତା-୪୩ରେ) | ୦୩ ଗୋଟି | ୨୦,୦୦,୦୦୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-769)

# ୪୮୬ ଡାକ୍ତର ପଦବୀ ଖାଲି

ବାରିପଦା,୨୪।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)




ମୟୂରଭଞ୍ଜ

- ରୋଗୀ ସ୍ଥାନାନ୍ତରକୁ ନେଇ ଉଦ୍‌ବେଗ
- ଘରୋଇ ହସ୍ପିଟାଲ ମୁହାଁ ରୋଗୀ
- ଡାକ୍ତର ପଦବୀ ପୂରଣ ନ ହେଲେ ଆନ୍ଦୋଳନ

ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବା କହୁଥିବାବେଳେ ମୟୂରଭଞ୍ଜ ଜିଲାରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଜିଲାରେ ୪୮୬ ଡାକ୍ତର ପଦବୀ ଫାଙ୍କା ପଡ଼ିଥିବାରୁ ରୋଗୀ ସେବା ବିପର୍ଯ୍ୟସ୍ତ ହେଇପଡ଼ିଛି। ଉପଯୁକ୍ତ ଚିକିତ୍ସା ସେବାରୁ ବଞ୍ଚିତ ରୋଗୀ ଘରୋଇ ହସ୍ପିଟାଲ ମୁହାଁ ହେଉଛନ୍ତି। ଅନେକ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରିକି ସଂକ୍ରମିତ ରୋଗକୁ ପ୍ରତିରୋଧ କରିବା ଦିଗରେ ବିଭାଗୀୟ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘୋର ଅଭାବ ଯୋଗୁ ଜିଲାବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୬ମାସ ମଧ୍ୟରେ କେବଳ ୨ ପ୍ରତିଶତ ଡାକ୍ତର ପଦବୀ ପୂରଣ ହୋଇଥିବା ବେଳେ ଅର୍ଦ୍ଧାଧିକ ପଦବୀ ଫାଙ୍କା ପଡ଼ିଛି । ଖୁବ୍‌ଶୀଘ୍ର ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରା ନ ଗଲେ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି।

ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ତେବେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରିବା ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପୂରଣ ହୋଇପାରୁ ନାହିଁ। ଏପରିକି ଡାକ୍ତରଙ୍କ ସହିତ ନର୍ସ ଅଫିସର ଓ ଟେକ୍ନିସିଆନ ପଦବୀ ଫାଙ୍କା ପଡ଼ିଥିବାରୁ ରୋଗୀ ଘରୋଇ ହସ୍ପିଟାଲ ମୁହାଁ ହେବାରେ ଲାଗଛନ୍ତି। ଜିଲାର ସମସ୍ତ ଡାକ୍ତରଖାନାରେ ମୋଟ ୧୪୯୦ ଶଯ୍ୟା ରହିଛି। ଜିଲାର ରୋଗୀମାନଙ୍କୁ ସେବା ଯୋଗାଇବା ପାଇଁ ୧୦୨୮ ଡାକ୍ତର ପଦବୀ ସୃଷ୍ଟି କରାଯାଇଛି। ସେଥିମଧ୍ୟରୁ ୪୭.୨୮ ପ୍ରତିଶତ ଅର୍ଥାତ୍ ୪୮୬ ଡାକ୍ତର ପଦବୀ ଫାଙ୍କା ପଡ଼ିଛି। ଏହାକୁ ନେଇ ଜିଲା ପରିଷଦ ବୈଠକରେ ସଦସ୍ୟା ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ରୋଗୀ ସେବା ବ୍ୟାହତ ହେବାରେ ଲାଗିଛି। ଫଳରେ ଜିଲାରେ ଥିବା ଏକମାତ୍ର ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ଏବେ ରେଫରାଲ୍ ଡାକ୍ତରଖାନା ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି।

ସେହିପରି ରାଇରଙ୍ଗପୁର ଉପଖଣ୍ଡ (ଏସ୍‌ଡିଏଚ୍) ଡାକ୍ତରଖାନାରୁ ବାରମ୍ବାର ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ଏନେଇ ଏମ୍‌ପି ନବ ଚରଣ ମାଝୀ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଜନପ୍ରତିନିଧିମାନେ ଡାକ୍ତରଙ୍କ ଏପରି ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି କାର୍ଯ୍ୟକଳାପକୁ ବନ୍ଦ କରିବା ସହ ଡାକ୍ତର ଅଭାବକୁ ପୂରଣ କରିବା ପାଇଁ ଜିଲା ପରିଷଦ ବୈଠକରେ ଜନପ୍ରତିନିଧିମାନେ ଦାବି କରିଛନ୍ତି। ତେବେ ପ୍ରତି ବୈଠକରେ ଡାକ୍ତର ପଦବୀ ଓ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବାରମ୍ବାର ଦାବି ଉପସ୍ଥାପନା କରାଯାଉଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ତଥା ସରକାରଙ୍କ ଆନ୍ତରିକତା ନ ଥିବା ୩୫ନଂ. ଜୋନ୍ ଜିଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ କହିଛନ୍ତି। ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ରୋଗୀମାନେ ଉତ୍ତମ ଚିକିତ୍ସା ପାଇବା ପାଇଁ ବାରିପଦା ଡାକ୍ତରଖାନା ଉପରେ ମଧ୍ୟ ଭରସା କରିଥାନ୍ତି। ଜିଲା ମୁଖ୍ୟାଳୟ ଡାକ୍ତରଖାନା, ମେଡିକାଲ କଲେଜ, ଉପଖଣ୍ଡସ୍ତରୀୟ ୩ଟି, ୪ଟି ସହରାଞ୍ଚଳ ଡାକ୍ତରଖାନା, ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୮୨ଟି ପ୍ରାଥମିକ ଚିକିତ୍ସାଳୟ, ୯ଟି ୟୁପିଏଚ୍‌ସି ଉପରେ ଜିଲାର ୨୮ଲକ୍ଷ ୭୦ହଜାର ୬୪୭ ଲୋକ ନିର୍ଭର କରିଥାନ୍ତି। ଏଥି ନିମନ୍ତେ ୧୦୨୮ ଡାକ୍ତର ପଦବୀ ରହିଥିବା ବେଳେ ସେଥି ମଧ୍ୟରୁ ୪୮୬ଟି ପଦବୀ ଫାଙ୍କା ପଡ଼ିଛି। କେବଳ ଜିଲା ମୁଖ୍ୟାଳୟରେ ୧୯୦ ଡାକ୍ତର ପଦବୀ ମଧ୍ୟରୁ ୧୦୧ଟି ପଦବୀ ଖାଲି ପଡ଼ିଛି । ସେହିପରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ୫୪ରୁ ୨୦, ଉଦଳାରେ ୪୯ରୁ ୨୫ଟି ଓ କରଞ୍ଜିଆରେ ୫୩ରୁ ୨୦ଟି ପଦବୀରେ ଡାକ୍ତର ନାହାନ୍ତି। ଜନସଂଖ୍ୟା ତୁଳନାରେ ପ୍ରତି ଡାକ୍ତରଙ୍କ ପାଇଁ ୫୫୮୪ଜଣ ରୋଗୀଙ୍କ ଦାୟିତ୍ୱ ଭାର ରହିଛି । ସେହିପରି ୧୨୩୨ନର୍ସ ଅଫିସର ପଦବୀ ମଧ୍ୟରୁ ୪୧୮, ୧୬୦ ଫାର୍ମାଶିଷ୍ଟ ପଦବୀରୁ ୨୯ଟି, ୧୨୩ ଲ୍ୟାବ ଟେକ୍ନିସିଆନ ପଦବୀରୁ ୩୮ଟି, ଏମ୍‌ପିଏଚ୍‌ଡବ୍ଲ୍ୟୁ(ମହିଳା) ପଦବୀରେ ୨୯୫ ଓ ପୁରୁଷ ପଦବୀରେ ୬୦୪, ୭୦ଟି କିରାଣୀ ପଦବୀରୁ ୨୫ଟି, ୨୭୦ ଆଟେଣ୍ଡାଣ୍ଟଙ୍କ ମଧ୍ୟରୁ ୧୧୯ଟି, ୧୮୭ ସୁଇପରଙ୍କ ମଧ୍ୟରୁ ୯୭ଟି ଏବଂ ୪୯ଟି ପିଅନ ମଧ୍ୟରୁ ୨୧ଟି ପଦବୀ ଦୀର୍ଘ ଦିନ ଧରି ଖାଲି ରହିଛି।

ଜିଲାର ଏକମାତ୍ର ମେଡିକାଲ କଲେଜରେ ୫୬୩ ଶଯ୍ୟା ରହିଥିବା ବେଳେ ଏହା ବୃଦ୍ଧି ପାଇ ୬୩୦ରେ ପହଞ୍ଚିଛି। ଏଠାରେ ୬ଟି ମେଜର ଓ ୫ଟି ମାଇନର ଅସ୍ତ୍ରୋପଚାର ଥିଏଟର ରହିଛି। ପିଆର୍‌ଏମ୍ ମେଡିକାଲ କଲେଜଟି ନିଜସ୍ୱ କ୍ୟାମ୍ପସକୁ ସ୍ଥାନାନ୍ତର ହେବା ପରେ ଜିଲା ମୁଖ୍ୟାଳୟରେ ଅର୍ଦ୍ଧାଧିକ ବିଶେଷଜ୍ଞ ଡାକ୍ତର ନ ଥିବା ବେଳେ ଆବଶ୍ୟକ ସଂଖ୍ୟକ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ନାହାନ୍ତି। ବିଭିନ୍ନ ବିଭାଗରେ ଡାକ୍ତର ପଦବୀ ଫାଙ୍କା ପଡ଼ିଥିବା ବେଳେ ରୋଗୀ ସଂଖ୍ୟାକୁ ନେଇ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଇପାରୁ ନାହିଁ। ଫଳରେ ରୋଗୀମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ବ୍ୟତିତ ଅନ୍ୟ କୌଣସି ଉପାୟ ନ ଥିବାରୁ ଏହାକୁ ରେଫରାଲ୍ ହସ୍ପିଟାଲ ବୋଲି କୁହାଯାଉଛି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଜନପ୍ରତିନିଧିମାନେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏପରିକି ନୂତନ ସରକାରରେ ଜିଲାରୁ ଭାଜପାର ୨ ଜଣ ମନ୍ତ୍ରୀଙ୍କୁ ମିଶାଇ ୯ ବିଧାୟକ, ୩ ଏମ୍‌ପି ଓ ଜଣେ ରାଜ୍ୟସଭା ସଦସ୍ୟା ରହିଛନ୍ତି। ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳି ପାରୁ ନ ଥିବାରୁ ଜନ ଅସନ୍ତୋଷ ବଢ଼ି ଚାଲିଛି।

# ଠାକୁରମୁଣ୍ଡାରେ ମହାବଳ ବାଘ ଆତଙ୍କ

ଠାକୁରମୁଣ୍ଡା,୨୪।୧୦
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ କାଳିଆଜିଆଣି ଜଙ୍ଗଲକୁ ଶିମିଳିପାଳ କୋର୍ ଏରିଆରୁ ଏକ ମହାବଳ ବାଘ ଚାଲି ଆସିଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିବାବେଳେ ବନ ବିଭାଗ ବାଘର ଗତିବିଧି ଉପରେ ନଜର ରଖିଛି।

ଗୁରୁବାର ସ୍ଥାନୀୟ ଲୋକେ ବାଘଟିକୁ ଦେଖିଥିଲେ। ମହାବଳ ବାଘ ଆସିଥିବା ଖବର ପ୍ରଚାର ହେବା ପରେ ଆଖପାଖ ଗାଁରେ କୋକୁଆ ଭୟ ଦେଖାଦେଇଛି। କରଞ୍ଜିଆ ଡିଏଫ୍‌ଓ ବୈଦ୍ୟନାଥ ମାଝୀ, ଏସିଏଫ୍ ପ୍ରଭାତ କୁମାର କୁଅଁର, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ବାଘର ପାଦଚିହ୍ନ ଦେଖିବା ସହ ତା'ର ଗତିବିଧି ଉପରେ ନଜର ରଖିଛନ୍ତି। ପାଦଚିହ୍ନ ମହାବଳ ବାଘର ବୋଲି ବନ ବିଭାଗ କହିଛି। ତେବେ ଏହି ମହାବଳ କାହାର କୌଣସି କ୍ଷତି କରି ନ ଥିବା ଜଣାପଡ଼ିଛି। ବନ ବିଭାଗ ଜଙ୍ଗଲ ଭିତରେ କ୍ୟାମେରା ଲଗାଇ ବାଘ ଉପରେ ନଜର ରଖିଥିବା ସୂଚନା ମିଳିଛି।


ବାଘ ପାଦଚିହ୍ନ।

# ଜୋନ୍‌ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ବାରିପଦା,୨୪।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ସମେତ ୬ଟି ଜିଲାକୁ ନେଇ ଜୋନ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଆଦି ଜିଲାରୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶିଧର ସିଂହ ଓ ବିନୋଦ ସିଂ ଯୋଗ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଅତିଥି ପରିଚୟ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଥିଏଟର ଅଭିନେତା ଓ ନିର୍ଦ୍ଦେଶକ କୁମରମଣି ନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଧୀର ବସା, ନୃତ୍ୟ ପ୍ରଶିକ୍ଷକ ଲିଟନ ପଟ୍ଟନାୟକ, ନୃତ୍ୟ ଶିଳ୍ପୀ ରିଚା ବାରିକ, ନୃତ୍ୟ ଶିକ୍ଷକ ଅରୂପାନନ୍ଦ ମହଲା ପ୍ରମୁଖ ଯୋଗ ଦେବା ସହିତ ପ୍ରତିଯୋଗିତାର ବିଚାରକ ଭାବେ ମଧ୍ୟ ଯୋଗ ଦେଇଥିଲେ।

ପ୍ରତିଯୋଗିତରେ ବାଲେଶ୍ୱର ଜିଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ଜିଲାର ଭାଗିରଥିପୁର ଉଚ୍ଚ ବିଦ୍ୟାଳୟ, ଅନୁଗୋଳ ଜିଲାର ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ ଅଡଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇ ଅତିଥିମାନଙ୍କ ନିକଟରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଶ୍ରେଷ୍ଠ ଅଭିନେତା ଭାବେ ବାଲେଶ୍ୱର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଶିବନାରାୟଣ ଦାସ, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଚନ୍ଦନ କୁମାର ଦାସ ଓ ନାଟକ ଲେଖକ ଭାବେ ଦେବବ୍ରତ ଦେ, ଶ୍ରେଷ୍ଠ ଯୁଗ୍ମ ଅଭିନେତ୍ରୀ ରୂପେ ଭଦ୍ରକ ଜିଲାର ଓଏଭି ସାୟାମପୁର ସୁହାନା ଦାସ ଓ ମୟୂରଭଞ୍ଜ ଜିଲାର ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳ ବାରିପଦାର ସ୍ୱାଗତିକା ପଣ୍ଡା ଅତିଥି ମାନଙ୍କ ନିକଟରୁ ଟ୍ରଫି, ପୁଷ୍ପ ଗୁଚ୍ଛ ନେଇ ପୁରସ୍କୃତ ହୋଇ ଥିଲେ । ସୂଚନାଯୋଗ୍ୟ ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ପ୍ରତିଯୋଗୀ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରରେ ଅଂଶ ଗ୍ରହଣ କରିବ ବୋଲି ଘୋଷଣା କରାଯାଇଥିଲା।

# ସାଇବର ସୁରକ୍ଷା ସଚେତନତା ଅଭିଯାନ

ରାଇରଙ୍ଗପୁର,୨୪।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସର୍କଲ ଗୋରୁମହିଷାଣୀ ଥାନା ପରିସରରେ ପୋଲିସ ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଏବଂ ଗୋରୁମହିଷାଣୀ ଥାନା ଅଧିକାରୀ ଜଗନ୍ନାଥ ମୁଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକଙ୍କଠାରୁ ବିଭିନ୍ନ ପ୍ରଲୋଭନ ଆଳରେ ସାଇବର ଅପରାଧୀମାନେ ବ୍ୟାପକ ଅର୍ଥ ଲୁଟ କରୁଥିବା ଦେଖାଯାଇଛି, ଉକ୍ତ ସାଇବର ଅପରାଧୀମାନଙ୍କ କାର୍ଯ୍ୟ କଳାପ ଉପରେ ଜନ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ କୁଲେଇସିଳା ପଞ୍ଚାୟତ ସରପଞ୍ଚ ମିଳିମଣି ସିଂ, ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତ, ଉମେଶ ଶଙ୍କର ସାହୁ, ଏବ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଆମ୍ବଗଡ଼ିଆ, ଦିଗାନଗର ଗାଁ ରାସ୍ତା ଶୋଚନୀୟ

ବୈଶିଙ୍ଗା,୨୪।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଆମ୍ବଗଡ଼ିଆ ପଞ୍ଚାୟତର ଆମ୍ବଗଡ଼ିଆ ଓ ରଘୁପୁର ପଞ୍ଚାୟତର ଦିଗାନଗର ଗ୍ରାମର ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ସଫଳ ରୂପାୟନ ପାଇଁ ବର୍ତ୍ତମାନ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ହାତରୁ କ୍ଷମତା କାଢି ନେଇ ବିଡିଓମାନଙ୍କ ଉପରେ ନ୍ୟସ୍ତ କରାଯିବା ଯୋଗୁ ଦିନକୁ ଦିନ ପ୍ରଶାସନିକ ଅଚଳାବସ୍ଥା ବଢ଼ି ଚାଲିଥିବା ସହ ତାଳ ମିଳାଇ ଲୋକଙ୍କ ଭିତରେ ଅସନ୍ତୋଷ ମଧ୍ୟ ବଢ଼ି ଚାଲିଥିବା ପରିଲକ୍ଷିତ ହେଉଛି। ମୁଖ୍ୟ ରାସ୍ତା ଖରାପ ହୋଇଥିଲେ ଲୋକ ପ୍ରତିନିଧିମାନେ ଅନୁଭବ କରି ଦାୟିତ୍ୱ ନେଇ ଥାଆନ୍ତି। କିନ୍ତୁ ଏବେ ସରକାରଙ୍କ ନୂତନ ଗାଇଡ୍ ଲାଇନ ଜାରି ହେବା ପରଠାରୁ ଏହା ଆଉ ସମ୍ଭବ ହୋଇପାରୁ ନାହିଁ। ଆମ୍ବଗଡ଼ିଆ ଗ୍ରାମର ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ସେହିଭଳି ରଘୁପୁର ପଞ୍ଚାୟତର ଦିଗାନଗର ଗ୍ରାମ୍ୟ ରାସ୍ତାରେ ଆଣ୍ଠୁଏ କାଦୁଅ ପଚପଚ ରାସ୍ତାରେ ଲୋକମାନେ ଯାଉଥିବା ବେଳେ ବାରମ୍ବାର ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା କାମ ହୋଇ ପାରିନାହିଁ।

**THE MAYURBHANJ CENTRAL CO-OPERATIVE BANK LTD.**
At/PO-Baripada, Dist-Mayurbhanj (Odisha), Pin-757001
C.E.O.-06792-252315 E-mail : ceo@mccbank.org.in Fax-No. 06792-254844
No.2221 Date : 24.10.2025

**NOTICE INVITING TENDER FOR DEMOLITION WORK**

Sealed tenders are invited for the Demolition of the existing 2 (two) floors with 417 sq. mtr. (approx..) of the Bank Building of the Mayurbhanj Central Co-operative Bank Ltd., Baripada situated on Plot No. 356, Khata No. 10, in Mauza- Unit- 2, Ambikasahi, Baripada near Kacheri Road, PO/PS- Baripada, Dist- Mayurbhanj- 757001 disposing of debris/ unserviceable material and for giving 'credit' to serviceable materials of the building.
The Contractors with minimum 3 years experience in this field may collect the prescribed tender document in person from the aforementioned Head Office address from 27/10/2025 to 31/10/2025 during office hours 10 am to 5 pm (Monday to Friday). The documents can also be down loaded from our website www.mccbank.org.in (Ref No.2219 dated 24.10.2025).
The filled in tender along with the Earnest Money Deposit, certificate to prove contractor's experience and eligibility should be submitted to "The Chief Executive Officer, The Mayurbhanj Central Co- operative Bank Ltd., At-Kacheri Road, PO/PS- Baripada, Dist-Mayurbhanj- 757001" before 02:00 P. M. on 01/11/2025. The tenders will be opened on 01/11/2025 at 04:00 P. M.
The Bank reserve the right to accept or reject any or all the tenders without assigning any reason whatsoever.

Sd./- Chief Executive Officer
The Mayurbhanj Central Co-operative Bank Ltd.,
Baripada

**SUSHREE INSTITUTE OF TECHNICAL EDUCATION (SITE)**
**PALLISHREE VIHAR, SADAIPALI, BALANGIR**
Estd. 2005 (1st Pvt. Nursing College of Odisha)
Approved by INC & Govt. of Odisha, ONMRC.
Affiliated to OUHS & ONMEB, Bhubaneswar

**NOTICE ON ADMISSION & STARTING OF CLASSES**

Admission into ANM, GNM, B.Sc.(N) & M.Sc. (Nursing) is going on and the Classes will be started from 01.11.2025. Admitted students for the year 2025-26 are instructed to attend their class positively on the 1st day i.e. 01.11.2025 for which messages have been sent to them. Few seats are lying vacant. Interested eligible students can take their admission directly in the SITE College by 31.10.2025. No donation. Only Govt. prescribed fee.

**Contact Mob. No.91787 83142** **Principal**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No.O-1093

**No. Tender Online - RWCCESNG - 16 of 2025-26, Letter No. 2426 / Dtd. 09.10.2025**

**e-Procurement NOTICE**

1. Type of the Work : Road (MMSY), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 16 of 2025-26 | 27.10.2025 11:00 A.M. | 10.11.2025 5:00 P.M. | 07.11.2025 5:00 P.M. | 11.11.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in
Sd./- Chief Construction Engineer
Rural Works Circle, Sundargarh
OIPR-25133/11/0073/2526

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ: ଭୁବନେଶ୍ୱର।
**9438128790କୁ ବାୟୋଡ଼ାଟା ପଠାନ୍ତୁ।**

See Career Appointment on every **Wednesday & Saturday**

**WANTED**

**Chintamani Sanskrit Degree College, Fatepur, Balasore** invites applications for the post of (Guest Faculties) :-
1. **Lect. in English - 01**
2. **Lect. in Odia - 01**
3. **:Lect. in History - 01**
4. **Lect. in Sarva Darshana - 01**

From the eligible retired academicians with the age limit of 61 to 69.
Interested candidates shall apply only through HIMS Portal using the online application link on or before **31.10.2025**

**WALK-IN-INTERVIEW**
**MANPOWER REQUIREMENT ON ROLL**

| Sl No | Department | Positions | Experience |
|---|---|---|---|
| 1) | CPP | **Operation:** Shift Incharge, Turbine DCS/Field Operator, Boiler DCS/Field Operator, MHS Engineer/Operator, Fireman, Chemist, RO/DM Operator, Silo Operator. **Mechanical:** Engineer, Sr. Fitter, **Electrical:** Deputy/ Asst. Manager, Engineer/Sr.Engineer, Electrician, **Instrument:** Deputy / Asst. Manager, Engineer / Sr. Engineer, Technician. | 5-10 Years |
| 2) | FA | **Operation:** Shift Manager, Shift Incharge, Control Room Operator, Batch Operator, Tapper, Forklift/Crane Operator, RMHS Shift Incharge, BQT manager, QC head, Chemist, QC Sampler, Cast House Supervisor, **Mechanical:** Engineer, Sr. Engineer, Sr. Fitter, **Electrical:** Deputy / Asst. Manager, Engineer/ Sr.Engineer, Electrician | 5-10 Years |
| 3) | DRI | **Operation:** Sr. Manager, Shift Manager, Control Room Operator, Field Operator, QRT Operator, Port Loading Supervisor, Chemist, Lab attendant, **Mechanical/RMP:** Manager, Engineer, Foreman, Sr. Fitter, Belt Jointer, RMP Operator / Supervisor, **Electrical:** Engineer / Sr. Engineer, Electrician. | 5-10 Years |
| 4) | CIVIL | Asst. Manager / Sr. Engineer, Quality Engineer, Supervisor | 5-10 Years |
| 5) | F&S | Safety Patroller | 5-10 yrs |
| 6) | Pollution Control | Asst. Manager / Sr. Engineer | 5-10 Years |
| 7) | Commercial | Accountants, Engineering Store Manager | 5-10 yrs |

**SREE METALIKS AND SAL STEEL LTD JOINT VENTURE**
Interested candidate may walk in with their updated CV, Photo & proof of present salary on date: 26/10/2025, Time 10.00 am to 04.00 pm
Contact Person: Mr. SK Ray, Mob. 9937222002. Interview Location: Plot No. K-8/552, Kalinga Nagar, Near Sum Ultimate Hospital, Bhubaneswar
Job Location: Vill- Bharapur, Tal- Gandhidham, Dist- Kutch, Gujurat

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ନଭେମ୍ବର ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୦.୧୧.୨୦୨୫ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନ୍‌ସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୩୧.୧୦.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0171/25

**GOVERNMENT OF CHHATTISGARH,**
**WATER RESOURCES DEPARTMENT**
**OFFICE OF THE CHIEF ENGINEER**
**MAHANADI PROJECT, RAIPUR (CHHATTISGARH)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(First Call)**

**System Tender No. 177899/ NIT No.: 12/SAC/25-26** **Dated: 23.10.2025**
**Online Tenders are invited for the following work up to 13.11.2025 at 17.30 Hours.**
**Name of work - Construction of Village Road Bridge on Sejbahar Local Nalla in Block Dharsiwa, District Raipur.**
Probable Amount of Contract: - **Rs. 208.15 Lakhs**
**(As per S.O.R dated 01.08.2010 and amended upto dated 22.08.2022).**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 30.10.2025, at 17.31 Hours. (IST) onwards.**
**NOTE** :- All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. All Prequalification Certificates issued by Water Resources Department from dated 01.10.2024 till date is valid in this tender (As per Engineer-in-Chief, W.R.D. Raipur's Letter No. 425001/TC/2016/**IdwZ**-/9210 Raipur Dtd. 23/09/2025).

Sd./- Executive Engineer
Water Management Division No.I, Raipur
for, Chief Engineer, Mahanadi Project
Raipur (C.G)
G-252604328/6

**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୯, ତାରିଖ: ୨୪।୧୦।୨୦୨୫

**"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା– ୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ (ଟଙ୍କାରେ ) |
|---|---|---|---|---|---|
| ୧. | ୫୬୨୫୫୧୮୪ଏ | ୨୫।୧୧।୨୫ | ଭିଡିୟୁ (୪୨–୮୫ ଇଞ୍ଚ) ପାଇଁ ଏସ୍‌ଏମ୍‌ପିଏସ୍–ଆଧାରିତ ମଡ୍ୟୁଲାର ପାୱାର ସପ୍ଲାଏ ଆରେଞ୍ଜମେଣ୍ଟ ଆଦି | ୩୫ ସେଟ୍ | ୧,୬୧,୦୭୦/– |
| ୨. | ୨୫୨୫୩୫୬୫ଏ | ୦୩।୧୧।୨୫ | ୧୫୦୦ ଆମ୍ପସ୍ କ୍ଷମତାର ରିଭର୍ସର ନିମନ୍ତେ କଣ୍ଟାକ୍ଟ ସେଗ୍‌ମେଣ୍ଟ | ୩୭୭ ଗୋଟି | ୧,୪୮,୭୩୦/– |
| ୩. | ୨୯୨୫୩୭୮ଏ | ୦୬।୧୧।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୧୩୯ ସେଟ୍ | ୩,୯୦,୩୭୦/– |
| ୪. | ୨୯୨୫୩୨୮୧ଏ | ୦୬।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/– |
| ୫. | ୨୯୨୫୩୧୫୧ | ୧୪।୧୧।୨୫ | ଡବ୍ଲ୍ୟୁଏଜି–୯ ଲୋକୋ ପାଇଁ ଏକ୍ସିଲ ବକ୍ସ ବେରିଂ କମ୍ପୋନେଣ୍ଟର ସେଟ୍ | ୧୦୩ ସେଟ୍ | ୧,୯୨,୪୦୦/– |
| ୬. | ୧୮୨୫୩୦୩୧ | ୨୧।୧୧।୨୫ | କିପି ରିଲେ, ୩ ଏନ୍.ଓ+୩ ଏନ୍.ସି. ଇଣ୍ଟରଲକ୍ କଣ୍ଟାକ୍ଟସ୍ | ୪୨୨ ଗୋଟି | ୧,୪୫,୮୯୦/– |
| ୭. | ୨୯୨୫୫୦୯୫ | ୦୬।୧୧।୨୫ | ସିଲିଣ୍ଡରିକାଲ ରୋଲର୍ ବେରିଂ ସେଟ୍ | ୨୦୦ ସେଟ୍ | ୨,୮୦,୬୦୦/– |
| ୮. | ୨୯୨୫୫୧୦୫ | ୦୬।୧୧।୨୫ | ଅତିରିକ୍ତ ହାର୍ଡୱେର୍‌ର ଯୋଗାଣ, ସ୍ଥାପନ ଓ କମିଶନିଂ | ୯୦୦ ଗୋଟି | ୭,୮୪,୯୯୦/– |
| ୯. | ୨୯୨୫୩୨୮୧ଏ | ୦୬।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/– |
| ୧୦. | ୨୫୨୫୩୬୦୯ | ୧୦।୧୧।୨୫ | ସିଲିକନ୍ ରବର୍ କମ୍ପାଉଣ୍ଡ ସିଲାଣ୍ଟ | ୧୩୨୮୦ କିଗ୍ରା | ୧,୩୩,୨୭୦/– |
| ୧୧. | ୨୫୨୫୧୨୨୫ | ୨୪।୧୧।୨୫ | ଏମ୍‌ଏନ୍ ଷ୍ଟିଲ୍ ପିନ୍ ଓ ବୁଶ୍‌ଗୁଡ଼ିକର ସେଟ୍ | ୫୫ ସେଟ୍ | ୧,୦୯,୦୩୦/– |
| ୧୨. | ୩୮୨୫୫୦୧୫ | ୦୪।୧୨।୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ କମ୍ପ୍ଲିଟ୍ । | ୫୦୦୦ ଗୋଟି | ୪,୧୦,୦୫୦/– |
| ୧୩. | ୮୩୨୫୧୮୮୩ଏ | ୧୦।୧୧।୨୫ | କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟ୍ ଆକାର ୧୦.୩ ସେମି x ୬.୪ ସେମି ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/– |
| ୧୪. | ୬୫୨୫୫୦୨୧ | ୨୫।୧୧।୨୫ | "ବଣ୍ଡମୁଣ୍ଡା, ହଳଦିଆ ଓ ଆଦିତ୍ୟପୁର ପାଇଁ ସିଏନ୍‌ସି ଏସ୍‌ଡବ୍ଲ୍ୟୁଏଲ୍"ର ଯୋଗାଣ ଓ ସ୍ଥାପନ ଏବଂ କମିଶନ୍ (ପ୍ରାକ୍ ବିଡ୍ ବୈଠକ ତା୦୪।୧୧।୨୫ରିଖ ୧୨.୦୦ ଘଟିକା ପିସିଏମ୍‌ଏମ୍ ମିଟିଂ ରୁମ୍/ଏସ୍‌ଇଆର୍/ଜିଆର୍‌ସି/କୋଲକାତା– ୪୩ରେ) | ୦୩ ଗୋଟି | ୨୦,୦୦,୦୦୦/– |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି ।
(PR-769)

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା କରି ଜଙ୍ଗଲକୁ ଫୋପାଡିବା ଘଟଣା
## ସ୍ୱାମୀଙ୍କୁ ଗିରଫ କଲା ପୋଲିସ



ଖଇରା, ୨୪।୧୦(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ଗୁଆପାଳ(ଶରତ)ଗ୍ରାମରେ ସ୍ତ୍ରୀ ମାଣିକ ମାଝିଙ୍କୁ ହତ୍ୟା କରି ଜଙ୍ଗଲକୁ ଫୋପାଡିବା ପରେ ଫେରାର ଥିବା ସ୍ୱାମୀ ବାବୁଲା ସୋରେନଙ୍କୁ ଖଇରା ପୋଲିସ ଗୁରୁବାର ଗିରଫ କରିଛି। ପୋଲିସ ସକାଳେ ପୈତୃକ ଗ୍ରାମ ଶୋଷ ଥାନା ଅଧିନ କେନ୍ଦୁଚୁଆରୁ ବାବୁଲାଙ୍କୁ କାବୁ କରିଛି। ସ୍ତ୍ରୀ ଖାଇବାକୁ ନଦେବାରୁ ସେ ଉତ୍ତ୍ୟକ୍ତ ହୋଇ ବାଡିରେ ପିଟି ମାରି ଦେଇଥିବା ବାବୁଲା ପୋଲିସ ଆଗରେ ସ୍ୱୀକାର କରିଛି। ବାବୁଲା ୮ଦିନ ତଳେ ସ୍ତ୍ରୀ ମାରି ଫେରାର ହୋଇଯିବାର ୬ଦିନ ପରେ ଅର୍ଥାତ ବୁଧବାର ଗ୍ରାମବାସୀଙ୍କ ସୂଚନାକ୍ରମେ ପୋଲିସ ନିକଟସ୍ଥ ଜଙ୍ଗଲରୁ ମାଣିକଙ୍କ ମୃତଦେହ ଜବତ କରିବା ସହ ଏକ ମାମଲା(ନଂ. ୩୨୭/୨୫) ରୁଜୁ କରିଥିଲା।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ବୁଦ୍ଧିମଣି ନାୟକ

ବାଲିଆପାଳ,୨୪।୧୦(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବପୁର ଗ୍ରାମର ଧର୍ମପରାୟଣ ମହିଳା ବୁଦ୍ଧିମଣି ନାୟକ (୮୫) ବୁଧବାର ରାତିରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ବିଶିଷ୍ଟ ସାମାଜିକ କର୍ମୀ ମନ୍ମଥ ନାୟକଙ୍କ ମାତା ଥିଲେ। ସେ ଶାନ୍ତ ସ୍ୱଭାବର, ପରୋପକାରୀ, ମିଷ୍ଟ ଭାଷୀ ଓ ଦୟାଳୁ ଥିଲେ। ତାଙ୍କ ମୃତ୍ୟୁରେ ପାଖଆଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ମିରିଗିଣି ପଥର ଖଣିର ପରିବେଶ ମଞ୍ଜୁରୀକୁ ବିରୋଧ

### ଶାଳବନ୍ଧ ପଡ଼ିଆରେ ବିଶାଳ ଜନସମାବେଶ
### ମରିଯିବୁ ପଛେ ଦେବୁନି ପାହାଡ଼

ନୀଳଗିରି, ୨୪।୧୦(ପ୍ରଶାନ୍ତ ବିଶ୍ୱାଳ)



ସମାବେଶରେ ଉପସ୍ଥିତ ଆଖପାଖ ଅଞ୍ଚଳର ଲୋକ।

ବାଲେଶ୍ୱର ଜିଲା ନୀଳଗିରି ମିରିଗିଣି ପଥର ଖଣିର ପରିବେଶ ମଞ୍ଜୁରୀକୁ ବିରୋଧ କରି ଶୁକ୍ରବାର ଅପରାହ୍ନରେ ମିରିଗିଣି ଖାଣ୍ଡିଆହୁଡ଼ି ସୁରକ୍ଷା ମଞ୍ଚ ତରଫରୁ ଶାଳବନ୍ଧ ପଡ଼ିଆରେ ବିଶାଳ ଜନସମାବେଶ ହୋଇଥିଲା। ଉକ୍ତ ଜନସମାବେଶରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ା, ପରିବେଶବିତ୍ ଅରୁଣ ଜେନା, ରବୀନ୍ଦ୍ର ଜେନା, ସୁନୀଲ ପ୍ରଧାନ, ଗଙ୍ଗା ସିଂ, କ୍ଷେତ୍ରମୋହନ ସିଂ, ରାମଚନ୍ଦ୍ର ଦାସ, ରାମଚନ୍ଦ୍ର ବିଶ୍ୱାଳ, ଖବରଦାତା ଲୋକନାଥ ଦଳେଇ, ଭରତଚନ୍ଦ୍ର ପରିଡା, ରବୀନ୍ଦ୍ର ଦଳେଇ, ଗୌରମୋହନ ସିଂ ଓ ଶତାଧିକ ସ୍ଥାନୀୟ ସାଧାରଣ ଉପସ୍ଥିତ ଥିଲେ। ଖଣ୍ଡିଆ ହୁଡ଼ିରେ ଖାଦାନ ହେଲେ ୪ ନମ୍ବର ୱାର୍ଡ ମିରିଗିଣି ୩ ନମ୍ବର ୱାର୍ଡ ଶାଳବନ୍ଧ ଗାଁ ଲୋକଙ୍କର ଅଧିକ କ୍ଷତି ହେବା ଆଶଙ୍କା କରି ସ୍ଥାନୀୟ ଲୋକେ ମରିଯିବୁ ପଛେ ପାହାଡ଼ ଦେବୁ ନାହିଁ ବୋଲି କହିଥିଲେ। ଘର ଘର ବୁଲି ଚାଉଳ, ଟଙ୍କା ଆଦାୟ କରି ଏହି ନିଷ୍ପତ୍ତି ବିରୋଧରେ ସଂଗ୍ରାମ ଜାରି ରହିବ ବୋଲି ବାଲି ସମସ୍ତେ ପଣ କରିଥିଲେ। ଅପରପକ୍ଷରେ ପ୍ରଶାସନଙ୍କୁ ପୁନଃ ବିଚାର ପାଇଁ ମିରିଗିଣି ଖାଣ୍ଡିଆ ହୁଡ଼ି ସୁରକ୍ଷା କମିଟି ପକ୍ଷରୁ ଆସନ୍ତା ୨୮ତାରିଖ ମଙ୍ଗଳବାର ପୂର୍ବାହ୍ନରେ ଜଗନ୍ନାଥ ମନ୍ଦିର ନିକଟରୁ ବିଶାଳ ଶୋଭାଯାତ୍ରାରେ ଗ୍ରାମବାସୀ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା।

ଉଲ୍ଲେଖଯୋଗ୍ୟ, ନୀଳଗିରି ତହସିଲ ଅନ୍ତର୍ଗତ ମିରିଗିଣି ପଥର ଖଣି-୧ ପାଇଁ ୨୦୨୪, ଜୁନ୍ ୨୫ରେ ପ୍ରଦାନ କରାଯାଇଥିବା ପରିବେଶ ମଞ୍ଜୁରୀକୁ ଚ୍ୟାଲେଞ୍ଜ କରି ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଦାୟର କରିଥିବା ଆବେଦନକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବିଚାର ପାଇଁ ଗ୍ରହଣ କରିଛନ୍ତି। ଆସନ୍ତା ନଭେମ୍ବର ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି। ଆଇନ୍‌ଜୀବୀ ଶଙ୍କର ପ୍ରସାଦ ପାଣି ଏହି ମାମଲା ପରିଚାଳନା କରୁଛନ୍ତି।

# ମଞ୍ଚସ୍ଥ ହେଲା 'ଶତାବ୍ଦୀର ସ୍ୱର' ଓ 'କଂସ ବଧ'

### ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର, ୨୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱରର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'କଳାକାର'ର ୩୫ତମ ବାର୍ଷିକ ଉତ୍ସବ ଓ ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ଉତ୍ସବକୁ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରି ଶିଶୁ ନାଟକ ମହୋତ୍ସବ ଶିଶୁ କଳାକାରଙ୍କର ପ୍ରତିଭାକୁ ବିକଶିତ କରିଛି ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ ସଚେତନଶୀଳ ନାଟକ ସମାଜକୁ ଦିଗଦର୍ଶନ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ଅନୁଷ୍ଠାନର ଉପଦେଷ୍ଟା ସଂଗ୍ରାମ ଦାସ ଯୋଗଦେଇ ଯୁଗେ ଯୁଗେ ନାଟକର ଆଦର ରହିଛି ବୋଲି କହିଥିଲେ। ନାଟକ ପ୍ରତିଯୋଗିତାର ବିଚାରକ କମଳାକାନ୍ତ ଆଚାର୍ଯ୍ୟ ଓ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

କଳାକାରର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ସୌମ୍ୟରଞ୍ଜନ ପ୍ରଧାନ ପୌରୋହିତ୍ୟ କରିଥିଲେ। ଡ. ଅସିତ୍ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ବାଲେଶ୍ୱର ଜିଲା ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଶତାବ୍ଦୀର ସ୍ୱର' ଏବଂ ଡିଏଭି ପବ୍ଲିକ ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'କଂସ ବଧ' ନାଟକ ମଞ୍ଚସ୍ଥ ହୋଇଥିଲା।



ନାଟକର ଏକ ଦୃଶ୍ୟ।

# ମହିଳା କମିଶନ ଅଧ୍ୟକ୍ଷାଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ବାଲେଶ୍ୱର, ୨୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ପରିଦର୍ଶନ କରିଛନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି। ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ସେ ଗୁରୁତ୍ୱାରୋପ କରିଛନ୍ତି।

ରୋଗୀଙ୍କୁ ଠିକ୍ ସେବା ମିଳୁଛି କି ନାହିଁ, ଡାକ୍ତରମାନେ ଠିକ୍ ସମୟରେ ରୋଗୀଙ୍କୁ ଦେଖୁଛନ୍ତି କି ନାହିଁ, ସରକାରୀ ସୁବିଧା କାର୍ଯ୍ୟକାରୀ ହେଉଛି କି ନାହିଁ, ନିରାମୟ ଯୋଜନା ଫଳପ୍ରଦ କରାଯାଉଛି କି ନାହିଁ, ସ୍ୱଚ୍ଛତା, ରୋଗୀ ଶଯ୍ୟା, ପିଇବା ପାଣି, ମହିଳା ଓ ଶିଶୁ ସୁରକ୍ଷା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ସ୍ତ୍ରୀ, ପ୍ରସୂତି ବିଶେଷଜ୍ଞ ଓ ଅର୍ଥପେଡ଼ିକ ବିଭାଗର ଡାକ୍ତର ନିଯୁକ୍ତି ନିମନ୍ତେ ଅଧ୍ୟକ୍ଷା ମହାନ୍ତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଏହି ପରିଦର୍ଶନ ସମୟରେ ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ସତ୍ୟପ୍ରକାଶ ପାଢ଼ୀ, ବିପିଏମ୍ ସତ୍ୟସୁନ୍ଦର ଗୋସ୍ୱାମୀ, ଡା. ସୁବାଶିଷ ମହାନ୍ତି, ବରିଷ୍ଠ ଭାଜପା ନେତା ତପନ ଗିରି ଓ ହରେନ୍ଦ୍ର ଦାସ, ରାଉତପଡ଼ା ସମବାୟ ସମିତି ସଭାପତି ଦେବାଶିଷ ମହାପାତ୍ର, ରଶ୍ମିରଞ୍ଜନ ଜେନା, ଅନ୍ତର୍ଯ୍ୟାମୀ ବେହେରା ଓ ମୃତ୍ୟୁଞ୍ଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟକ୍ଷା ମହାନ୍ତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଧ୍ୟକ୍ଷା ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# କଳାକନା ବୁଲାଇଲେ ଦୁର୍ବୃତ୍ତ

ନୀଳଗିରି, ୨୪।୧୦(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ କ୍ରମାଗତ ଭାବେ ଚୋରି ବଢ଼ିବାରେ ଲାଗିଛି। ଗୁରୁବାର ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ନୀଳଗିରି ଥାନା ଜାମୁଡ଼ିହା ପଞ୍ଚାୟତ ଅଧୀନ ମଲିଆଣି ଗ୍ରାମର ଉଲ୍ଲାସ ନାୟକ ଏବଂ ତାଙ୍କ ସ୍ତ୍ରୀ ପାଖ ଗାଁ ବଡ଼ବିଲକୁ ଶୁଦ୍ଧି ଘରକୁ ଯାଇଥିଲେ। କିଛି ସମୟ ପରେ ଆସିବା ବେଳକୁ ଘରେ ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଏନେଇ ନୀଳଗିରି ଥାନାରେ ଘର ମାଲିକ ଉଲ୍ଲାସ ନାୟକ ଅଭିଯୋଗ କରିଥିବା ବେଳେ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା (ନଂ.୪୨୬/୨୫) ରୁଜୁ କରିବା ସହ ଶୁକ୍ରବାର ସକାଳେ ନୀଳଗିରି ପୋଲିସ, ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ହୋଇଛି। ତେବେ ପୋଲିସକୁ ଚକ୍‌ମା ଦେଇ ନୀଳଗିରି ଓ ଆଖପାଖ ଅଞ୍ଚଳରେ ବାରମ୍ବାର ଚୋରି ହେବାକୁ ନେଇ ଆତଙ୍କିତ ଅଛନ୍ତି ସ୍ଥାନୀୟ ବାସିନ୍ଦା।

# ଜିଲାସ୍ତରୀୟ ସୁରଭି: ୩୫ ଛାତ୍ରୀଛାତ୍ର ମନୋନୀତ

ଭୋଗରାଇ, ୨୪।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଦିବସବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣା ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶିକ୍ଷକ ଶୁଭେନ୍ଦୁ ଦାସ ମଙ୍ଗଳାଚରଣ କରିଥିଲେ। ପ୍ରାକ୍ତନ ସିଆରସିସି ଅଶୋକ କୁମାର ସାହୁ ସୁରଭିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ପଣ୍ଡା, ବିଶିଷ୍ଟ ସାମାଜିକ କର୍ମୀ ଅଂଶୁମାନ ମହାନ୍ତି, ସରପଞ୍ଚ ଜଗନ୍ନାଥ ସେଠୀ, ସିଆରସିସି ଗୌତମ କୁମାର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପାଢୀ, ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ମହାନ୍ତି ବକ୍ତବ୍ୟ ଦେଇଥିଲେ। ସେହିପରି ୨ୟ ଅଧିବେଶନରେ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ସୂର୍ଯ୍ୟକୁମାର ନାୟକ, ବିଶିଷ୍ଟ ଅତିଥି ଆରଆଇଏଚଏସ୍ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ସାହୁ, ମୁଖ୍ୟବକ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥି ବିଶିଷ୍ଟ ସାମାଜିକ କର୍ମୀ ଆଶିଷ କୁମାର ପାତ୍ର, ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ନିବେଦିତା ମହାନ୍ତି, ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ଧଡ଼ା ପ୍ରମୁଖ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣ କରି ଆଗକୁ ବଢିବାର ଲକ୍ଷ୍ୟ ରଖି ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ କରାଯାଉଛି ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଭୋଗରାଇ ୨୫ କ୍ଲଷ୍ଟରରୁ ୮୭୫ଜଣ ଛାତ୍ରୀଛାତ୍ର ୨୯ଟି ବିଭାଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ସମସ୍ତ ବିଭାଗରେ ପ୍ରଥମ ହୋଇଥିବା ୩୫ଜଣଙ୍କୁ ବିଚାରକ ମଣ୍ଡଳୀ ଦ୍ୱାରା ଜିଲା ପାଇଁ ମନୋନୀତ କରାଯାଇଥିଲା।

# ଟ୍ରାକ୍ଟର ଚାପାରେ ମନ୍ଦିର ପୂଜକଙ୍କ ମୃତ୍ୟୁ

ଜଳେଶ୍ୱର, ୨୪।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଧୀନ ଓଲ୍‌ମାରା ପଞ୍ଚାୟତ ରାଜନଗର ଗ୍ରାମର ଭାଗବତ ମନ୍ଦିର ପୂଜକ ଲକ୍ଷ୍ମୀକାନ୍ତ ଦାସ (୬୨) ପୂଜା ସାରି ଘରକୁ ଯାଉଥିବା ବେଳେ ମନ୍ଦିର ସାମ୍ନାରେ ଇଟା ନେଇଯାଉଥିବା ଏକ ଟ୍ରାକ୍ଟର ପଛପଟୁ ଚଢିଯାଇଥିଲା। ସେ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଇବଣିଆ ପୋଲିସ ପହଞ୍ଚି ଉକ୍ତ ଟ୍ରାକ୍ଟର ଏବଂ ଚାଳକଙ୍କୁ ଥାନାକୁ ନେଇଛି। ଏନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ରାଇବଣିଆ ଥାନାରେ ଏକ ମାମଲା (ନଂ.୧୧୨/୨୫) ରୁଜୁ ହୋଇଛି। ଟ୍ରାକ୍ଟର ଚାଳକ ସାଗର ଘଡ଼େଇଙ୍କୁ ଗିରଫ କରିଛି ରାଇବଣିଆ ପୋଲିସ। ଟ୍ରାକ୍ଟରଟି ଓଲମାରା ଆଡ଼କୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ବ୍ଲକସ୍ତରୀୟ ସୁରଭିରେ ୫ ଶହ ପ୍ରତିଯୋଗୀ

ଖଇରା,୨୪।୧୦(ଉତ୍କଳବନ୍ଧୁ ପଣ୍ଡା)




ମାଖନପୁର କ୍ଲଷ୍ଟର ଅଧୀନ ତରାଙ୍ଗ ବିଦ୍ୟାଳୟର ଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରୁଛନ୍ତି।

ବାଲେଶ୍ୱର ଜିଲା ଅଧୀନ ଖଇରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୧୩ଟି ବିଭିନ୍ନ ବିଷୟରେ ୧୭ଟି କ୍ଲଷ୍ଟରରୁ ୫ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଆରସିସି ମାଣିକ ମିଶ୍ର ସଭାରେ ପୌରୋହିତ୍ୟ କରିଥିଲେ। ଶେଷରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଦୁର୍ଗାମାଧବ ଜେନା ଓ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବିଭିନ୍ନ କ୍ଲଷ୍ଟରର ସିଆରସିସି ଦିବସବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନ କରି ଟଙ୍କା ଉଠାଣ ଅଭିଯୋଗ

### ବଡ଼ପୋଖରୀ ପଞ୍ଚାୟତ

ଔପଦା,୨୪।୧୦(ଧରିତ୍ରୀ ପଣ୍ଡା)



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆବାସ ଯୋଜନା ହିତାଧିକାରୀମାନେ।

ବାଲେଶ୍ୱର ଜିଲା ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କାମ ଦାୟିତ୍ୱରେ ଥିବା ମଧ୍ୟସ୍ଥି ଘର ନ କରି ଟଙ୍କା ଉଠାଇ ନେଇଥିବା ହିତାଧିକାରୀମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରକାର ବାସହୀନ ଲୋକମାନଙ୍କ ସୁସ୍ଥ ଜୀବନଯାପନ ପାଇଁ ପକ୍କା ଘର ଯୋଗାଇ ଦେଉଥିବା ବେଳେ ଔପଦା ବ୍ଲକରେ ଅନିୟମିତତା ଦେଖାଦେଇଛି।

ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତ ବୁଦାଖୁଣ୍ଟା ଗ୍ରାମର ଗୁହିଆ ସିଂଙ୍କ ଘର ନ କରି କାମ ଦାୟିତ୍ୱରେ ଥିବା ମଧ୍ୟସ୍ଥି ୪୦ ହଜାର ଟଙ୍କା ଉଠାଇ ନେଇଥିବା ବିଡିଓଙ୍କଠାରେ ଅଭିଯୋଗ ହୋଇଛି। ସେହିପରି ଉକ୍ତ ପଞ୍ଚାୟତ ବାଲିମୁଣ୍ଡୁଳି ଗ୍ରାମର ସୋମବାରୀ ସଏ, ବଡ଼ପୋଖରୀ ଗ୍ରାମର ଗାୟତ୍ରୀ ଘଡେଇ, ବାଲିମୁଣ୍ଡୁଳି ଗ୍ରାମର ବେଲ ସିଂଙ୍କର ଘର ନ ହୋଇ ୪୦ହଜାର ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ବାଲିମୁଣ୍ଡୁଳି ଗ୍ରାମର ସୁକାନ୍ତି ସିଂଙ୍କର ଘରକାମ ଅଧା କରି ମଧ୍ୟସ୍ଥି ଅନ୍ୟଜଣଙ୍କ ଘର ଆଗରେ ଠିଆ କରି ଫଟୋ ଉଠାଇ ସମ୍ପୂର୍ଣ୍ଣ ଟଙ୍କା ଉଠାଇ ନେଇଥିବା ବିଡିଓଙ୍କଠାରେ ଅଭିଯୋଗ ହୋଇଛି। ଉପଭୋକ୍ତାମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଶାଶ୍ୱତୀ ସଦୁଆଲଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବିଡିଓ ସଦୁଆଲଙ୍କୁ ପଚାରିବାରୁ ଉପଭୋକ୍ତାଙ୍କଠାରୁ ଅଭିଯୋଗ ଗ୍ରହଣ କରାଯାଇଛି। ଏହାର ଉଚିତ୍ ତଦନ୍ତ ହେବ ବୋଲି କହିଛନ୍ତି। ଆବାସ ଯୋଜନାର ଘର ନିର୍ମାଣରେ ଅନିୟମିତତା ସମ୍ପର୍କରେ ଗତ ପଞ୍ଚାୟତ ସମିତି ବୈଠକରେ ସଭ୍ୟାସଭ୍ୟଙ୍କ ମଧ୍ୟରେ ଆଲୋଚନା କରାଯାଇ ଘର ନିର୍ମାଣ ଦାୟିତ୍ୱରେ ଥିବା ମଧ୍ୟସ୍ଥିଙ୍କ ଉପରେ ପଦକ୍ଷେପ ନେବା ପାଇଁ ମତ ପ୍ରକାଶ ପାଇଥିଲା।

# ପାଚିକା ଚୟନରେ ଅନିୟମିତତା ଅଭିଯୋଗ

### ସ୍କୁଲ ଗେଟ୍‌ରେ ତାଲା ପକାଇଦେଲେ ମହିଳା

କାଳିପଦା, ୨୪।୧୦(ରାଜଶ୍ରୀ ପାଣିଗ୍ରାହୀ)

ପାଚିକା ଚୟନରେ ଅନିୟମିତତା ଅଭିଯୋଗ କରି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ସୁବର୍ଣ୍ଣରେଖା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର କେତେଜଣ ମହିଳା ତାଲା ପକାଇ ଦେଇଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ପରେ ମହିଳା ମାନେ ତାଲା ଖୋଲିଥିଲେ।

ଉକ୍ତ ବିଦ୍ୟାଳୟରେ ପାଚିକା ପଦବୀ ପାଇଁ ଆବେଦନ ଫର୍ମ ବାହାରିଥିଲା। ସମୁଦାୟ ୧୦ ଜଣ ମହିଳା ଆବେଦନ କରିଥିଲେ। ଚଞ୍ଚକତା କରି ସେଥିମଧ୍ୟରୁ ଦୁଇଜଣ ବିବାହିତା ମହିଳାଙ୍କୁ ଚୟନ କରାଯାଇଥିବା ବେଳେ ବିଧବା ଓ ଏସ୍‌ସି ମହିଳା କେମିତି ବାଦ୍ ପଡ଼ିଲେ ବୋଲି ଅନ୍ୟ ଆବେଦନକାରୀ ରୁବି ରାଣି ମାଣିକ, ଭାଗ୍ୟବତୀ ଜେନା ଓ ମମତା ଗିରି ପ୍ରମୁଖ ପ୍ରଶ୍ନ କରିଛନ୍ତି। ବାଲିଆପାଳ ଭାରପ୍ରାପ୍ତ ଶିକ୍ଷାଧିକାରୀ, ଅତିରିକ୍ତ ଶିକ୍ଷାଧିକାରୀ, ପରିଚାଳନା କମିଟି ଏବଂ ପ୍ରଧାନଶିକ୍ଷକଙ୍କ ଉପସ୍ଥିତରେ ଚୟନ କରାଯାଇଥିଲା। ମହିଳାମାନେ ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ଆବଶ୍ୟକ କାଗଜପତ୍ର ନ ଥିବାରୁ ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା କହିଥିଲେ। ପୁନଶ୍ଚ ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି ପାଇଁ ମହିଳାମାନେ ଦାବି କରିଥିଲେ। ଏନେଇ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରିବାରୁ ବିଇଓଙ୍କ ବିନା ଅନୁମତିରେ କାହିଁକି ସ୍କୁଲ ପରିସରକୁ ଆସିଛ ବୋଲି ଓଲଟା ପ୍ରଶ୍ନ କରିଥିଲେ।

ଇଣ୍ଡିଆନ ବ୍ୟାଙ୍କ Indian Bank ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ବାଲିଚନ୍ଦ୍ରପୁର ଶାଖା /** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସ, **ଠିକଣା-** ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

**ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ଡେଲି ମାର୍କେଟ ରାସ୍ତାରେ କୁଢ଼କୁଢ଼ ଅଳିଆ

## ଜିଲାପାଳଙ୍କ ହସ୍ତକ୍ଷେପ ପରେ ଆବର୍ଜନା ଉଠିଲା

କେନ୍ଦୁଝର,୨୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)



ଶୁକ୍ରବାର ସକାଳେ ରାସ୍ତାରେ ଗଦା ହୋଇଥିବା ଅଳିଆ।



ଜିଲାପାଳଙ୍କ ହସ୍ତକ୍ଷେପ ପରେ ସଫା କରାଯାଉଛି।

କେନ୍ଦୁଝର ସହର ପୁରୁଣା ଡେଲି ମାର୍କେଟରେ ମଇଳା ଆବର୍ଜନା ସଫେଇ ନ ହୋଇ ଦୀର୍ଘ ଦିନ ପଡ଼ିରହୁଛି। ପରିଚାଳନା ମୁଖ୍ୟ ସମସ୍ୟା ପାଲଟି ଥିବା ବେଳେ ସଫେଇ ପାଇଁ ନିୟୋଜିତ ସଂସ୍ଥା ଠିକ କାମ କରୁ ନ ଥିବା ଅଭିଯୋଗ ହେଉଛି। ଏହାର ଦାୟିତ୍ୱରେ ଥିବା ଅଧିକାରୀ ତଦାରଖ କରୁ ନ ଥିବାରୁ ଚାରି ଆଡ଼େ ଆବର୍ଜନା ପଡ଼ିରହୁଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଅଳିଆ ଉଠୁ ନ ଥିବା ନେଇ ଜିଲାପାଳ ବିଶାଲ ସିଂହ ସୂଚନା ପାଇବା ପରେ ଏହାର ସଫେଇ ହୋଇଥିବା ଦେଖାଯାଇଛି।

ପ୍ରକାଶ ଯେ, କେନ୍ଦୁଝରର ବହୁ ପୁରୁଣା ମାର୍କେଟ (ରାସ ପୂଜା ମାର୍କେଟ)ରେ ଦୈନିକ ଟନ୍ ଟନ୍ ମଇଳା, ପଚା ପରିବା ଆଦି ବାହାରିଥାଏ। ତେବେ ଏଠାରୁ ବାହାରୁଥିବା ମଇଳା ଆବର୍ଜନାକୁ ପରିଚାଳନା କରିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ମାର୍କେଟର ପଛପାଖ ତଥା ଅନ୍ୟତମ ମୁଖ୍ୟ ରାସ୍ତାରେ ଆବର୍ଜନା ଜମା କରିଦିଆଯାଉଛି। ରାସ୍ତାରେ ବ୍ୟବସାୟୀ, ଚାଷୀ, ଗ୍ରାହକମାନେ ବଜାରକୁ ବିକ୍ରି କିଣା ପାଇଁ ଯାତାୟାତ କରନ୍ତି। ଅନେକ ସମୟରେ ରାସ୍ତା ଉପରେ ମଇଳା ଜମା ହେଉଥିବାରୁ ରାସ୍ତା ବନ୍ଦ ହୋଇଯାଏ। ମଇଳା ଆବର୍ଜନା ସେଠାରୁ ଉଠା ଯାଉ ନ ଥିବାରୁ ଦୀର୍ଘ ଦିନ ପଡ଼ି ପଚିଯାଏ। ଦୁର୍ଗନ୍ଧ ମୟ ପରିବେଶରେ ବ୍ୟବସାୟୀ, ଚାଷୀ, ସାଧାରଣ ଖାଉଟି ବାଧ୍ୟ ବାଧକତାରେ ରାସ୍ତାରେ ନାକଚିପି ଯାତାୟାତ କରୁଛନ୍ତି। ରୋଗ ବ୍ୟାପିବା ସମ୍ଭାବନା ଥିବାରୁ ଚିନ୍ତାରେ ଥିଲେ ହେଁ ପେଟ ପାଟଣା ପାଇଁ ବ୍ୟବସାୟ ଛାଡ଼ି ଯାଇ ପାରୁନାହାନ୍ତି। ଦୀର୍ଘ ପ୍ରାୟ ୫୦ ବର୍ଷ ହେଲା ବ୍ୟବସାୟ କରି ଆସୁଥିଲେ ହେଁ ସମସ୍ୟାର ସ୍ଥାୟୀ ସମାଧାନ ହେଉ ନ ଥିବା କହିଛନ୍ତି। ପୂର୍ବରୁ କ୍ରମାଗତ ପୌର ପରିଷଦ, ବିଧାନସଭା ଓ ଲୋକ ସଭା ପ୍ରତିନିଧି ଏହାକୁ ଜାଣି ଅବହେଳା କରି ଆସୁଛନ୍ତି ବୋଲି ବ୍ୟବସାୟୀ ମତବ୍ୟକ୍ତ କରିଛନ୍ତି। ଏ ନେଇ ଜିଲାପାଳ ବିଶାଲ ସିଂହଙ୍କୁ ଅଭିଯୋଗ କରାଯାଇଥିଲା। ଜିଲାପାଳଙ୍କ ହସ୍ତକ୍ଷେପ ପରେ ଶୁକ୍ରବାର ଅଳିଆ ସଫା କରାଯାଇଛି। ତେବେ ଏହା ସବୁ ଦିନିଆ ସମସ୍ୟା ହୋଇଥିବାରୁ ଏହାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ବ୍ୟବସାୟୀ ଜଳଧର ସାହୁ, ବାବୁଲ ଦେହୁରୀ, ମୁକେଶ ବାରିକ, ଦମବାର ଖଣ୍ଡୁଆ, ଗୁଲାବ ମୁଣ୍ଡାର ରାଇନ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଉକ୍ତ ସ୍ଥାନରେ ମଇଳା ଜମା ନ କରି ଏହାର ଉନ୍ନତିକରଣ କରିବା ସହ ଡ୍ରେନେଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବ୍ୟବସାୟୀ ଜଳଧର ସାହୁ ସମେତ ଅନ୍ୟମାନେ ଦାବି କରିଛନ୍ତି। ସେହିପରି ମାର୍କେଟରେ ଶୌଚାଳୟ ନିର୍ମାଣ କରିବାକୁ ଗୁଲାବ ମୁଣ୍ଡର ରାଇନ ଦାବି କରିଛନ୍ତି।

# ମହିଳା, ଯୁବକଙ୍କୁ ଜୋତାମାଳ ପିନ୍ଧାଇ ଗାଁରେ ଚଲାଇଲେ

- ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ
- ଭିଡିଓ ଭାଇରାଲ, ୪ ଗିରଫ

କେନ୍ଦୁଝର/ ଆନନ୍ଦପୁର,୨୪।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଷଡ଼ଙ୍ଗୀ ଗ୍ରାମରେ କଙ୍ଗାରୁକୋର୍ଟ ଦେଖିବାକୁ ମିଳିଛି। ପରକୀୟା ପ୍ରୀତି ସନ୍ଦେହରେ ଜଣେ ମହିଳା ଓ ଜଣେ ଯୁବକଙ୍କୁ ଜୋତାମାଳ ପିନ୍ଧାଇ ଗାଁରେ ବୁଲାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ଓ ଭାଇରାଲ ଭିଡିଓ ଆଧାରରେ ପୋଲିସ ୨ ମହିଳାଙ୍କ ସମେତ ୪ ଜଣଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଉକ୍ତ ଗ୍ରାମର ମିନତି ହୋ (୩୫), ଲମ୍ବୋଦର ହୋ(୩୫), ମଣି ପୁର୍ତ୍ତି (୨୦) ଓ ଦାମୋଦର ହୋ (୩୧)।

ଅଭିଯୋଗ ମୁତାବକ, ୨୧ ଅକ୍ଟୋବର ଅପରାହ୍ନ ୧ଟା ସମୟରେ ଷଡ଼ଙ୍ଗୀ ଗ୍ରାମର ଜଣେ ଯୁବକ ବିଲ କାମ ସାରି ଘରକୁ ଫେରୁଥିଲେ। ହାଣ୍ଡିଆ ପିଇବାକୁ ଗାଁ ମୁଣ୍ଡରେ ଥିବା ଜଣେ ମହିଳାଙ୍କ ଘରକୁ ଯାଇଥିଲେ। ମହିଳା ହାଣ୍ଡିଆ ଆଣିବାକୁ ଘର ଭିତରକୁ ଯାଉଥିବା ବେଳେ ଯୁବକ ଜଣଙ୍କ ମଧ୍ୟ ତାଙ୍କ ପଛରେ ଘର ଭିତରକୁ ଯାଇଥିଲେ। ଏହି ସମୟରେ ବାହାରେ ଥିବା କେତେଜଣ ମହିଳା, ପୁରୁଷ ବାହାରପଟୁ କବାଟ ବନ୍ଦ କରିଦେଇଥିଲେ। ମହିଳାଙ୍କ ସ୍ୱାମୀ ପହଞ୍ଚିବା ପରେ ଲୋକେ କବାଟ ଖୋଲି ଉଭୟଙ୍କୁ ଆକ୍ରମଣ କରିଥିଲେ। ପରେ ଉଭୟଙ୍କୁ ଜୋତାମାଳ ପିନ୍ଧାଇ ଗ୍ରାମ ରାସ୍ତାରେ ବୁଲାଇଥିଲେ। କିଛି ସ୍ଥାନୀୟ ଲୋକ ଘଟଣା ରେକର୍ଡ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପୀଡ଼ିତା ୨୨ ତାରିଖରେ ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା(ନଂ. ୨୮୬/୨୫)ରୁଜୁ କରି ୪ ଜଣଙ୍କୁ କୋର୍ଟଚାଲାଣ କରିଛି। ଆନନ୍ଦପୁର ଥାନା ଆଇଆଇସି ଫଣିନ୍ଦ୍ର ଭୂଷଣ ନାୟକ କହିଛନ୍ତି, ସେମାନଙ୍କୁ ଗାଁ ରାସ୍ତାରେ ଲୋକେ ଅପବାଦରେ କରି ଜୋତା ପିନ୍ଧାଇ ପରେଡ କରିଥିଲେ। ପରକୀୟା ପ୍ରୀତି ସନ୍ଦେହ କରି ଗ୍ରାମବାସୀ ଏଭଳି ଘଟଣା ଘଟାଇଥିଲେ। ମାତ୍ର ସେଭଳି କିଛି ପ୍ରମାଣ ମିଳିନାହିଁ। କଙ୍ଗାରୁକୋର୍ଟ ଉପସ୍ଥାପନା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ୪ ଜଣଙ୍କୁ ଗିରଫ କରି ତଦନ୍ତ କରାଯାଉଛି।

# ହାଇକୋର୍ଟରେ ଜବାବ ଦାଖଲ

## କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତି ସଭାପତି, ସଦସ୍ୟ ନିଲମ୍ବନ ପ୍ରସଙ୍ଗ

କେନ୍ଦୁଝର/ହାଟଡିହୀ,୨୪।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି ଏବଂ ସମସ୍ତ ସଦସ୍ୟଙ୍କୁ ନିଲମ୍ବନ ଆଦେଶ ଘଟଣାରେ ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆବେଦନକାରୀ ୨୪ ଅକ୍ଟୋବର ୨୦୨୫ରେ ରାଜ୍ୟ ସମବାୟ ବିଭାଗରେ ଜବାବ ଦାଖଲ କରିଛନ୍ତି। ଆବେଦନକାରୀ ଦେବପ୍ରିୟ ପାତ୍ର ଏବଂ ଗୋଲାପ ନାଏକ ମେଲ ଜରିଆରେ ସମ୍ପୃକ୍ତ ଘଟଣା ସମ୍ପର୍କିତ ଜବାବ ଦାଖଲ କରିଥିବା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବ୍ୟାଙ୍କର ବିଭିନ୍ନ ଅନିୟମିତତା ନେଇ ଅଭିଯୋଗ ହେବା ପରେ ତଦନ୍ତ ରିପୋର୍ଟ ଆଧାରରେ ଜବାବ ଦାଖଲ ପାଇଁ ବ୍ୟାଙ୍କ ପରିଚାଳନା ସମିତିକୁ ନୋଟିସ୍ ଜାରି ହୋଇଥିଲା। ଘଟଣାର ଶୁଣାଣି ପାଇଁ ଗତ ୧୪ ଅକ୍ଟୋବର ୨୦୨୫କୁ ଦିନ ଧାର୍ଯ୍ୟ ହୋଇ ପରଦିନ ୧୫ ଅକ୍ଟୋବର ୨୦୨୫ରେ ଓଡ଼ିଶା ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ ପରିଚାଳନା ସମିତିକୁ ନିଲମ୍ବନ କରାଯିବା ନେଇ ଆଦେଶ ଜାରି କରିଥିଲେ। କିନ୍ତୁ ନିଲମ୍ବନ ଆଦେଶ ପୂର୍ବରୁ ତଦନ୍ତ ରିପୋର୍ଟକୁ ବିରୋଧ କରି ପ୍ରଥମେ ହାଇକୋର୍ଟରେ ମାମଲା ଦାୟର ହୋଇ ନିର୍ଦ୍ଦେଶ ଜାରି ହୋଇଥିଲା। ହାଇକୋର୍ଟ ୧୪ ଅକ୍ଟୋବର ୨୦୨୫ରେ ଜବାବ ଦାଖଲ ହୋଇ ନ ଥିଲେ ଆସନ୍ତା ୨୫ ଅକ୍ଟୋବର ୨୦୨୫ କିମ୍ବା ପୂର୍ବରୁ ଜବାବ ଦାଖଲ କରିବାକୁ ଆବେଦନକାରୀଙ୍କୁ ଅନୁମତି ଦେଇଥିଲେ। ଏଥିସହ ୧୫ ନଭେମ୍ବର ୨୦୨୫ କିମ୍ବା ପୂର୍ବରୁ ସମ୍ପୃକ୍ତ ଘଟଣା ଦିଗରେ ଆଇନଗତ ନିଷ୍ପତ୍ତି ନେବା ସହ ୧୫ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିର୍ଦ୍ଦେଶ ମଧ୍ୟ ଜାରି କରିଥିଲେ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ନିଲମ୍ବନ ଆଦେଶ ପରେ କେନ୍ଦୁଝର ଜିଲାପାଳ ୧୫ ଅକ୍ଟୋବର ୨୦୨୫ରେ ପରିଚାଳନା ସମିତିର ପ୍ରଶାସକ ଭାବେ ଦାୟିତ୍ୱ ନେଇଛନ୍ତି। କିନ୍ତୁ ଅପରପକ୍ଷେ ନିଲମ୍ବନ ଆଦେଶ ଉପରେ ପୁନଶ୍ଚ ଦାୟର ହୋଇଥିବା ମାମଲାର ଶୁଣାଣି କରି ହାଇକୋର୍ଟ ୨୩ ଅକ୍ଟୋବର ୨୦୨୫ରେ ଜାରି କରିଥିବା ସ୍ଥଗିତାଦେଶ ବଳବତ୍ତର ରହିଛି।

# ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ବିକାଶ ପାଇଁ ଆଲୋଚନା

କେନ୍ଦୁଝର,୨୪।୧୦(ଦୀପକ ମିଶ୍ର)



ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଫୋରମର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ବିକାଶ, ରୋଗୀଙ୍କୁ ବିଭିନ୍ନ ସୁବିଧା ଉପଲବ୍ଧ କରିବା ଦିଗରେ ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦୁଝର ସିଟିଜେନ ଫୋରମ ଗୁରୁବାର ମେଡ଼ିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡ. ମହେନ୍ଦ୍ର ନାୟକଙ୍କ ସହ ଆଲୋଚନା କରିଛନ୍ତି। ଫୋରମର ସଭାପତି ଡ. ଅରୁଣ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ଚକ୍ରଧର ସାହୁ, ରାମନାରାୟଣ ଦ୍ୱିବେଦୀ, ଭରତ ପାତ୍ର, ରବି ରାୟ, ରାଜୀବ ସାହୁ ସାମିଲ ଥିଲେ। କ୍ୟାମ୍ପସ୍‌ରେ ରକ୍ତ ଭଣ୍ଡାର, ଆହାର କେନ୍ଦ୍ର, କ୍ୟାଣ୍ଟିନ ଖୋଲିବା, ଶିଶୁ ଓ ପ୍ରସୂତି ବିଭାଗ ଓ ଅଭିଯୋଗ ବାକ୍ସ ରଖିବା ସହ ଜିଲା ଚିକିତ୍ସାଳୟଠାରୁ ମେଡିକାଲ କଲେଜ ପର୍ଯ୍ୟନ୍ତ ଏକ ଇଲେକ୍ଟ୍ରି ବସ ଚଲାଇବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଅଲଟ୍ରାସାଉଣ୍ଡ ମେସିନ କାର୍ଯ୍ୟ ଆରମ୍ଭ କରିଥିବାରୁ ଫୋରମ ତରଫରୁ ପ୍ରଶଂସା କରାଯିବା ସହ ଏମ୍‌ଆର୍‌ଆଇ ସୁବିଧା ଉପଲବ୍ଧ ଦିଗରେ ଆଲୋଚନା ହୋଇଥିଲା। କଲେଜ କ୍ୟାମ୍ପସରେ ଇ ବ୍ଲକ୍ ଓ ଡି ବ୍ଲକ୍ ନିର୍ମାଣ ପାଇଁ ୪୮ କୋଟି ୩୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ଏବଂ ସ୍ମାର୍ଟ ହସ୍ପିଟାଲ ପ୍ରତିଷ୍ଠା ବାବଦରେ ୮ କୋଟି ୧୯ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ସୁପରିଣ୍ଟେଣ୍ଡେଣ୍ଟ ତଥ୍ୟ ପ୍ରଦାନ କରିଥିଲେ। ଭିତ୍ତିଭୂମିର ବିକାଶ ନିମନ୍ତେ କଲେଜ ନିକଟସ୍ଥ ୪୦ଏକର ଜମିକୁ ଅଧିଗ୍ରହଣ କରିବାକୁ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସଭାପତି ଜଣାଇଥିଲେ।

# ‘ସୁରଭି ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରେ’

ପାଟଣା,୨୪।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମ ଶୁକ୍ରବାର ପାଟଣା ମୁଖ୍ୟାଳୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମୁଖ୍ୟ ବକ୍ତାଭାବେ ସାମାଜିକକର୍ମୀ ଅଜୟ କୁମାର ଦାଶ, ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷା ଇଂ. ବିଦ୍ୟାଧର ଦାଶ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ ପ୍ରମୁଖ ଯୋଗଦେଇ ସୁରଭି ଶିଶୁଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ସହାୟ ହୁଏ ବୋଲି କହିଥିଲେ। କୃତୀ ପ୍ରତିଭାଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପାଟଣା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ୨୬୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସିଆରସିସି ଜ୍ୟୋତିର୍ମୟ ତ୍ରିପାଠୀ, ଶିକ୍ଷକନେତା ସନ୍ତୋଷ କୁମାର ନାଏକ, ପ୍ରମୋଦ ମହାନ୍ତ, ବୀର ମୋହନ ଦ୍ୱିବେଦୀ, ବିଭୀଷଣ ଦଳ ଦସିଆ, କୃପାସିନ୍ଧୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

# ଯୁବକଙ୍କ ମୃତଦେହ ଜବତ

କେନ୍ଦୁଝର,୨୪।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ହରିଠାଗୋଠରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ଆନନ୍ଦପୁର ଅଞ୍ଚଳର ଜୟନ୍ତ ପାତ୍ର (୩୨)। ସେ ଟାଉନଥାନା ଗମ୍ଭାରିଆ ଗ୍ରାମରେ ରହୁଥିଲେ। ଜୟନ୍ତ ମଙ୍ଗଳବାର ରାତିରେ ଜଣେ ସାଙ୍ଗଙ୍କ ସହିତ ନରଣପୁରରେ ଅପେରା ଦେଖିଥିଲେ। ସେଠାରୁ ସାଙ୍ଗଙ୍କ ଘର ହରିଡ଼ାଗୋଠକୁ ଯାଇଥିଲେ। ରାତିରେ ଗ୍ରାମର ଗୋଟିଏ ସ୍ଥାନରେ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଗ୍ରାମବାସୀ ସୂଚନା ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୦୨/୨୦୨୫) ରୁଜୁ କରି ବ୍ୟବଚ୍ଛେଦ କରାଇଥିଲା। ଠିକ୍ ତଦନ୍ତ କରି ମୃତ୍ୟୁର କାରଣ ଖୋଜିବାକୁ ତାଙ୍କ ସ୍ତ୍ରୀ ସୌଭାଗିନୀ ଟାଉନ ଥାନାରେ ଏତଲା ଦେଇଛନ୍ତି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଦେହରେ କୌଣସି କ୍ଷତ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ।

# ପ୍ରଥମ ମ୍ୟାଚ୍‌ରେ ବୈତରଣୀ ଏକାଦଶ ବିଜୟୀ



ଅତିଥିମାନେ ଖେଳାଳୀଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ଚମ୍ପୁଆ,୨୪।୧୦(ମହେଶ୍ୱର ଦାସ)

## ଚନ୍ଦ୍ରଶେଖର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

କେନ୍ଦୁଝର ଜିଲା ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ୫ତମ ଚନ୍ଦ୍ରଶେଖର ଆନ୍ତଃରାଜ୍ୟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ୩୨ ଗୋଟି ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଦିନ ପ୍ରଥମ ମ୍ୟାଚ୍ ବୈତାଣୀ ଚାର୍ଜସ ଏକାଦଶ ସହ ଜୟ ମା’ କାଳୀ ବଲାଣୀ ସହିତ ଅନୁଷ୍ଠିତ ହୋଇଥିଲା। ବଲାଣୀଙ୍କୁ ହରାଇ ବୈତାଣୀ ଚାର୍ଜସ ଏକାଦଶ ବିଜୟୀ ହୋଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବେ ଯୋଡ଼ା ଟ୍ରକ୍ ଓନର ଆସୋସିଏଶନର ସମ୍ପାଦକ ସୁଶାନ୍ତ ବାରିକ, ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସାମାଜିକକର୍ମୀ ହବି ଦାସ ପ୍ରମୁଖ ଯୋଗଦେଇଥିଲେ। ଚମ୍ପୁଆ ମର୍ଣିଂ କ୍ଲବ୍ ଚମ୍ପୁଆ ପକ୍ଷରୁ ଆୟୋଜିତ ହୋଇଥିବା ବେଳେ କ୍ଲବ୍ ସମ୍ପାଦକ ଅଭୟ ଦାସ, ସଭାପତି ରଶ୍ମୀରଞ୍ଜନ ସେଠୀ, ସମ୍ପାଦକ ଅମିତାଭ ପ୍ରଧାନ ଓ ବିଷ୍ଣୁଚରଣ ପାଣି ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍ ସଦସ୍ୟ ସତ୍ୟଜିତ ମହାକୁଡ଼, ସରୋଜ ବେହେରାଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

# ଖରାରେ ନଦୀ ଶଯ୍ୟାରେ ବସିଲେ ଗ୍ରାମବାସୀ

## ତେଜୁଛି ବାଲି ସତ୍ୟାଗ୍ରହ

ବଉଳା/ହାଟଡ଼ିହୀ,୨୪।୧୦
(ଦୁର୍ଗା ପ୍ରସାଦ ଆୟଚ/ଶୁଭକାନ୍ତ ନାୟକ)



ଗ୍ରାମର ମହିଳା, ପୁରୁଷ ସତ୍ୟାଗ୍ରହରେ ବସିଛନ୍ତି।

କେନ୍ଦୁଝର ଜିଲାରେ ଏବେ ବାଲି ସତ୍ୟାଗ୍ରହ ତେଜିବାରେ ଲାଗିଛି। ଶୁକ୍ରବାର ହାଟଡ଼ିହୀ ବ୍ଲକ ଆମ୍ବୋ ପଞ୍ଚାୟତ କରଗୋଳା ବୈତରଣୀ ନଦୀ ବାଲିଘାଟରେ ବାଲି ସତ୍ୟାଗ୍ରହ ଦେଖିବାକୁ ମିଳିଛି। ବେଆଇନ ବାଲି ଉଠାଣକୁ ନେଇ ପରିସ୍ଥିତି ଜଟିଳ ହେଉଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରି ଧୁ ଧୁ ଖରାରେ ନଦୀ ଭିତରେ ବସିଥିଲେ। ବାଲିମାଫିଆଙ୍କୁ ବାଲି ଉଠାଇ ନ ଦେବାକୁ ଗ୍ରାମବାସୀ କହିଥିଲେ। ସଚେତନ ନାଗରିକଙ୍କ ବାଲି ସତ୍ୟାଗ୍ରହ ଆନ୍ଦୋଳନକୁ ସମର୍ଥନ ମିଳୁଥିବା ବେଳେ ପ୍ରଶାସନ ପାଇଁ ମୁଖ୍ୟ ଚିନ୍ତାର କାରଣ ସାଜିଛି।

ସୂଚନା ଅନୁଯାୟୀ, ଉକ୍ତ ପ୍ରସଙ୍ଗକୁ ନେଇ ନିକଟ ଅତୀତରେ ସ୍ଥାନୀୟ ଲୋକ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନଦୀ ଘାଟକୁ ଯାଇଥିବା ରାସ୍ତାରେ ଟ୍ରେଞ୍ଚଖୋଳା ଯିବା ଏବଂ ବାଲି ଚୋରାଚାଲାଣକୁ ରୋକାଯିବା ନେଇ ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପୁଣି ପୂର୍ବପରି ବାଲିମାଫିଆ ସକ୍ରିୟ ହୋଇ ବାଲି ଉଠାଣ କରିବାରୁ ସ୍ଥାନୀୟ ଲୋକେ ଭାଜପା ନେତା ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ନଈ ଭିତରେ ବସି ପ୍ରତିବାଦ ସ୍ୱରୂପ ବାଲି ସତ୍ୟାଗ୍ରହ କରିଥିଲେ। ଏହି ସମୟରେ ଘନଶ୍ୟାମ ପ୍ରଧାନ, କ୍ଷୀରୋଦ ସାହୁ, ସନାତନ ପ୍ରଧାନ, ଗୋପଳ ସେଠୀ, ମଣ୍ଟୁ ପଣ୍ଡା, ଶ୍ରୀଧର ଜେନା, ବିଜୟ ମହାରଣା, ନିରାକାର ଓଝା, ମୂଳିଆ ସେଠୀ, ସରୋଜ ପଣ୍ଡା, ମହେନ୍ଦ୍ର ବେହେରା, ଶ୍ରୀମତୀ ବେହେରା, ଦୋଳି ଜେନା ପ୍ରମୁଖ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଘାଟ ବନ୍ଦ ନ ହେଲା ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲୁ ରହିବ ବୋଲି ସେମାନେ କହିଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କରଗୋଳାବାସୀ

ହାଟଡିହୀ,୨୪।୧୦
(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବୈତରଣୀ ନଦୀରୁ ବେଆଇନ ଭାବେ ବ୍ୟାପକ ବାଲି ଚୋରାଚାଲାଣ ହେଉଛି। ଏ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କରଗୋଳା ଗ୍ରାମବାସୀ ଭେଟି ଘଟଣା ସମ୍ପର୍କରେ ଜଣାଇଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଗ୍ରାମବାସୀଙ୍କ ସାମିଲ ଥିଲେ। ପ୍ରଶାସନ ଠିକ୍ ଢଙ୍ଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ବାଲି ମାଫିଆମାନେ ଅବାଧରେ ବାଲି ଚୋରାଚାଲାଣ କରୁଛନ୍ତି ବୋଲି ବିଧାୟକ କହିଥିଲେ। ପ୍ରସଙ୍ଗକୁ ଅନୁଧ୍ୟାନ କରାଯିବ ବୋଲି ନବୀନ ପଟ୍ଟନାୟକ ଗ୍ରାମବାସୀଙ୍କୁ କହିଥିଲେ।

# ଜିଲା କଂଗ୍ରେସ ପକ୍ଷରୁ ଥାନାରେ ଏତଲା

## ପିସିସି ସଭାପତିଙ୍କୁ ମିଛରେ ବଦନାମ କରାଯାଉଥିବା ଅଭିଯୋଗ

କେନ୍ଦୁଝର,୨୪।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ପ୍ରଦେଶ କଂଗ୍ରେସର ସଭାପତି ଭକ୍ତ ଚରଣ ଦାସ ନୂଆପଡ଼ାରେ ଉପ ନିର୍ବାଚନ ପାଇଁ କସରତ କରୁଛନ୍ତି। ଏହାକୁ ସହ୍ୟ ନ କରିପାରି ତାଙ୍କୁ ଓ ରାଜ୍ୟ କଂଗ୍ରେସକୁ ମିଛରେ ବଦନାମ କରିବାକୁ ହୀନ ଉଦ୍ୟମ କରାଯାଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାର ପ୍ରତିବାଦରେ କେନ୍ଦୁଝର ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଜିଲା ସଭାପତି ମନୋଜ କୁମାର ଜେନାଙ୍କ ଆହ୍ୱାନରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ନେଇ ଟାଉନ ଥାନା ଅଧିକାରୀଙ୍କୁ ଏକ ଏତଲା ଦେଇଛନ୍ତି।

ଅଭିଯୋଗ ଅନୁସାରେ, ଗତ ୧୫ ତାରିଖ ପରଠାରୁ ପିସିସି ସଭାପତି ନୂଆପଡ଼ାଠାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ଏହି ସମୟରେ ଏକ ୱେବ୍ ଚ୍ୟାନେଲ ବିନା ତଥ୍ୟ ପ୍ରମାଣରେ ମନଗଢ଼ା ଖବର ପ୍ରସାରଣ କରି ତାଙ୍କୁ ଓ ଦଳକୁ ବଦନାମ କରିବାକୁ ଉଦ୍ୟମ କରୁଛି। ବିନା ପ୍ରମାଣରେ ଖବର ପ୍ରସାରଣ କରାଯାଉଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦୁଝର କଂଗ୍ରେସ ଦାବି କରିଛି। ସେହିପରି କେତେଜଣ ବ୍ୟକ୍ତି ନିଜକୁ କଂଗ୍ରେସ କର୍ମୀ କହି ପିସିସି ସଭାପତିଙ୍କ ନାମରେ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ପିସିସି ସଭାପତିଙ୍କୁ ଅସମ୍ମାନ କରୁଛନ୍ତି। ଏହା ବିରୋଧରେ କଂଗ୍ରେସ ଭବନରୁ ଅନେକ ନେତା, କର୍ମୀ ଏକଜୁଟ ହୋଇ ବଜାର ପରିକ୍ରମା କରି ଟାଉନ ଥାନାର ଅଧିକାରୀଙ୍କୁ ଏତଲା ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସଦର ବିଧାୟକ ସୁବର୍ଣ୍ଣ ନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କ୍ଷୀରୋଦ ପାତ୍ର, ପୂର୍ଣ୍ଣ ଦାସ, ଆର୍ତ୍ତ ଦାସ, ଦିନେଶ ରାଉତ ପ୍ରମୁଖ ଯୋଗଦେଇଥିଲେ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ବାଲିଚନ୍ଦ୍ରପୁର ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସ, **ଠିକଣା-** ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

**ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

**୨ ଚୋରାମଦ ବେପାରୀ ଗିରଫ**

ବାସୁଦେବପୁର,(କାଳିପଦ ରାୟ): ଭଦ୍ରକ ସଦର ବ୍ଲକ ଅଧୀନ ବ୍ରହ୍ମପୁର ପଞ୍ଚାୟତର ପୋଖରୀଆଡ଼ି ଗ୍ରାମର ୨ ଚୋରାମଦ ବେପାରୀଙ୍କୁ ସାହରଙ୍ଗ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଳାରାମ ଦାସ ଓ ଭାସ୍କର ପ୍ରଧାନ। ପୋଲିସ ସେମାନଙ୍କଠାରୁ ୪୩ଲିଟର ଦେଶୀ ମଦ ଜବତ କରିଛି।

# ମୁକୁନ୍ଦପୁର ସହ ସଂଯୋଗ ହୋଇପାରୁନି ଗୁଡୁପାଳ ଗାଁ

ତିହିଡ଼ି,୨୪।୧୦(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ସହ ପଞ୍ଚାୟତ ଅଧୀନ ଗୁଡୁପାଳ ଗାଁ ସଂଯୋଗ ହୋଇପାରୁନାହିଁ। ରାସ୍ତା ସଂଯୋଗୀକରଣ ପାଇଁ ମିଳିଥିବା ୧୬ଲକ୍ଷ ଟଙ୍କା ବିନିଯୋଗ ହୋଇ ନ ପାରି ପଡ଼ିରହିଛି। କେତେକଣ ବ୍ୟକ୍ତିଙ୍କର ବ୍ୟକ୍ତିଗତ ଜାଗା ଥିବାବେଳେ ଅନ୍ୟ କେତେକଣ ସରକାରୀ ଜାଗା ଜବରଦଖଲ କରିଥିବାରୁ ରାସ୍ତା ନିର୍ମାଣ ନେଇ ସମସ୍ୟା ଉପୁଜିଥିବା ଜଣାପଡ଼ିଛି। ଫଳରେ ଲୋକେ ଏବେ ବି ମାଟି ରାସ୍ତାରେ ଯାତାୟାତ କରିବା ସହ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ପଞ୍ଚାୟତବାସୀ ବିଭିନ୍ନ ସମୟରେ ବିଭାଗୀୟ କର୍ତ୍ତୃପକ୍ଷ, ତହସିଲଦାର ଏବଂ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନ ପାଇବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।



ଗୁଡୁପାଳ ଗ୍ରାମରୁ ଯାଉଥିବା ମାଟି ରାସ୍ତା ଅବସ୍ଥା ଶୋଚନୀୟ।

ସେମାନେ ଦର୍ଶାଇଛନ୍ତି ଯେ, ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ଗୁଡୁପାଳ ଗ୍ରାମ ରାସ୍ତା ବିଗତ ୧୦ବର୍ଷ ମଧ୍ୟରେ ସ୍ଥାୟୀ ରାସ୍ତା ହୋଇପାରି ନାହିଁ। ଏହା କଂକ୍ରିଟ ହେବା ତ ଦୂରର କଥା ଏବେବି ଖାଲଖମା ଭର୍ତ୍ତି ମାଟି ରାସ୍ତା ହୋଇରହିଛି। ଗୁଡୁପାଳ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟ ନେଇ ପଞ୍ଚାୟତ କାର୍ଯ୍ୟାଳୟକୁ ସେହି ରାସ୍ତା ଦେଇ

**■ବିନିଯୋଗ ନ ହୋଇ ପଡ଼ିରହିଛି ୧୬ଲକ୍ଷ**

**■ଜବରଦଖଲ ଯୋଗୁ ଉପୁଜିଛି ସମସ୍ୟା**

ଯାଉଥାନ୍ତି। ପଞ୍ଚାୟତଠାରୁ ଏହି ଗ୍ରାମର ଦୂରତା ୨ କିଲୋମିଟର ହେଉଥିବା ବେଳେ ରାସ୍ତାର ଶୋଚନୀୟ ଅବସ୍ଥା ପାଇଁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ରାସ୍ତା ନିର୍ମାଣ ପାଇଁ ୧୬ଲକ୍ଷ ଟଙ୍କା ଅନୁଦାନ ମିଳିଥିଲେ ବି ଏହା କାର୍ଯ୍ୟରେ ଲାଗିପାରୁ ନାହିଁ। କେତେକଣ ବ୍ୟକ୍ତିଙ୍କର ବ୍ୟକ୍ତିଗତ ଜାଗା ରହିଥିବାରୁ ରାସ୍ତା ନିର୍ମାଣ ନେଇ ସମସ୍ୟା ସୃଷ୍ଟି ହେଉଛି। ବ୍ୟକ୍ତିଗତ ଜାଗାକୁ ବାଦ୍ ଦେଇ ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଜାଗା ଦେଇ ରାସ୍ତା ନିର୍ମାଣ କରିବାକୁ ସେମାନେ ଦାବି ଜଣାଇଛନ୍ତି। ଅପରପକ୍ଷେ ସେହି ସରକାରୀ ଜାଗା ଜବରଦଖଲରେ ଥିବାରୁ ଏହାକୁ ଅବରୋଧମୁକ୍ତ କରାଇବାକୁ ପଞ୍ଚାୟତବାସୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ନ ହେବା ପରିତାପର ବିଷୟ ହୋଇଛି। ଏହି ପରିପ୍ରେକ୍ଷୀରେ ଜବରଦଖଲ ହଟାଇ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦିଗମ୍ବର ରାଉଳ, ଉଜ୍ଜଳ ନାୟକ, ସତ୍ୟରଞ୍ଜନ ନାୟକ, ସୁଶାନ୍ତ ନାୟକ, ପୀତାମ୍ବର ସେଠୀ, ମଧୁସୂଦନ ଦାସ, ଅଜୟ ନାୟକ, ବସନ୍ତ ନାୟକ, ଅଜୟ ମହାଲିକ ପ୍ରମୁଖ ପଞ୍ଚାୟତବାସୀ ଦାବି ଜଣାଇଛନ୍ତି। ତେବେ ଜାଗାକୁ ନେଇ ଥିବା ସମସ୍ୟାର ସମାଧାନ ହେଲେ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କୃତିବାସ ମହାପାତ୍ର କହିଛନ୍ତି।

## ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ



ଚାନ୍ଦବାଲି,୨୪।୧୦(ରତିକାନ୍ତ ବାରିକ)

ଚାନ୍ଦବାଲିରେ ଧୁମ୍‌ଧାମରେ ପାଳନ ହେଉଛି ଶ୍ରୀକୃଷ୍ଣ ପୂଜା। ଏଥର ଏହି ପୂଜାକୁ ୨୫ବର୍ଷ ପୂର୍ତ୍ତି ଅବସରରେ ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରଜସୁନ୍ଦର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ଭବତୋଷ ମଲ୍ଲିକ ଯୋଗଦେଇ ଏହି ପରିଷଦର ସମାଜ ମଙ୍ଗଳ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପରିଷଦପକ୍ଷରୁ ବୃକ୍ଷରୋପଣ, ରକ୍ତଦାନ ଶିବିର ଆଦି ଆୟୋଜନ କରାଯାଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସଭାପତି ଅଭିମନ୍ୟୁ ଦାସ, ଉପସଭାପତି ଗୋପିରାମ ଅଗ୍ରୱାଲା, କୋଷାଧ୍ୟକ୍ଷ ପ୍ରତାପ ରାଉତ, ଉପଦେଷ୍ଟା ରାଜକିଶୋର ଦାସ, ସାମାଜିକ କର୍ମୀ ଅଶୋକ ରାୟ, ବିଶିଷ୍ଟ ବ୍ୟବସାୟୀ ଅରୁଣ ଅଗ୍ରୱାଲା, ସରୋଜ ମଲ୍ଲିକ, ଭୀମସେନ ଦାସ, ପ୍ରଫୁଲ୍ଲ ସାହୁ, ବିଶ୍ୱମୋହନ ଦାସ, ବିଶ୍ୱନାଥ ଦାସ, ଶୁଭେନ୍ଦୁ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅପପ୍ରଚାର ବିରୋଧରେ କଂଗ୍ରେସର ଏତଲା

ଭଦ୍ରକ,୨୪।୧୦(ସନାତନ ରାଉତ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅପପ୍ରଚାର ବିରୋଧରେ ଭଦ୍ରକ ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଟାଉନ ଥାନାରେ ଏତଲା ଦିଆଯାଇଛି। ଅପପ୍ରଚାର କରିଥିବା ଏକ ୱେବ ଚ୍ୟାନେଲ ଓ ଫେସବୁକରେ ପୋଷ୍ଟ କରିଥିବା ଦୁଇ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ଜିଲା ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଅନୁସୂଚିତ ଜାତି ବିଭାଗ ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଭଦ୍ରକ ବ୍ଲକ ସଭାପତି ପୀତବାସ ଧଳ, ଟାଉନ ସଭାପତି ମୋକିତ ଖାଁ ପ୍ରମୁଖ ବାଇକ୍ ରାଲିରେ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଟାଉନ ଥାନାରେ ପହଞ୍ଚି ଏତଲା ଦେଇଥିଲେ। ସମ୍ପୃକ୍ତ ଚ୍ୟାନେଲର ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା କଂଗ୍ରେସ କମିଟି ସଭାପତି ଦାବି କରିଛନ୍ତି। ଯୁବନେତା ପ୍ରକାଶଜ୍ୟୋତି ମହାକୁଡ଼, ଦଳିତ ସେଲ୍‌ର ରାଜ୍ୟ ସମ୍ପାଦକ ରଞ୍ଜନ ଜେନା, ଆର୍‌ଜିପିଏସ୍ (ରାଜୀବ ଗାନ୍ଧୀ ପଞ୍ଚାୟତ ସେବା ଯୋଜନା)ର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା ଅନିତାବାଳା ଆଚାର୍ଯ୍ୟ, ସବିତା ଚାନ୍ଦ, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, କାଉନସିଲର ସାହିଲ କାଦ୍ରୀ, ଜାହିଦ ସାହା, ଯୁବନେତା ଇଲିଆସ ଖାଁ, ଦୀନବନ୍ଧୁ ଦାସ, ବିଜୟ ବାରିକଙ୍କ ସମେତ ଦଳୀୟ କର୍ମୀ ଏଥିରେ ସାମିଲ ଥିଲେ।

# ‘ସୁରଭି ମାଧ୍ୟମରେ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଉଛି’



ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଧାମନଗର,୨୪।୧୦(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ତପନେଶ୍ୱର ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ଶୁକ୍ରବାର ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଦ୍ୟାନନ୍ଦ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପ୍ରଧାନ, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା, ବରେଣ୍ୟ ଅତିଥି ପୂର୍ବତନ ପ୍ରଧାନଶିକ୍ଷକ ଖଗେଶ୍ୱର ମହାପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାତ୍ର, ଶ୍ରୀକାନ୍ତ ନାୟକ, ସିଆରସିସି ସୁଜୟ କୁମାର ମାଝି, ପ୍ରଧାନଶିକ୍ଷକ ପୂର୍ଣ୍ଣେନ୍ଦୁ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଣିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାର ମାଧ୍ୟମ ହେଉଛି ସୁରଭି। ଛାତ୍ରୀଛାତ୍ର ସମୟାନୁବର୍ତ୍ତିତା, ଏକାଗ୍ରତା ସହ ପରିଶ୍ରମ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ମୋଟ ୧୦ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ କୃତୀ ୩୭ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ କୁଳମଣି ବେହେରା ଅତିଥି ପରିଚୟ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ପ୍ରହ୍ଲାଦ ବେହେରା, ସୁକାନ୍ତି ଜେନା, ଉଦୟ ନାୟକ, ପ୍ରଶାନ୍ତ କୁମାର ଦାଶ, ସୁମିତ୍ରା ଦେ, ବଳରାମ ଘୋଷ, ଲୀଳାବତୀ ମହାଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ଅଭିଯୁକ୍ତ କୋର୍ଟଚାଲାଣ

ବାଲେଶ୍ୱର,୨୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଧୀନ ମଝୁଆସାହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗୋରୁ ବ୍ୟବସାୟୀ ସନ୍ଦେହରେ ଆକ୍ରମଣ ମାମଲାରେ ପୋଲିସ ଗୁରୁବାର ରାତିରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ

**ଗୋରୁ ବ୍ୟବସାୟୀ ସନ୍ଦେହରେ ଆକ୍ରମଣ ମାମଲା**

କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମାନସିଂହବଜାର ଅଞ୍ଚଳର ବିଜୟ ବେହେରା ଓ ମନୋଜ ବେହେରା। ପୋଲିସ ଏକ ମାମଲା (ନଂ. ୩୦୧/୨୫) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ମହମ୍ମଦାସହିର ମହମ୍ମଦ ଅଣ୍ଡା ଖାନ୍ ଗୁରୁବାର ନିଜର ଗାଈ ଆଣିବା ପାଇଁ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟକୁ ଯାଇଥିଲେ। ସେଠାରେ କେତେକଣ ଯୁବକ ତାଙ୍କୁ ଗୋ-ଚାଲାଣ କରୁଥିବା ସନ୍ଦେହରେ ନିର୍ଦ୍ଦୟ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆହତ ବ୍ୟକ୍ତିଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

ଧାମନଗର,୨୪।୧୦(ଦେବେନ୍ଦ୍ର ଆଚାର୍ଯ୍ୟ)

ଧାମନଗର ଏନ୍‌ଏସିଙ୍କ କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଫିନୋକେଣ୍ଡଲ ପକ୍ଷରୁ ୫ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହା ଏକ ପ୍ରମୁଖ ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥା ହୋଇଥିବା ବେଳେ ଦେଶର ଏବଂ ଦେଶ ବାହାରେ ବିଭିନ୍ନ ସ୍କୁଲ, କଲେଜ ସହ ମିଶି ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଆର୍ଥିକ, ସାହିତ୍ୟ, ପ୍ରଯୁକ୍ତିବିଦ୍ୟାରେ ପାରଦର୍ଶୀ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀର ସିଇଓ ରମଣଜିତ ମହାନ୍ତି, ମୁଖ୍ୟ ମାନବ ସମ୍ପଦ ଅଧିକାରୀ ତେଜସ୍ୱୀ ତ୍ରିପାଠୀ, ସହଯୋଗୀ ବିନାୟକ ଘୋଷ, ପରିଚାଳନା ସହଯୋଗୀ ନକ୍ଷତ୍ର ଦାଶ ଓ ପ୍ରଶିକ୍ଷକ ସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଧାମନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିରର ସବୁ ଶ୍ରେଣୀରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ବିଦ୍ୟାମନ୍ଦିରକୁ ପ୍ରତିଷ୍ଠାତା ଶରତ ମହାନ୍ତିଙ୍କ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଦ୍ୟାମନ୍ଦିରର ଗୁରୁମା’ ଗୁରୁଜୀ ଓ ସହାୟକ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୨ ବେଆଇନ ମାଲ ବୋଝେଇ ଗାଡ଼ି ଜବତ

ସୋର, ୨୪।୧୦(ଜନ୍ମେଜୟ ମିଶ୍ର)

ଖଣି ବିଭାଗ ତରଫରୁ ସୋର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇଟି ବେଆଇନ ବାଲି ଏବଂ ପଥର ବୋଝେଇ ଡମ୍ପରକୁ ଜବତ କରି ସୋର ଥାନାରେ ଜିମା ଦିଆଯାଇଛି। ଭୋର ସମୟରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏକ ଟିମ୍ ସହ ୧୬ ନମ୍ବର ଜାତୀୟ ରାଜପଥ ମାଟିଆପାଲ୍ଲା ଛକ ନିକଟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ବୋଝେଇ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ କରୁଥିଲେ। ଏହି ସମୟରେ ବେଆଇନ ଭାବେ ବାଲି ପରିବହନ କରୁଥିବା ହାଇୱା(ନଂ.ଓଡି ୦୯ଏପି ୭୭୦୭) କୁ ଜବତ କରି ଥାନା ଜିମାଦେଇଥିଲେ। ସେହିପରି ଅପରାହ୍ନରେ ଏହି ଟିମ୍ ଦହିପୁର ଛକରେ ଚଢ଼ାଉ କରି ବାଘୁଡ଼ି ପାହାଡ଼ରୁ ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ଏକ ଡମ୍ପର(ନଂ. ଓଡି ୦୧ ଏଜେଡ ୪୯୯୩)କୁ ଜବତ କରି ସୋର ଥାନା ଜିମା ଦେଇଛନ୍ତି।

## ଓଡ଼ିଶା କୃଷକ ସଭାର ଜିଲା ସମ୍ମିଳନୀ

ଧୁସୁରୀ,୨୪।୧୦(ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକର ଧୁସୁରୀ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଦୁଇଦିନ ଧରି ଚାଲିଥିବା ଓଡ଼ିଶା କୃଷକ ସଭାର ଜିଲା ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲାର ସବୁ ଚାଷଜମିକୁ ଜଳସେଚନ, ବନ୍ୟା, ମରୁଡ଼ିର ସ୍ଥାୟୀ ପ୍ରତିକାର ଓ କୃଷି ଋଣ ଛାଡ଼ ଦାବିରେ ଆଗାମୀ ଦିନରେ ତୀବ୍ର ଲଢ଼େଇ ପାଇଁ ପ୍ରସ୍ତାବ ପାରିତ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୯୨ ଚାଷୀ ପ୍ରତିନିଧିଙ୍କ ମଧ୍ୟରୁ ୨୫ଜଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୂତନ ଭାବେ ୧୭ଜଣିଆ ଜିଲା କମିଟି ସର୍ବସମ୍ମତିକ୍ରମେ ଘୋଷଣା କରାଯାଇଥିଲା। ସଭାପତି ଭାବେ ଚାଷୀନେତା ଚନ୍ଦ୍ରଶେଖର ନାୟକ ଓ ସମ୍ପାଦକ ଭାବେ ପ୍ରଫେସର ପ୍ରଭାସ ମହାପାତ୍ର ନିର୍ବାଚିତ ହୋଇଥିଲେ। ଓଡ଼ିଶା କୃଷକ ସଭାର ରାଜ୍ୟ ସଭାପତି ଯଜ୍ଞେଶ୍ୱର ସାମନ୍ତରାୟ, ଉପସଭାପତି ସିତାଂଶୁ ସେନାପତି, ଅଭିରାମ ବେହେରା, ଯୁଗ୍ମ ସମ୍ପାଦକ ବିକାଶ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନେତା ନିରଞ୍ଜନ ପାଣି, ଚନ୍ଦ୍ରମଣି ପଣ୍ଡା, ଅଭିରାମ ବଳ, ନାରାୟଣ ଦାଶ, ଦାମୋଦର ସାହୁ ଓ ନାରାୟଣ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିପିଆଇ ସଙ୍ଗଠନର ଜିଲା ସମ୍ପାଦକ କାଳନ୍ଦୀ ପାତ୍ର, ଓଡ଼ିଶା ଖେତ ମଜଦୁର ୟୁନିୟନର ଜିଲା ସଭାପତି ପ୍ରଫୁଲ୍ଲ ପାଢ଼ୀ, ସମ୍ପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ସମ୍ପାଦିକା ସୁଜାତା ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।


**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar - 751007, Tel.: 2545586/2545852
email: serifedodisha@gmail.com, website: www.serifedodisha.in

**TENDER CALL NOTICE**

Bid Identification No. VI-11(02)/SERIFED/2025-26/1327/Dt.22.10.2025

No. CAD-2082: The Managing Director (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 No. of work in Khordha district. The bid documents such as DTCN/BOQ etc. can be seen/downloaded from the website: **www.sidacodisha.org.in** during the period Dt.25.10.2025 to 5.00 P.M. upto 29.10.2025. Tender shall be received till 5.00 P.M. on 29.10.2025 & shall be opened at 11.30 A.M. on 30.10.2025. Any addendum/corrigendum/cancellation of tender can also be seen in the said website.

OIPR-31005/11/0021/2526 Sd./- Managing Director

**OFFICE OF THE NOTIFIED AREA COUNCIL, BANKI**

No.2973 dt.22.10.2025

E-PROCUREMENT NOTICE

Bid Identification No. : NAC-BAN-03/2025-26

No.C-1310 : The executive Officer, Banki NAC, invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited - 12 nos.
2. Place of execution - In Banki NAC area.
3. Estimated cost of individual work - Rs.2,96,610/- to Rs.16,94,268/-
4. Eligible class of contractor - Govt. registered contractors as per OPWD code
5. The Bid documents will be available in the web-site from 11.00 A.M. on dt.24.10.2025 upto 5 P.M. till 06.11.2025 for online bidding.
6. The bid documents will be opened on dt.07.11.2025 at 11.00 A.M.
7. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in

Sd./- Executive Officer, NAC Banki

OIPR-13153/11/0007/2526

**OFFICE OF THE DHENKANAL MUNICIPAL COUNCIL, DHENKANAL** No. C-1304

**E-Procurement Notice**

Tender Call Notice No. 3915/DKLMPLTY / Date: 18.10.2025

| | | |
|---|---|---|
| 1. | Name of the Work | : Individual Civil Construction work published the www.tenderodisha.gov.in website |
| 2. | No. of works put to tender | : 3 Nos. of individual works |
| 3. | Estimated Cost | : Rs.11.00 lakhs to Rs.16.206 lakhs |
| 4. | Period of Completion | : 90 Days |
| 5. | Date and time of availability | : From 11.00 hours of Dt.22.10.2025 to 17.30 of Dt.31.10.2025 of bid document in the portal |
| 6. | Last date/time for receipt of bids | : 17.00 hours of Dt.31.10.2025 |
| 7. | Date and time of opening of bid | : 11.00 hours of Dt.01.11.2025 |
| 8. | Name and address of the Officer Inviting Bid | : Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal https://tenderorissa.gov.in

Sd./- Executive Officer Dhenkanal Municipality

OIPR-13146/11/0048/2526

**GOVERNMENT OF ODISHA**
“e”-PROCUREMENT NOTICE
**OFFICE OF THE NOTIFIED AREA COUNCIL, BALLIGUDA**
**TENDER CALL NOTICE**

No.1499, Date 22.10.25
E-mail: eonacballiguda@yahoo.in
Bid Identification No.EO_BLG.N_05_2025-26

No.C-1312: The Executive Officer, NAC, Balliguda, Dist-Kandhamal inviting percentage rate bid in online mode for the works as detailed in the table from eligible contractors for civil works as detailed in the table below.

| | | |
|---|---|---|
| 1. | Name of Work | : As per DTCN |
| 2. | No. of Work | : 07 |
| 3. | Tender Cost | : As per DTCN |
| 4. | Class of Contractor | : As per DTCN |
| 5. | Period & Time of completion | : As per DTCN |
| 6. | Available of Bid document in the Website | : From Dt.24.10.2025, 3.00 PM to Dt.31.10.2025 Upto 5.00 P.M. |
| 7. | Date of Opening of Bid | : Dt.01.11.2025 at 11.30 AM |

8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

OIPR-13097/11/0021/2526 Sd./- Executive Officer NAC, Balliguda

**NATIONAL COMPETITIVE BIDDING THROUGH e-PROCUREMENT**

Tel. No. 06752222092, e-mail id : eerwpuri@gmail.com

**TCN NO. TENDER ONLINE - 09 OF 2025-26**

No.8445 /Dt. 10.10.2025

No.O-1094 : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri. 1. Total No. of works : **74 Nos.**, 2. Tender cost of packages : Amount varies from **Rs.5.04 lakh to Rs.42.02 lakh**, 3. Class of contractor : **As per DTCN**, 4. Period of completion : **2 (Two) Calendar months**, 5. Period of availability of tenders on-line/Date & time of bidding on-line/last date of seeking calrification/Date of opening of tender papers.

| Procurement Officer | Bid identification No. | Availability of tender on-line for bidding From | To | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online-09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 01.30 P.M. | 13.11.2025 at 11.30 A.M. Office of the S.E., R.W. Division, Puri |

6. Other details can be seen in the bidding documents, which is available in website “https://tendersodisha.gov.in”.

Sd./- Superintending Engineer, R.W. Division, Puri

OIPR-25065/11/0029/2526

**MUNICIPAL OFFICE: JEYPORE**

Phone 06854-231098, Fax 06854-230104
ulbjeypore@gmail.com

L. No.4454/JM Date:16.10.2025

**QUOTATION CALL ADVERTISEMENT**

No.C-: Sealed quotations as per the prescribed format in the quotation call notice are hereby invited from reputed agencies/ Firms/Contractors having experience in

**“Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality.”**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website i.e. www.jeyporemunicipality.in |
| Quotation Paper Sale Start Date | 18.10.2025 11.00 hours onwards |
| Quotation Paper Sale End Date | 27.10.2025 upto 17.00 hours |
| Submission Deadline | 31.10.2025 upto 14.00 hours |
| Opening of Quotation | 31.10.2025 at 16.00 hours |
| Paper Cost (INR) | Rs.600/- |
| Security Deposit (INR) | Rs.5000/- |

Sd./- Executive Officer Jeypore Municipality

OIPR-13079/11/0070/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, GANJAM-II, BERHAMPUR**

E-mail: mi2_exe.engr@yahoo.co.in, Ph. No.: 0680-2290475

No. A-758 GOVERNMENT OF ODISHA

e-PROCUREMENT NOTICE

Bid Identification No. GMID-II/07/2025-26

Ltr. No. 4476 Date: 16.10.2025

| | |
|---|---|
| Name of Work | Civil Construction Works |
| No. of Works | 21 (Twenty One) Nos. |
| Estimated Cost | Rs.4.58 lakh to 30.89 lakh |
| Tender Paper Cost | Rs.6000.00 (for estimated cost above 10.00 lakh) Rs.4000.00 (for estimated cost below 10.00 lakh) Rs.2000.00 (for estimated cost below 5.00 lakh) |
| Period of Completion | 02 (Two) to 03 (Three) Calendar Months |
| Class of Contractor | “D”, “C” & “B” |
| Availability of bid documents | From 20.10.2025 at 10.00 A.M. to 30.10.2025 upto 5.00 P.M. in website (www.tendersorissa.gov.in) |
| Period of Receipt of bid through Online | From 20.10.2025 at 10.00 A.M. to 30.10.2025 upto 5.00 P.M. through Online. |
| Mode of Payment | Online |
| Date of Opening of Bid documents | Dtd. 31.10.2025 at 11.30 A.M. |
| Date of Lottery (if required) | Shall be intimated through website and E-mail specified for the purpose in e-tendering process |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class-III |

The detail tender call notice can also be seen in the DOWR website: http://dowrorissa.gov.in

| | |
|---|---|
| Name & Address of the OIT | Superintending Engineer M.I. Division, Ganjam-II, Infront of Depaul School, Engineering School Road, Berhampur, Dist.: Ganjam, PIN - 760010 E-mail:mi2_exe.engr@yahoo.co.in |
| Further details can be seen from the E-Procurement market place | http://tendersorissa.gov.in |

Sd./- Superintending Engineer M.I. Division, Ganjam-II, Berhampur

OIPR-32043/11/0034/2526

**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ**

ମୋତିଝରଣ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧
ଦୂରଭାଷ/ଫାକ୍ସ-୦୬୬୩-୨୪୮୨୯୪୩
ଇମେଲ୍-dfohirakudwl.od@gov.in

**QUOTATION CALL NOTICE**

No. 81 Dt. 16.10.2025

No.MM-Sealed quotations are invited from intending Architectural Firms/Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur.

Interested and eligible participants having experience in similar nature of work are invited to submit the Detailed Project Report only, which shall include preparation of estimates, drawings and designs (AutoCAD soft copy and 3D views), bill of quantities, technical design specifications of materials to be used in the work, including analysis of labour and material components, etc., as per the current Schedule of Rates of the State PWD, Government of Odisha.

| Item | Quantity | Quoted Price | Cost of Tender Paper | EMD money to be deposited |
|---|---|---|---|---|
| 1 | 2 | 3 | 4 | 5 |
| Architectural Firms / Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur | 01 (One) | Scale of Fees to be quoted by Consultant as percentage (%) | 3,540/- (non-refundable) | 75,000/- |

1. Sale of Quotation Papers/documents will be available in the O/o the Divisional Forest Officer, Hirakud Wildlife Division, Sambalpur from **Dt.19.10.2025, 10.00 AM to dt.28.10.2025, 4.00 PM** (during office hours).
2. Receiving of Quotation Papers will from **Dt.19.10.2025, 10.00 AM to dt.28.10.2025 till 4.00 PM** through Speed Post/ Registered Post/ Courier / directly put in the Quotation box of the Division Office, Hirakud Wildlife Division, Sambalpur.
3. The Sealed quotation papers shall be opened on **Dt.29.10.2025 at 11.30 AM for Technical Evaluation and dt.30.10.2025 at 11.30 AM for Financial Evaluation.**
4. The Successful firm/bidder shall be submitting the Detailed Project Report (Plan, Design & Estimate) on or before **15.11.2025** positively.

Sd/- Divisional Forest Officer Hirakud Wildlife Division, Sambalpur

OIPR-08078/11/0008/2526

# ରାଇରଙ୍ଗପୁର ନୂତନ ଜିଲ୍ଲା ଗଠନ ଉଦ୍ୟମକୁ ବିରୋଧ

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଠାକୁରମୁଣ୍ଡା,୨୪।୧୦
(ତାରାକାନ୍ତ ପଟ୍ଟନାୟକ)



ସ୍ମାରକପତ୍ର ଦେବାକୁ ଆସିଥିବା ପେସା ଗ୍ରାମସଭା କୋର୍ କମିଟିର ସଦସ୍ୟମାନେ।

ମୟୂରଭଞ୍ଜ ଜିଲ୍ଲାକୁ ଦୁଇ ଭାଗ କରି ନୂତନ ଭାବରେ ରାଇରଙ୍ଗପୁର ଜିଲ୍ଲା ଗଠନ ଉଦ୍ୟମକୁ ବିରୋଧ କରି ଠାକୁରମୁଣ୍ଡା ବ୍ଲକ ପେସା ଗ୍ରାମସଭା କୋର୍ କମିଟି ପକ୍ଷରୁ ଶୁକ୍ରବାର ଶତାଧିକ ସଦସ୍ୟଙ୍କ ଉପସ୍ଥିତିରେ ବିଡିଓଙ୍କ ଅନୁପସ୍ଥିତରେ ଏବିଡିଓ ଟଙ୍କଧର ମହାନ୍ତଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି।

ଠାକୁରମୁଣ୍ଡା ବ୍ଲକ ପେଶା ଗ୍ରାମ ସଭାର ସଭାପତି ବୁଡେନ ମୁର୍ମୁ, ସମ୍ପାଦକ ରାବଣେଶ୍ୱର ହାଁସଦାଙ୍କ ନେତୃତ୍ୱରେ ସଦସ୍ୟମାନେ ୧୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ରାଜ୍ୟ ମୟୂରଭଞ୍ଜ ଓଡ଼ିଶା ରାଜ୍ୟରେ ୧୯୪୯ରେ ମିଶ୍ରଣ ହୋଇଥିଲା। ମିଶ୍ରଣ ସମୟରେ ସହମତି ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ଅନୁସୂଚିତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ମୟୂରଭଞ୍ଜ ମିଶ୍ରଣର ଚୁକ୍ତିନାମା ଅନୁଯାୟୀ ବର୍ତ୍ତମାନ ଏହା ଗୋଟିଏ ବୋଲି ପାଳନ କରାଯାଇନାହିଁ। ସମ୍ବିଧାନର ୫ମ ଅନୁସୂଚୀ ଅନୁଯାୟୀ ଜିଲ୍ଲାର ଆଦିବାସୀଙ୍କ ଅଧିକାର ଓ ସୁବିଧା ସୁରକ୍ଷିତ ରଖାଯିବ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ୧୯୯୨-୯୩ରେ ଓଡିଶାର ୧୭ଟି ନୂତନ ଜିଲ୍ଲା ଗଠନ କରା ଯାଇଥିବା ବେଳେ ମିଶ୍ରଣ ଚୁକ୍ତି ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନ କରାଯାଇ ନ ଥିଲା। ବ୍ରିଟିଶ ଶାସନ ସମୟରେ ଯେପରି ମୟୂରଭଞ୍ଜ ରାଜ୍ୟ ଗଠନ ପାଇଁ ଆନ୍ଦୋଳନ ହୋଇଥିଲା ସେହିପରି ବର୍ତ୍ତମାନ ଜିଲ୍ଲା ବିଭାଜନ କଲେ ଆଦିବାସୀମାନେ ସଂଗଠିତ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପେଶା ଗ୍ରାମ ସଭା କୋର୍ କମିଟି ଚେତାବନୀ ଦେଇଛି।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨

# ବାର୍ଷିକ ସମୀକ୍ଷା ବୈଠକ

ବାରିପଦା,୨୪।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ବାର୍ଷିକ ସମୀକ୍ଷା ବୈଠକ ଶୁକ୍ରବାର ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ସଂକଳ୍ପ ସଭା ଗୃହରେ ଅନୁଷ୍ଠିତ ହୋଇଛି। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ ସମୀକ୍ଷା ୨୦୨୪-୨୫ ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲ ଉପରେ ନିର୍ଭର କରୁଥିବା ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଉକ୍ତ ପ୍ରକଳ୍ପ ଜରିଆରେ କିପରି ଉଜୁଡ଼ା ଜଙ୍ଗଲର ପୁନଃରୁଦ୍ଧାର ହେବା ସହ ବନ ସୁରକ୍ଷା ସମିତି ସ୍ତରରେ ଲୋକମାନଙ୍କ ଜୀବନ ଜୀବିକାରେ ଉନ୍ନତି ହୋଇ ପାରିଛି ସେ ବିଷୟରେ ବନଖଣ୍ଡ ଅଧିକାରୀ ବିଶ୍ୱାଳ ଗୁରୁତ୍ୱାରୋପ କରିଥିଲେ।

ଏକାଭିମୁଖୀ କାର୍ଯ୍ୟ ମାଧ୍ୟମରେ ଭବିଷ୍ୟତରେ ଲୋକଙ୍କର କିପରି ଜୀବନ ଜୀବିକା ସୁଦୃଢ଼ କରାଯାଇ ପାରିବ ସେଥିପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ପଡ଼ିବ ବୋଲି କହିଥିଲେ। ଖଣ୍ଡୀୟ ପରିଚାଳନା ଏକକ ବାରିପଦା ବନଖଣ୍ଡର ବିଷୟ ବସ୍ତୁ ବିଶେଷଜ୍ଞ କମଳାକାନ୍ତ ମହାନ୍ତ ୨୦୨୪-୨୦୨୫ ବର୍ଷରେ ବନ ସୁରକ୍ଷା ସମିତି ମାନଙ୍କରେ କରାଯାଇଥିବା ବିଭିନ୍ନ ଉନ୍ନୟନ ରକ୍ଷଣାବେକ୍ଷଣ କାର୍ଯ୍ୟଗୁଡିକ ଯଥା- ବନ ସୁରକ୍ଷା ସମିତିର ସୁଦୃଢ଼ିକରଣ, ଜଙ୍ଗଲ ସୀମା ସର୍ବେକ୍ଷଣ, ଅଣୁ ଯୋଜନା ସଂଶଧନ ପ୍ରସ୍ତୁତି, ମୃତ୍ତିକା ଜଳ ସଂରକ୍ଷଣ ଆଦି ବିଷୟଗୁଡିକ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଓ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ବାର୍ଷିକ କାର୍ଯ୍ୟ ରିପୋର୍ଟ ଉନ୍ମୋଚନ ହୋଇଥିଲା। ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରଦର୍ଶନୀ କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବିଷୟ ବସ୍ତୁ ବିଶେଷଜ୍ଞ କୈଳାଶ ଚନ୍ଦ୍ର ଦାସ ବୈଠକ ପରିଚାଳନା କରିଥିଲେ। ସହକାରୀ ବନ ସଂରକ୍ଷକ ଶେଖ ମେହେରବାନ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜବରଦଖଲରେ ବିଦ୍ୟାଳୟ ଜମି

ମୋରଡ଼ା,୨୪।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତର ଖୁରୁଣ୍ଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାଗାକୁ ଜଣେ ବ୍ୟକ୍ତି ଜବର ଦଖଲ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ବିଦ୍ୟାଳୟର ଦକ୍ଷିଣ ପାର୍ଶ୍ୱରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଥିବା ବେଳେ ତାଙ୍କ ଜାଗାକୁ ଲାଗି ବିଦ୍ୟାଳୟ ଜମି ଅଛି। ତେବେ ଗତ ଦଶହରା ଛୁଟିର ସୁଯୋଗ ନେଇ ବ୍ୟକ୍ତି ଜଣକ ବିଦ୍ୟାଳୟ ଜାଗାକୁ ଦଖଲ କରି ତରବରିଆ ଭାବେ ଘର ତିଆରି କରିଛନ୍ତି। ଫଳରେ ଶ୍ରେଣୀ ଗୃହ ଝରକା ଖୋଲିବା,ମରାମତି କାର୍ଯ୍ୟ କରିବା, କାନ୍ଥ ରଙ୍ଗ ଦେବା ଆଦି କାର୍ଯ୍ୟ କରିବା ସମ୍ଭବପର ହୋଇ ପାରୁନାହିଁ। ସେହିପରି ଉକ୍ତ ବ୍ୟକ୍ତି ଜଣକ ବିଦ୍ୟାଳୟ କାନ୍ଥକୁ ଲଗାଇ ଆବର୍ଜନା କୁଣ୍ଡ, ପାଇଖାନା,ପରିତ୍ୟକ୍ତ ଜିନିଷ ଜମା କରିବା ଫଳରେ ଦୁର୍ଗନ୍ଧରେ ବିଦ୍ୟାଳୟ ପରିସର ଫାଟି ପଡୁଛି। ଯାହାକୁ ନେଇ ପାଠ ପଢ଼ା ଠିକ ଭାବେ ହୋଇ ପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସରପଞ୍ଚ ଲାଲମୋହନ ସିଂ ଏବଂ ସମିତି ସଭ୍ୟା ଲକ୍ଷ୍ମୀମଣି ସିଂଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ଏକ ଅଭିଯୋଗ ପତ୍ର ମୋରଡ଼ା ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ,ରାଜସ୍ୱ ମନ୍ତ୍ରୀ,ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ମଧ୍ୟ ଚିଠି ପ୍ରଦାନ କରିଛନ୍ତି। ଏନେଇ ମୋରଡା ତହସିଲଦାର ବିଦ୍ୟାଧର ଦଣ୍ଡପାଟଙ୍କୁ ପଚାରିବାରୁ ଆସନ୍ତା ନଭେମ୍ବର ମାସର ପ୍ରଥମ ସପ୍ତାହରେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟଯେ, ଉକ୍ତ ଜାଗାର ଜବରଦଖଲ ବାବଦରେ ଗ୍ରାମବାସୀ ଗତ ୨୦୨୫ ମେ ୫ ତାରିଖରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୁନ ୧୮ ତାରିଖରେ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠି ସଂଖ୍ୟା- ୩୦୨୩ରେ ତହସିଲଦାରଙ୍କୁ ଆଦେଶ ଦିଆଯାଇଥିଲା। କିନ୍ତୁ ତହସିଲ ପ୍ରଶାସନ ପକ୍ଷରୁ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏନେଇ ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଏନେଇ ଅଭିଯୋଗ ପତ୍ର ପାଇଛନ୍ତି ଏବଂ ବିଦ୍ୟାଳୟକୁ ଯାଇ ଘଟଣା ବାବଦରେ ସେ ଆଲୋଚନା କରିବେ ବୋଲି କହିଛନ୍ତି।

# ମା' ଅନ୍ଧାରୀ ଠାକୁରାଣୀଙ୍କ ରୁପା ମୁକୁଟ ଚୋରି

ପାଟଣା,୨୪।୧୦ (ବୀର କିଶୋର ଦାଶ)

କେନ୍ଦୁଝର ଜିଲ୍ଲା ପାଟଣା ଥାନା ଉଦୟପୁର ଗ୍ରାମର ମା' ଅନ୍ଧାରୀ ଠାକୁରାଣୀଙ୍କ ମନ୍ଦିର କବାଟ ଭାଙ୍ଗି ଗୁରୁବାର ରାତିରେ ଠାକୁରାଣୀଙ୍କ ରୁପା ମୁକୁଟ ଚୋରି ହୋଇଛି। ଏ ନେଇ ମନ୍ଦିର ପରିଚାଳନା କମିଟିର ସଭାପତି ହୃଦାନନ୍ଦ ମହାପାତ୍ର ଥାନାରେ ଅଭିଯୋଗ କରିଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ. ୨୫୬/୨୫) ରୁଜୁ ହୋଇଛି। ମୁକୁଟର ଓଜନ ୧ କିଲୋରୁ ଊର୍ଦ୍ଧ୍ୱ ହେବ ବୋଲି ସାହାରପଡ଼ା ଫାଣ୍ଡି ଅଧିକାରୀ ପାତ୍ର ଓରାମ କହିଛନ୍ତି।

# କାଠ ବୋଝେଇ ଟ୍ରକ୍ ଜବତ

କେନ୍ଦୁଝର,୨୪।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନ ବିଭାଗ ପକ୍ଷରୁ ଗୁରୁବାର ଅପରାହ୍ନରେ ଘଟଗାଁ ଏବଂ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜର ମିଳିତ ଅଭିଯାନରେ ଜଙ୍ଗଲ ଜମିରୁ ବେଆଇନ କାଠ କାଟି ଚାଲାଣ ସମୟରେ ଚଢ଼ାଉ କରି କାଠ ବୋଝେଇ ଟ୍ରକ୍ ଜବତ କରିଛି। ଘଟଣାରେ ବନ ବିଭାଗ ଡ୍ରାଇଭରଙ୍କ ସମେତ ୨ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ପଣ୍ଡାପଡ଼ାର ମିଥ୍ୟା କାଗଜପତ୍ର ଦେଖାଇ ଘଟଗାଁ ରେଞ୍ଜ ଅନ୍ତର୍ଗତ ସାନ୍ତରାପୁର ଗ୍ରାମରୁ ଏକ ୧୪ ଚକିଆ ଟ୍ରକ୍ (ସିଜି୧୫ ଡିଏଚ୯୭୦୦)ରେ ୧୦୦୦ ଘନଫୁଟରୁ ଅଧିକ କାଠ ଲୋଡ୍ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଗାଡ଼ିଟି ମଧ୍ୟପ୍ରଦେଶ ରାଜ୍ୟ ଶାହଡୋଲକୁ ଯିବା ପାଇଁ ପ୍ରସ୍ତୁତି ହେଉଥିଲା। ବନ ବିଭାଗ କାଠ ସହ ଟ୍ରକ୍ ଜବତ କରି ୨ ଜଣଙ୍କୁ ଅଟକ ରଖିଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା କେନ୍ଦୁଝରର ଡିଭିଜନାଲ ଫରେଷ୍ଟ ଅଫିସର ଧନରାଜ ଏଚ୍‌ଡି କହିଛନ୍ତି। ଅନ୍ୟପକ୍ଷେ ସାନ୍ତରାପୁର ଅଞ୍ଚଳରୁ ଦୀର୍ଘ ବର୍ଷ ଧରି କାଠ ଚୋରାଚାଲାଣ ହେଉଛି। ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି କାରଣରୁ ବନ ବିଭାଗ କାଠ ଚୋରାଚାଲାଣ ରୋକିବାରେ ବିଫଳ ହେଉଛି ବୋଲି କୁହାଯାଉଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ସାମିଲ ବିଜେଡି ନେତା ଓ କର୍ମୀମାନେ।

ଉଦଳା,୨୪।୧୦(ସନ୍ତୋଷ କୁମାର ବାଛିନୀ)

ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ଉଦଳା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ପୂର୍ବାହ୍ନ ସାଢେ ୧୧ଟା ସମୟରେ ଉଦଳାଠାରେ ଥିବା ଦଳୀୟ କାର୍ଯ୍ୟାଳୟଠାରୁ ଶତାଧିକ ନେତା ଏବଂ କର୍ମୀ ଏକତ୍ରିତ ହୋଇ ସହର ପରିକ୍ରମା କରିବା ପରେ ସ୍ଥାନୀୟ ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ପୂର୍ବ ଜିଲ୍ଲା ସାଙ୍ଗଠନିକ ପୂର୍ବତନ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ପୂର୍ବତନ ଉଦଳା ଏନ୍‌ଏସି ନଗରପାଳ ମନୋଜ କୁମାର ମହାନ୍ତି, କପ୍ତିପଦା ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରା, ଗୋପବନ୍ଧୁନଗର ବ୍ଲକ ସଭାପତି ସତ୍ୟବାନ ଉପାଧ୍ୟାୟ, ଉଦଳା ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟା ଲଳିତା ବିଶୋୟୀ, ସୁଶାନ୍ତି ସିଂ ପ୍ରମୁଖ ମଞ୍ଚାସୀନ ହୋଇ ରାଜ୍ୟରେ ଚାଲିଥିବା ଡବଲ ଇଞ୍ଜିନ ସରକାରର ବିଫଳତାକୁ ନେଇ କଟୁ ସମାଲୋଚନା କରିଥିଲେ।

# ପଶୁଦା, କୁଶଳଦା କ୍ଲଷ୍ଟରସ୍ତରୀୟ ସୁରଭି

ଗୋପବନ୍ଧୁ ନଗର, ୨୪।୧୦(ଶାନ୍ତନୁ କୁମାର ମଢୁଆଳ)

ଗୋପବନ୍ଧୁ ନଗର ବ୍ଲକ ପଶୁଦା ଓ କୁଶଳଦା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଷ୍ଟାଲିନ ଦେଙ୍କ ତତ୍ତ୍ୱାବଧାନରେ ମୋଟ ୧୧ଟି ବିଦ୍ୟାଳୟର ୩୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବେହେରା ଉଦଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ, ଅନ୍ୟତମ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା, ପ୍ରତାପ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀମଣୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଅନନ୍ତ କେଶରୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସେହିପରି କୁଶଳଦା କ୍ଲଷ୍ଟର ଅଧୀନ ପଥୁରିକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି କରୁଣାକର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୬ଟି ବିଦ୍ୟାଳୟରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିବରଣୀ ଉତ୍ସବରେ ଅତିଥି ଭାବେ ସରପଞ୍ଚ ଦିପାଲି ସିଂ, ପ୍ରଧାନ ଶିକ୍ଷକ ଶଶୀଧର ବାରିକ, ଅରୁଣ କୁମାର ସାତୁଆ, ନାଏବ ସରପଞ୍ଚ ପରମାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦାଶରଥି ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଅନୀଲ କୁମାର ପଶା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବାଙ୍ଗିରିପୋଷି,୨୪।୧୦(ସଞ୍ଜୟ କୁମାର ଅଗ୍ରୱାଲ)

ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବାଙ୍ଗିରିପୋଷି ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ନାଥ ଦତ୍ତ ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରମାନନ୍ଦ ଖଣ୍ଡେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ନେହଲତା ପରିଡା, ବାଙ୍ଗିରିପୋଷି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ହରିହର ଶଙ୍ଖୁଆ,ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ସୁଭଦ୍ରା ନାଏକ ଓ ଦ୍ୱାରଶୁଣି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶଙ୍ଖୁଆ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୩୨ଜଣ ଛାତ୍ରୀଛାତ୍ର ଭାଗନେବେ ବୋଲି ସୂଚନା ମିଳିଛି।


## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar - 751007, Tel.: 2545586/2545852
email: serifedodisha@gmail.com, website: www.serifedodisha.in

**TENDER CALL NOTICE**

**Bid Identification No. VI-11(02)/SERIFED/2025-26/1327/Dt.22.10.2025**

No. CAD-2082: The Managing Director (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 No. of work in Khordha district. The bid documents such as DTCN/BOQ etc. can be seen/downloaded from the website: **www.sidacodisha.org.in** during the period Dt.25.10.2025 to 5.00 P.M. upto 29.10.2025. Tender shall be received till 5.00 P.M. on 29.10.2025 & shall be opened at 11.30 A.M. on 30.10.2025. Any addendum/corrigendum/cancellation of tender can also be seen in the said website.

OIPR-31005/11/0021/2526 Sd./- Managing Director

## OFFICE OF THE NOTIFIED AREA COUNCIL, BANKI

No.2973 dt.22.10.2025

E-PROCUREMENT NOTICE

Bid Identification No. : NAC-BAN-03/2025-26

**No.C-1310** : The executive Officer, Banki NAC, invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited - 12 nos.
2. Place of execution - In Banki NAC area.
3. Estimated cost of individual work - Rs.2,96,610/- to Rs.16,94,268/-
4. Eligible class of contractor - Govt. registered contractors as per OPWD code
5. The Bid documents will be available in the web-site from 11.00 A.M. on dt.24.10.2025 upto 5 P.M. till 06.11.2025 for online bidding.
6. The bid documents will be opened on dt.07.11.2025 at 11.00 A.M.
7. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in

Sd./- Executive Officer, NAC Banki

OIPR-13153/11/0007/2526

## OFFICE OF THE DHENKANAL MUNICIPAL COUNCIL, DHENKANAL

No. C-1304

**E-Procurement Notice**

**Tender Call Notice No. 3915/DKLMPLTY / Date: 18.10.2025**

1. Name of the Work : Individual Civil Construction work published the **www.tenderodisha.gov.in** website
2. No. of works put to tender : 3 Nos. of individual works
3. Estimated Cost : Rs.11.00 lakhs to Rs.16.206 lakhs
4. Period of Completion : 90 Days
5. Date and time of availability : From 11.00 hours of Dt.22.10.2025 to 17.30 of Dt.31.10.2025 of bid document in the portal
6. Last date/time for receipt of bids : 17.00 hours of Dt.31.10.2025
7. Date and time of opening of bid : 11.00 hours of Dt.01.11.2025
8. Name and address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-procurement portal **https://tenderorissa.gov.in**.

Sd./- Executive Officer Dhenkanal Municipality

OIPR-13146/11/0048/2526

## GOVERNMENT OF ODISHA "e"-PROCUREMENT NOTICE OFFICE OF THE NOTIFIED AREA COUNCIL, BALLIGUDA

**TENDER CALL NOTICE**

No.1499, Date 22.10.25

E-mail: eonacballiguda@yahoo.in

Bid Identification No.EO_BLG.N_05_2025-26

**No.C-1312:** The Executive Officer, NAC, Balliguda, Dist-Kandhamal inviting percentage rate bid in online mode for the works as detailed in the table from eligible contractors for civil works as detailed in the table below.

1. Name of Work : As per DTCN
2. No. of Work : 07
3. Tender Cost : As per DTCN
4. Class of Contractor : As per DTCN
5. Period & Time of completion : As per DTCN
6. Available of Bid document in the Website : From Dt.24.10.2025, 3.00 PM to Dt.31.10.2025 Upto 5.00 P.M.
7. Date of Opening of Bid : Dt.01.11.2025 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website.

Sd./- Executive Officer NAC, Balliguda

OIPR-13097/11/0021/2526

## NATIONAL COMPETITIVE BIDDING THROUGH e-PROCUREMENT

Tel. No. 06752222092, e-mail id : eerwpuri@gmail.com

**TCN NO. TENDER ONLINE - 09 OF 2025-26**

No.8445 /Dt. 10.10.2025

**No.O-1094** : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri. 1. Total No. of works : **74 Nos.**, 2. Tender cost of packages : Amount varies from **Rs.5.04 lakh to Rs.42.02 lakh**, 3. Class of contractor : **As per DTCN**, 4. Period of completion : **2 (Two) Calendar months**, 5. Period of availability of tenders on-line/Date & time of bidding on-line/last date of seeking calrification/Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online-09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 01.30 P.M. | 13.11.2025 at 11.30 A.M. Office of the S.E., R.W. Division, Puri |

6. Other details can be seen in the bidding documents, which is available in website "https://tendersodisha.gov.in".

Sd./- Superintending Engineer, R.W. Division, Puri

OIPR-25065/11/0029/2526

## MUNICIPAL OFFICE: JEYPORE

Phone 06854-231098, Fax 06854-230104
ulbjeypore@gmail.com

L. No.4454/JM Date:16.10.2025

**QUOTATION CALL ADVERTISEMENT**

**No.C-**: Sealed quotations as per the prescribed format in the quotation call notice are hereby invited from reputed agencies/ Firms/Contractors having experience in

**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality."**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website i.e. www.jeyporemunicipality.in |
| Quotation Paper Sale Start Date | 18.10.2025 11.00 hours onwards |
| Quotation Paper Sale End Date | 27.10.2025 upto 17.00 hours |
| Submission Deadline | 31.10.2025 upto 14.00 hours |
| Opening of Quotation | 31.10.2025 at 16.00 hours |
| Paper Cost (INR) | Rs.600/- |
| Security Deposit (INR) | Rs.5000/- |

Sd./- Executive Officer Jeypore Municipality

OIPR-13079/11/0070/2526

## OFFICE OF THE SUPERINTENDING ENGINEER MINOR IRRIGATION DIVISION, GANJAM-II, BERHAMPUR

E-mail: mi2_exe.engr@yahoo.co.in, Ph. No.: 0680-2290475

No. A-758

GOVERNMENT OF ODISHA
e-PROCUREMENT NOTICE
Bid Identification No. GMID-II/07/2025-26

Ltr. No. 4476 Date: 16.10.2025

Name of Work : Civil Construction Works
No. of Works : 21 (Twenty One) Nos.
Estimated Cost : Rs.4.58 lakh to 30.89 lakh
Tender Paper Cost : Rs.6000.00 (for estimated cost above 10.00 lakh) Rs.4000.00 (for estimated cost below 10.00 lakh) Rs.2000.00 (for estimated cost below 5.00 lakh)
Period of Completion : 02 (Two) to 03 (Three) Calendar Months
Class of Contractor : "D", "C" & "B"
Availability of bid documents : From 20.10.2025 at 10.00 A.M. to 30.10.2025 upto 5.00 P.M. in website (www.tendersorissa.gov.in)
Period of Receipt of bid through Online : From 20.10.2025 at 10.00 A.M. to 30.10.2025 upto 5.00 P.M. through Online.
Mode of Payment : Online
Date of Opening of Bid documents : Dtd. 31.10.2025 at 11.30 A.M.
Date of Lottery (if required) : Shall be intimated through website and E-mail specified for the purpose in e-tendering process
Digital Signature Certificate of Bidder : The bidder must possess compatible Digital Signature Certificate (DSC) of Class-II or Class-III

The detail tender call notice can also be seen in the DOWR website: **http://dowrorissa.gov.in**

Name & Address of the OIT : Superintending Engineer M.I. Division, Ganjam-II, Infront of Depaul School, Engineering School Road, Berhampur, Dist.: Ganjam, PIN - 760010 E-mail:**mi2_exe.engr@yahoo.co.in**
Further details can be seen from the E-Procurement market place : **http://tendersorissa.gov.in**

Sd./- Superintending Engineer M.I. Division, Ganjam-II, Berhampur

OIPR-32043/11/0034/2526

## ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ

ମୋତିଝରନ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧
ଦୂରଭାଷ/ଫାକ୍ସ-୦୬୬୩-୨୫୪୮୭୪୩
ଇମେଲ୍-dfohirakudwl.od@gov.in

**QUOTATION CALL NOTICE**

No. 81 Dt. 16.10.2025

**No.MM**-Sealed quotations are invited from intending Architectural Firms/Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur.

Interested and eligible participants having experience in similar nature of work are invited to submit the Detailed Project Report only, which shall include preparation of estimates, drawings and designs (AutoCAD soft copy and 3D views), bill of quantities, detailed technical specifications of materials to be used in the work, including analysis of labour and material components, etc., as per the current Schedule of Rates of the State PWD, Government of Odisha.

| Item | Quantity | Quoted Price | Cost of Tender Paper | EMD money to be deposited |
|---|---|---|---|---|
| 1 | 2 | 3 | 4 | 5 |
| Architectural Firms / Individuals for the appointment of an Architectural Consultant for providing a Detailed Project Report (Plan, design and estimate) for the Development of Debrigarh Ecotourism under Hirakud Wildlife Division, Sambalpur | 01 (One) | Scale of Fees to be quoted by Consultant as percentage (%) | 3,540/- (non-refundable) | 75,000/- |

1. Sale of Quotation Papers/documents will be available in the O/o the Divisional Forest Officer, Hirakud Wildlife Division, Sambalpur from **Dt.19.10.2025, 10.00 AM to dt.28.10.2025, 4.00 PM** (during office hours).
2. Receiving of Quotation Papers will from **Dt.19.10.2025, 10.00 AM to dt.28.10.2025 till 4.00 PM** through Speed Post/ Registered Post/ Courier / directly put in the Quotation box of the Division Office, Hirakud Wildlife Division, Sambalpur.
3. The Sealed quotation papers shall be opened on **Dt.29.10.2025 at 11.30 AM for Technical Evaluation and dt.30.10.2025 at 11.30 AM for Financial Evaluation.**
4. The Successful firm/bidder shall be submitting the Detailed Project Report (Plan, Design & Estimate) on or before **15.11.2025** positively.

Sd/- Divisional Forest Officer Hirakud Wildlife Division, Sambalpur

OIPR-08078/11/0008/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସାଇ ସତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆନ୍ତଃସ୍କୁଲ ଫୁଟବଲ୍: କିସ୍ ଚାମ୍ପିୟନ

**ଭୁବନେଶ୍ୱର, ୨୪।୧୦ (ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କିସ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କିସ୍ ସ୍କୁଲ ୩-୦ ଗୋଲରେ ଓଡିଏମ୍ ଗ୍ଲୋବାଲକୁ ପରାସ୍ତ କରିଛି। ବିଜୟୀ ଦଳର ସୋନାରାମ ସୋରେନ, ଉପେନ୍ଦ୍ର ଅମାନତିୟ ଓ ରାଜୁ ମାରାଣ୍ଡି ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଓଡିଏମ୍ ପବ୍ଲିକ୍ ସ୍କୁଲ ୩-୧ ଗୋଲରେ ୟୁନିଟ-୧ ହାଇସ୍କୁଲକୁ ପରାସ୍ତ କରିଛି। ଚାମ୍ପିୟନ କିସ୍ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନରଅପ୍ ଓଡିଏମ ଗ୍ଲୋବାଲକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ବିନୋଦ କାନଦେକେଲ ଶ୍ରେଷ୍ଠ ଗୋଲକିପର, ସୋନାରାମ ସୋରେନ ଶ୍ରେଷ୍ଠ ଫରୱାର୍ଡ, ରାଜୁ ମାଡ୍ରି ଶ୍ରେଷ୍ଠ ମିଡ୍ ଫିଲ୍ଡର, ଓଜେସ ପଟାକାର ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ। ମଧ୍ୟାନ୍ତରରେ ନୟାପଲ୍ଲୀ ଭଗବତ ଗୀତା ବିଦ୍ୟା ମନ୍ଦିର ସ୍କୁଲ ପିଲାଙ୍କ ବ୍ୟାଣ୍ଡ ବାଦନ ଉଚ୍ଚ ପ୍ରଶଂସିତ ହୋଇଥିଲା। ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ୟୁନିଲାଇଟର ଉପସଭାପତି ଦେବବ୍ରତ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ଉପସଭାପତି ବିବେକାନନ୍ଦ ଦାସ, ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ଚାମ୍ପିୟନ କିସ୍ ସ୍କୁଲ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଷ୍ଟଲଲାୟନ୍ସ, ୟୁବି ରକଷ୍ଟାର୍ସ ବିଜେତା

**ଭୁବନେଶ୍ୱର, ୨୪।୧୦ (ତପନ ସ୍ୱାଇଁ)**

ଘାଟିକିଆ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ)ରେ ଶୁକ୍ରବାର ଷ୍ଟଲଲାୟନ୍ସ, ୟୁବି ରକ୍‌ଷ୍ଟାର୍ସ, ଟାଇଟନ୍ସ ଓ ସିଡିଏ ଲାୟନ୍ସଦଳ ବିଜୟୀ ହୋଇଛି। ଓଡିଟେକ୍ ଏକାଦଶ ଓ ଓଡ଼ିଶା ଷ୍ଟଲଲାୟନ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଓଡିଟେକ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୯ ଉଇକେଟ ହରାଇ ୮୬ ରନ୍ କରିଥିଲା। ଜବାବରେ ଷ୍ଟଲଲାୟନ୍ସ ୭.୨ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଟାଇଟନ୍ସ ଓ ୟୁବି ରକ୍‌ଷ୍ଟାର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। ଟାଇଟନ୍ସ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୮୯ ରନ୍ କରିଥିଲା। ରକ୍‌ଷ୍ଟାର୍ସ ୭.୨ ଓଭରରେ ୫ ଉଇକେଟ ହରାଇ ମ୍ୟାଚ ଜିତିଥିଲା। ସେହିପରି ଟାଇଟନ୍ସ ଓ ସେଫରିସ୍କ ୱାରିୟର୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଟାଇଟନ୍ସ ୬ ଉଇକେଟ ହରାଇ ୮୭ ରନ୍ କରିଥିଲା। ଜବାବରେ ୱାରିୟର୍ସ ୭.୨ ଓଭରରେ ୪୫ ରନକରି ଅଲଆଉଟ୍ ହୋଇଥିଲା। ଅନ୍ୟ ମ୍ୟାଚ୍ ଗୁଡ଼ିକରେ ସିଡିଏ ଲାୟନ୍ସ ୨୯ ରନ୍‌ରେ ସାନ ଏକାଦଶକୁ ଏବଂ ବବ୍‌ଦେ ପୁରୁଷୋତ୍ତମ ୭ ଉଇକେଟରେ ସର୍ଜିକାଲ ଷ୍ଟ୍ରାଇକର୍ସଙ୍କୁ ପରାସ୍ତ କରିଛି। ଲିଗ୍‌ରେ ମୋଟ୍ ୧୦ଟି କର୍ପୋରେଟ୍ ଦଳ ଭାଗ ନେଇଛନ୍ତି। ସେମାନଙ୍କୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଦ୍ୱିତୀୟ ଦିବସରେ ରାଜୀବ ପଣ୍ଡା ଓ ଦରିଦ୍ର ନାରାୟଣ ନାୟକ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ମଧୁସୂଦନ ଦାସଙ୍କ ଦ୍ୱିଶତକ**

# ଭୁବନେଶ୍ୱର 'ବି'ର ବୃହତ୍ ବିଜୟ

**ଭୁବନେଶ୍ୱର, ୨୪।୧୦ (ତପନ ସ୍ୱାଇଁ):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ମ୍ୟାଚ ଶୁକ୍ରବାର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। କଟକ ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ୩୭୮ ରନରେ ଗଜପତିକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ଭୁବନେଶ୍ୱର 'ବି' ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୪୬୫ ରନ କରିଥିଲା। ଦଳ ପକ୍ଷରୁ ମଧୁସୂଦନ ଦାସ ଦ୍ରୁତ ଦ୍ୱିଶତକ (୧୨୫ ବଲ୍‌ରୁ ୨୩୦ ରନ) ହାସଲ କରିଥିବାବେଳେ କୁମାର 'ଏ' ସ୍ୱାଇଁ ୬୧ ରନରେ ଅପରାଜିତ ରହିଥିଲେ। ଜବାବରେ ଗଜପତି ଦଳ ୨୯.୩ ଓଭରରେ ୮୭ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଭୁବନେଶ୍ୱର 'ବି' ବୋଲରଙ୍କ ମଧ୍ୟରେ ଅଭିଲାଷ କାନୁନ୍‌ଗୋ ୫ଟି ଓ ଅଧିନାୟକ ମୃତ୍ୟୁଞ୍ଜୟ ରାୟ ୨ଟି ଉଇକେଟ ନେଇଥିଲେ। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ମୂଳାପଡ଼ିଆରେ କିଟ୍ ୫ ଉଇକେଟରେ ନୟାଗଡ଼, ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ସମ୍ବଲପୁର 'ଏ' ୭ ଉଇକେଟରେ ନବରଙ୍ଗପୁର, ସନ୍‌ସାଇନ୍ ପଡ଼ିଆରେ ପୁରୀ ୬ ଉଇକେଟରେ ମୟୂରଭଞ୍ଜ, ନିମପୁର କ୍ରିକେଟ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୫୧ ରନରେ କନ୍ଧମାଳ, ବିଜେବି ସ୍କୁଲ ପଡ଼ିଆରେ ସୋନପୁର ୭୨ ରନରେ ସମ୍ବଲପୁର 'ଏ', ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦୁଝର ୩ ଉଇକେଟରେ କଟକ 'ବି', ଗଡିରାଉତ ପାଟଣା ପଡ଼ିଆରେ ଖୋର୍ଦ୍ଧା ୧୨୦ ରନରେ ରାୟଗଡ଼ା ଏବଂ ଅଡଶପୁର ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ୩ ଉଇକେଟରେ ଢେଙ୍କାନାଳକୁ ହରାଇ ଦେଇଛି।

# ଶ୍ରୀଲଙ୍କା-ପାକିସ୍ତାନ ମ୍ୟାଚ ବାତିଲ

**କଲମ୍ବୋ, ୨୪।୧୦ (ପି.ଟି.):** ବର୍ଷା ଯୋଗୁ ଶୁକ୍ରବାର ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚକୁ ଅଧାରୁ ବାତିଲ କରିଦିଆଯାଇଛି। ଏହି ଭେନ୍ୟୁରେ ବର୍ଷା କାରଣରୁ ବିନା ଫଳାଫଳରେ ଶେଷ ହୋଇଥିବା ଏହା ହେଉଛି ୫ମ ମ୍ୟାଚ। ଭାରତ ସହିତ ଚଳିତ ରାଜନୈତିକ ଉତ୍ତେଜନା ପାଇଁ ପାକିସ୍ତାନକୁ ନେଇ ମ୍ୟାଚଗୁଡ଼ିକ ଆର୍. ପ୍ରେମାଦାସା ଷ୍ଟାଡିୟମରେ ଆୟୋଜନ କରାଯାଇଛି। କହିବାକୁ ଗଲେ ଟୁର୍ଣ୍ଣାମେଣ୍ଟର ଅଧିକାଂଶ ମ୍ୟାଚ ଶ୍ରୀଲଙ୍କାରେ ଖେଳାଯାଉଛି। ମ୍ୟାଚ ବାତିଲ ନିଷ୍ପତ୍ତି ନେବା ପୂର୍ବରୁ ଦୁଇ ଫିଲ୍ଡ ଅମ୍ପାୟର କ୍ୟୁରେଟର ଓ ତୃତୀୟ ଅମ୍ପାୟରଙ୍କ ସହିତ ଆଲୋଚନା କରିଥିଲେ। ମ୍ୟାଚ ବନ୍ଦ ରଖାଯିବା ବେଳକୁ ପାକିସ୍ତାନ ୪.୨ ଓଭରରେ ବିନା କୌଣସି ଉଇକେଟରେ ୧୮ରନ କରିଥିଲା।



Sai Satya Patra
42 Mouza, Cuttack

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ ତୋର ବାପା, ବୋଉ, ପାପା, ତିତଲି, ପାପା, ମାମା, ଛୁଆ ପାପା, ଦିଦି, ଭାଇ, ଅଜା ଓ ଆଈ।

ଧ-୨୩୭୨

# Classified Everyday

**0674-2580101, 9692975378**

## REAL ESTATE



**SALE**

**ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍,** 2/3 BHK Flat/Duplex ଅଛି- 8327785341 D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

Gharabari bounded plot 10000sq.ft and 2400sq.ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D-2364

ଷ୍ଟିଡିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

Bhubaneswar Gothapatna 100ft ମେନ୍‌ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952। D- 07




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

Newly open Jyoti spa positively health benefits (Expert therapist). 8458067955. D-76942

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ ଜ୍ୟୋସ୍ନାରାଣୀ ଧନି ଘୋଷଣା କରୁଅଛି କି ମୋର ମୂଳ କବଲା ଓ ମୂଳପଟ୍ଟା ଯାହାର ନମ୍ବର ୫୯୦୨, ତାରିଖ ୦୧।୦୬।୨୦୦୬, ଖାତା ନମ୍ବର- ୨୭୦/୧୮୬୯, ପ୍ଲଟ୍ ନମ୍ବର- ୬୦୨/୨୭୦୬, ଏରିଆ- ୦.୦୪୪ ଡିସିମିଲ ର କାଗଜପତ୍ର କେଉଁଆଡେ ହଜିଯାଇଅଛି। ଏ ବିଷୟରେ ମୁଁ ଟମାଣ୍ଡୋ ପୋଲିସ ଷ୍ଟେସନରେ ଲିଖିତ ଅଭିଯୋଗ କରିଅଛି, ଯାହାର କେସ୍ ନମ୍ବର- ୨୦୬୫ ଓ ତାରିଖ- ୧୬।୧୦।୨୦୨୫ ଅଟେ। ଯଦି କୌଣସି ବ୍ୟକ୍ତି ପାଆନ୍ତି ତେବେ ଉକ୍ତ ନମ୍ବର-୭୦୦୮୬୪୫୫୫୪ ରେ ଯୋଗାଯୋଗ କରିବେ। ଧ- ୨୩୬୯

## AFFIDAVIT

By virtue of an affidavit sworn before Notary Public, Kantabanji, on 22.10.2025, that in my educational documents and Aadhar Card my name mentioned as "PUSPANJALI SAHOO" but in my Bank Account of Bank of Baroda my name is wrongly recorded as "PUSPANJALI SAHU" whereas PUSPANJALI SAHU and PUSPANJALI SAHOO of Village/P.O./P.S.- Kantabanji Ward No.7, Dist.Balangir, Odisha is same and one person. D-2362

I, Sri Aurobindo Das, son of Santanu Kumar Das, being the elder son of Late Kalyani Das, owner of Plot No. 129, Ashok Nagar, hereby inform the public that certain strangers, along with some of my relatives, have forcibly entered the said premises and illegally carried out construction activities on the property. Please note that Civil Suit No. CS 948/18/15 regarding this property is currently pending before the Learned Court at Bhubaneswar. Any person any illegal activity, sale, purchase, lease or construction on the aforementioned property own risk and will be liable for punishment under the law.

Sri Aurobindo Das D-2363

I, Rasmita Parhi, W/o- Srimay Kumar Panda, Resident of Block-C-1204, Falcon Crest, Shyampur, P.O.- Ghatikia, Bhubaneswar, Khorda, Odisha, PIN- 751029 declare by this affidavit No. 79AA143484, dtd.- 22.10.2025 that now onwards I shall be known as Rasmita Padhi for all future puposes. D-2365

By virtue of an affidavit sworn before Executive Magistrate, Cuttack, dated- 16-10-2025, I, Prashant Nayak, Address : Village- Telunia, P.O.- Mugagahira, Dist.- Cuttack- 754031, Odisha,declare that I have changed the name of my daughter Mamali Nayak to Chandrakanti Nayak. Henceforth, she shall be known as Chandrakanti Nayak for all purposes.

Prashant Nayak D-2366

By virtue of an affidavit sworn before Executive Magistrate, Khallikote, Ganjam, dated- 15.04.2025, I, Saraswati Mahankuda, W/o.- Pankaj Mahankuda address: At/P.O.- Kairasi, P.S./Tahasil- Khallikote, Dist.- Ganjam, Odisha, PIN- 761029 declare that I have changed my name from Buli Mahankuda to Saraswati Mahankuda. Henceforth, I shall be known as Saraswati Mahankuda for all purposes.

Saraswati Mahankuda D-2367

By virtue of an affidavit sworn before Executive Magistrate, Bhadrak, dtd. 14.10.2025, I, Urmilabala Dash (55 yrs), W/o.- Lakshman Dash, Vill.- Paitipur, P.O.- Tiadisahi, P.S- Pirahat, Dist.- Bhadrak, Odisha declare that I have changed my name in my LIC policy bearing No. 598123671 from Sashikala Dash to Urmilabala Dash. Henceforth, I shall be known as Urmilabala Dash for all purposes. D-2370

By virtue of an affidavit sworn before Executive Magistrate, Bonth, dtd.- 09.10.2025, I, Sujata Bharati, W/o.- Kamal Kumar Bharati, Vill.- Pachhalo, P.O.- Kasimpur, P.S.- Dhusuri, Dist.- Bhadrak, PIN- 756119, Odisha declare that I have changed my minor daughter's name from Jyotir Mayee Bharati to Ankita Bharati. Henceforth, She shall be known as Ankita Bharati for all future purposes. D-2371

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰କାର୍ତ୍ତିକେଶ୍ୱର ସାହୁ**

ବୟାଳିଶବାଟି,ଗୋପ, ପୁରୀ

ଚଳିତ କାର୍ତ୍ତିକମାସ କୃଷ୍ଣପକ୍ଷ ଦଶମୀ ତିଥି ଇଂରାଜୀ ତା ୧୫।୧୦।୨୦୨୫ ରିଖ (ବୁଧବାର) ଅପରାହ୍ନ ୪ ଘଟିକା ସମୟରେ ଗୋପ ବ୍ଲକ ସ୍ଥିତ ବୟାଳିଶବାଟି ବାସଭବନରେ ଆମର ପୂଜ୍ୟ କାର୍ତ୍ତିକେଶ୍ୱର ସାହୁ ଆମକୁ ଶୋକ ସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କରିଛନ୍ତି। ସେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ଗୁଣୀଜ୍ଞାନୀ ମଣିଷ ଭାବେ ଗୋପ ବ୍ଲକ ଅଞ୍ଚଳରେ ପରିଚିତ ଥିଲେ। ୧୯୯୭ ମସିହା ଅକ୍ଟୋବର ୨୯ ତାରିଖ ଦିନ ତାଙ୍କର ଜନ୍ମଦିବସ ଅବସରରେ ଗୋପ ବ୍ଲକ ଅନ୍ତର୍ଗତ ଶିମିଳି ପଞ୍ଚାୟତ ର ନୂଆଁ ଗାଁ ଠାରେ ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଗରିବ ପିଲାମାନଙ୍କ ଲାଗି କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପ୍ରତିଷ୍ଠା କରିଥିଲେ। ଏବେ ଏହି ବିଶ୍ୱବିଦ୍ୟାଳୟଟି ରାଜ୍ୟରେ ନିଜର ଗରିମା ଜାହିର କରି ପାରିଛି। ତାଙ୍କର ଆତ୍ମାର ସଦଗତି କାମନାରେ ତାଙ୍କର ହତଭାଗ୍ୟ ପୁତ୍ର ବିପିନ, ନିରଞ୍ଜନ, କୃଷ୍ଣ ଓ ପୁତ୍ରୀ ଲିଲିଙ୍କ ସହିତ ପରିବାରବର୍ଗ ।

ଧ-୨୩୬୧

**ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପୁଷ୍ପଶ୍ରୀ ସିଂହ**

ନରସିଂହପୁର, ଦଶପଲ୍ଲା, ନୟାଗଡ଼

ଆବିର୍ଭାବ: ୦୫।୦୮।୧୯୬୭

ତିରୋଧାନ: ୦୪।୧୧।୨୦୨୪
(ନାଗଚତୁର୍ଥୀ)

ଚାହୁଁ ଚାହୁଁ ବର୍ଷେ ପୂରିଗଲା, ଅନୁଭବ କରିହେଉନି ତୁମେ ଆମ ପାଖରେ ନାହଁ ବୋଲି, ସମସ୍ତଙ୍କ ମନ ନେଇ ତୁମେ ଆମ ପାଖରେ ଯେମିତି ଥିଲ, ଠିକ୍ ସେହିପରି ଆତ୍ମମାନଙ୍କ ପାଖରେ ଅଛ, ତୁମେ ଯେଉଁଠି ଥାଅ, ଭଲରେ ଥାଅ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:
ସ୍ୱାମୀ- ନନ୍ଦ କିଶୋର ସିଂହ, ପୁଅ- ଅସୀମ ଅମିତାଭ ସିଂହ(ହାପି), ବୋହୂ- ଲୀନା ସିଂହ(ଲାଲି), ନାତୁଣୀ- ରୁହି ଓ ଜୁହି।

ଧ-୨୩୬୦

## LEGAL NOTICE

Letter No. 1904
date- 17.10.2025

ମାନ୍ୟବର ଆଡିସନାଲ କମିଶନର ଶ୍ରୀ ପ୍ରଦୀପ କୁମାର ନାୟକ, (ଭାରତୀୟ ପ୍ରଶାସନିକ ସେବା), ଆଡିସନାଲ ରିଭିଜନ୍ କୋର୍ଟ ନଂ୪ମ୍ବରଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଙ୍ଗ, ଭୁବନେଶ୍ୱର

ଓ.ଏସ୍.ଏସ୍. କେସ୍ ନଂ୯୮୩/୨୦୨୩ମ୍ବର

ଶ୍ରୀ ସୁଶାନ୍ତ କୁମାର ବେହେରା, .......ବାଦୀ/ ଦରଖାସ୍ତକାରୀ

ବନାମ

ଓଡ଼ିଶା ସରକାର ଓ ଅନ୍ୟମାନେ ...... ପ୍ରତିବାଦୀ/ ଅପରପକ୍ଷ

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ୫(ଏ)ମ୍ବର: ନବଘନ ବେହେରା, ପିତା: ସ୍ୱର୍ଗତ ଶତ୍ରୁଘ୍ନ ବେହେରା, ପ୍ରତିବାଦୀ ନଂ୫(ବି)ମ୍ବର: ଆରତୀ ବେହେରା, ପିତା: ସ୍ୱର୍ଗତ ଶତ୍ରୁଘ୍ନ ବେହେରା, ପ୍ରତିବାଦୀ ନଂ୬(ଏ)ମ୍ବର: ଆରତୀ ବେହେରା, ସ୍ୱାମୀ: ସ୍ୱର୍ଗତ ସନାତନ ବେହେରା, ପ୍ରତିବାଦୀ ନଂ୭ମ୍ବର: ନବଘନ ବେହେରା, ପିତା: ସ୍ୱର୍ଗତ ଶତ୍ରୁଘ୍ନ ବେହେରା ଏସମସ୍ତଙ୍କର ବାସସ୍ଥାନ: ଗାଡ଼କଣ, ପୋଷ୍ଟ: ମଞ୍ଚେଶ୍ୱର ରେଲୱେ ଷ୍ଟେସନ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)।

ପ୍ରତିବାଦୀ ନଂ୮(ଏ)ମ୍ବର: ରମ୍ଭା ବେହେରା, ସ୍ୱାମୀ: ସ୍ୱର୍ଗତ ବସନ୍ତ ବେହେରା, ପ୍ରତିବାଦୀ ନଂ୯ମ୍ବର : ଜୟୀରାମ ବେହେରା, ପିତା: ସ୍ୱର୍ଗତ ମଥୁରୀ ବେହେରା, ପ୍ରତିବାଦୀ ନଂ୧୦(ଏ)ମ୍ବର: ପ୍ରଫୁଲ୍ଲ କୁମାର ବେହେରା, ପିତା: ସ୍ୱର୍ଗତ ଉଦ ବେହେରା, ପ୍ରତିବାଦୀ ନଂ୧୦(ବି)ମ୍ବର: ବାଙ୍କୁ ବେହେରା, ପିତା: ସ୍ୱର୍ଗତ ଭଜ ବେହେରା, ପ୍ରତିବାଦୀ ନଂ୧୧ମ୍ବର: ଜଳଧର ବେହେରା, ପିତା: ସ୍ୱର୍ଗତ ମଥୁରୀ ବେହେରା, ପ୍ରତିବାଦୀ ନଂ୧୨ମ୍ବର: କାଳୀ ବେହେରା, ପିତା: ସ୍ୱର୍ଗତ ମଥୁରୀ ବେହେରା, ପ୍ରତିବାଦୀ ନଂ୧୩ମ୍ବର: ସୁଲ ବେହେରା, ପିତା: ସ୍ୱର୍ଗତ ମଥୁରୀ ବେହେରା, ପ୍ରତିବାଦୀ ନଂ୧୪ମ୍ବର: ବୁଢ଼ୀ ବେହେରା, ସ୍ୱାମୀ: ସ୍ୱର୍ଗତ ମଥୁରୀ ବେହେରା, ଏସମସ୍ତଙ୍କର ବାସସ୍ଥାନ: ଗାଡ଼କଣ, ପୋଷ୍ଟ: ମଞ୍ଚେଶ୍ୱର ରେଲୱେ ଷ୍ଟେସନ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)।

ନୋଟିସ

ସି.ପି.ସି. ଅର୍ଡର- ୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ସୁଶାନ୍ତ କୁମାର ବେହେରା, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ୫(ଏ)ମ୍ବର, ନଂ୫(ବି)ମ୍ବର, ନଂ୬(ଏ)ମ୍ବର, ନଂ୭ମ୍ବର, ନଂ୮(ଏ)ମ୍ବର, ନଂ୯ମ୍ବର, ନଂ୧୦(ଏ)ମ୍ବର, ନଂ୧୦(ବି)ମ୍ବର, ନଂ୧୧ମ୍ବର, ନଂ୧୨ମ୍ବର, ନଂ୧୩ମ୍ବର, ନଂ୧୪ମ୍ବରଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ୫(ଏ)ମ୍ବର, ନଂ୫(ବି)ମ୍ବର, ନଂ୬(ଏ)ମ୍ବର, ନଂ୭ମ୍ବର, ନଂ୮(ଏ)ମ୍ବର, ନଂ୯ମ୍ବର, ନଂ୧୦(ଏ)ମ୍ବର, ନଂ୧୦(ବି)ମ୍ବର, ନଂ୧୧ମ୍ବର, ନଂ୧୨ମ୍ବର, ନଂ୧୩ମ୍ବର, ନଂ୧୪ମ୍ବରଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୪।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି । ଉକ୍ତ କେସ୍‌ର ତଫସିଲ ବୃତ୍ତିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା: ଖୋର୍ଦ୍ଧା, ଥାନା: ନିଉକ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ମୌଜା: ଗାଡ଼କଣ, ସାବିକ ଖାତା ନଂ୧୪୫ମ୍ବର, ସାବିକ ପ୍ଲଟ୍ ନଂ୨୭୬୪ମ୍ବର, ଏରିଆ: ଏ.୧.୨୦୦ ଡିସିମିଲ, ସମ୍ବନ୍ଧ କ୍ରୟବୃତ୍ତି, ଏରିଆ: ଏ.୦.୦୪୦ ଡିସିମିଲ। ସବ୍-ପଟ୍ ନଂ୧୦ମ୍ବର। ଚୌହଦୀ: ଉତ୍ତର: ସବ୍-ପ୍ଲଟ୍ ନଂ୧୦ମ୍ବର, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍-ପ୍ଲଟ୍ ନଂ୧୧ମ୍ବର, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍। ଏହାର ହାଲ ଖାତା ନଂ୨୩୪୯ମ୍ବର, ହାଲ ପ୍ଲଟ୍ ନଂ୨୨୧୯ମ୍ବର, ଏରିଆ: ଏ.୦.୦୪୦ ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ୫(ଏ)ମ୍ବର, ନଂ୫(ବି)ମ୍ବର, ନଂ୬(ଏ)ମ୍ବର, ନଂ୭ମ୍ବର, ନଂ୮(ଏ)ମ୍ବର, ନଂ୯ମ୍ବର, ନଂ୧୦(ଏ)ମ୍ବର, ନଂ୧୦(ବି)ମ୍ବର, ନଂ୧୧ମ୍ବର, ନଂ୧୨ମ୍ବର, ନଂ୧୩ମ୍ବର, ନଂ୧୪ମ୍ବର କିମ୍ବା ମୃତ ପ୍ରତିବାଦୀ ହୋଇଥିଲେ ସେମାନଙ୍କର ଔରଷମାନେ ନିଜେ ବା ସେମାନଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ ।

ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱରଙ୍କ ଆଦେଶକ୍ରମେ

ସ୍ୱା/- କୋର୍ଟ ଅଫିସର

D-2368

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


ବିଶେଷଜ୍ଞ

ଅର୍ଶ ଭଗନ୍ଦର ମଳକଣ୍ଟକ

ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ

PILES CLINIC

ADDRESS

DR. R.PRASAD, BAMS
DR. PREM KUMAR, BAMS., LLB (UTKAL)

10 A.M. TO 8 PM.

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388

VSS Nagar, BBSR
9861917646

# ଚିତ୍ତରଞ୍ଜନଙ୍କ ଚିତ୍ତବିସ୍ତାରୀ ଦୃଷ୍ଟି ଓ ସୃଷ୍ଟି

ଅବଲୋକନ



ଡ. ବିରଜା ରାଉତରାୟ

ସେଦିନ ଥାଏ ୩ ଅକ୍ଟୋବର, ୧୯୨୧ ମସିହା। ବାଗଲପୁର ଗାଁରେ ଦଶହରାର ପାର୍ବଣମୁଖର ଅବକାଶ। ରାତିରେ ଯାତ୍ରା ଚାଲିଥାଏ। ଘରର ସମସ୍ତ ପୁରୁଷଲୋକ ଓ ପ୍ରାୟ ସ୍ତ୍ରୀଲୋକ ସଭିଏଁ ସାମିଲ ହୋଇଥା'ନ୍ତି ସେହି ଯାତ୍ରା ମାହୋଲରେ। ଘରେ ରହିଯାଇଥିବା ମାତା ହୀରାମଣି ଦେବୀ ଗ୍ରାମର ସେହି ଚିତ୍ତଆନନ୍ଦମୟ ରାତିରେ ଗର୍ଭର ତୃତୀୟ ସନ୍ତାନ ରୂପେ ଯାହାକୁ ପ୍ରସବ କରନ୍ତି, ବାସ୍ତବରେ ସେ ହିଁ ପରବର୍ତ୍ତୀ ଜୀବନରେ ପାଲଟିଥିଲେ ଜଣେ ଚେତନା ଉଦ୍ରେକକାରୀ ସୃଜନସ୍ରଷ୍ଟା। ଓଡ଼ିଆ ସାହିତ୍ୟର ପ୍ରବନ୍ଧ, ସମାଲୋଚନା, ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ଅନୁବାଦ, ସ୍ତମ୍ଭ, ଡାଏରୀ ଓ ଅଧ୍ୟାତ୍ମ ସାହିତ୍ୟ ପରି ବିଭିନ୍ନ ବିଭାଗରେ ପାଖାପାଖି ତିନିଶହ ପୁସ୍ତକର ଅବିଶ୍ୱସନୀୟ ସ୍ରଷ୍ଟା ହେଉଛନ୍ତି ଚିତ୍ତରଞ୍ଜନ ଦାସ।



ତାଙ୍କ ସୃଷ୍ଟିର ବଳୟ ସାହିତ୍ୟ, ଦର୍ଶନ, ସମାଜବିଜ୍ଞାନ ଓ ମନସ୍ତତ୍ତ୍ୱ ପରି ବ୍ୟାପକ ଓ ବିବିଧ ଚିନ୍ତନକୁ ସଦମ୍ଭେ ଉତ୍କୀର୍ଣ୍ଣ କରିଥାଏ। ସେଥିରେ ନିର୍ଭୀକପଣ ସହ ଥାଏ ଅସାମାନ୍ୟ ଅଙ୍ଗୀକାରବଦ୍ଧତା। ମୌଳିକ ଦୃଷ୍ଟି ଓ ବିଚାର ସହ ପ୍ରଥାସିଦ୍ଧ ଧାରଣାକୁ ପ୍ରଶ୍ନ ପଚାରି ହକାଳିବାର ଥାଏ ମଧ୍ୟ ଅନମନୀୟ ଦୃଢ଼ତା। ଗୋଟିଏ ସତ୍ୟକୁ ବହୁଧା ଦୃଷ୍ଟିରେ ଆକଳନ କରିବାର ବହୁଦର୍ଶିତା। ଗ୍ରାମ୍ୟ ମାଟିର କଥନିକାଠାରୁ ଦୂରଦିଗନ୍ତର ବର୍ଣ୍ଣବିଭା। ପ୍ରାଚ୍ୟ ବିଦ୍ୟା ସହ ପାଶ୍ଚାତ୍ୟ ଜ୍ଞାନତତ୍ତ୍ୱର ସମ୍ମିଳନ ଆଦି ବୈଚିତ୍ର୍ୟ ଓ ବିଭବରେ ଭରା। ଏହିପରି ଜଣେ ବହୁଭାଷୀ, ବହୁପାଠୀ ଏବଂ ବହୁପ୍ରସୂ ତଥା ମୁକ୍ତ ବିଚାରର ନିରାସକ୍ତ ନିର୍ଭୀକ ଲେଖକଟିଏ ଯେ ଓଡ଼ିଶା ମାଟିରେ ରକ୍ତମାଂସଧାରୀ ମଣିଷ ରୂପେ ଜନ୍ମଗ୍ରହଣ କରିଥିଲେ, ଅବିକଳ ମହାତ୍ମା ଗାନ୍ଧୀଙ୍କ ପ୍ରତି ଆଇନ୍‌ଷ୍ଟାଇନ୍ ପ୍ରୟୋଗ କରିଥିବା ଏହି ବାକ୍ୟଟିକୁ ଦୋହରାଇ ବସିଲେ ଆଦୌ ଅତ୍ୟୁକ୍ତି ହେବନାହିଁ।

ଏକବିଂଶ ଶତାବ୍ଦୀର ଉନ୍ମେଷ କାଳରେ ଚିତ୍ତରଞ୍ଜନ ଦାସଙ୍କ 'ଅଭୟଂ ଅମିତ୍ରାତ୍' ନାମକ ପ୍ରବନ୍ଧ ପୁସ୍ତକଟି ପ୍ରକାଶପାଏ। ସେଥିରେ ହସ୍ତଲିଖିତ ଉତ୍ସର୍ଗପତ୍ରରେ ସେ ଉଲ୍ଲେଖ କରିଛନ୍ତି- ଏକ ନୂଆ ଭାରତ ଆସୁଛି ଏବଂ ଯେଉଁମାନେ ତାହାକୁ ତିଆରି କରୁଛନ୍ତି, ସେଇ ସତୀର୍ଥମାନଙ୍କ ହାତରେ...। ସେଥିରେ ମଧ୍ୟ ରହିଛି ଅଥର୍ବ ବେଦରୁ ଉଦ୍ଧୃତ ଏକ ପଦ- ''ଅଭୟଂ ମିତ୍ରାତ୍ ଅଭୟଂ ଅମିତ୍ରାତ୍/ ଅଭୟଂ ଜ୍ଞାତାତ୍ ଅଭୟଂ ପୁରୋ ଯଃ।'' ଯାହାର ଓଡ଼ିଆ ଅର୍ଥ- ମିତ୍ରକୁ ଭୟ ନାହିଁ, ଅମିତ୍ରକୁ ଭୟ ନାହିଁ; ଜ୍ଞାତକୁ ଭୟ ନାହିଁ, ଆହୁରି ଆଗରେ ରହିଥିବା ଅଜ୍ଞାତକୁ ମଧ୍ୟ ଭୟ ନାହିଁ।

ଲେଖକୀୟ ଦୃଷ୍ଟି ବିଚାରର ନିର୍ଭୀକ ଓ ସତ୍ୟନିଷ୍ଠ ମୌଳିକ ଉପସ୍ଥାପନା ଚିତ୍ତରଞ୍ଜନ ଦାସଙ୍କ ଲେଖାର ଟ୍ରେଡ୍‌ମାର୍କ। ବିବିଧ ଓ ସ୍ତରୀକୃତ ସମାଜଶାସ୍ତ୍ରର ପର୍ଯ୍ୟାଲୋଚନାଠାରୁ ଆରମ୍ଭ କରି ସାହିତ୍ୟ ଓ ସଂସ୍କୃତିର ଦିଗଦିଗନ୍ତ ଯାଏଁ ଚିତ୍ତରଞ୍ଜନଙ୍କ ସୃଜନ ଆସ୍ପୃହା ପରିବ୍ୟାପ୍ତ। ପୁଣି ମନସ୍ତତ୍ତ୍ୱର ଗହନ ଗଳି ଉପଗଳିରେ ମଧ୍ୟ ତାଙ୍କର ରହିଥାଏ ଗଭୀର ପ୍ରବେଶ। ତାହା ପୁଣି ବ୍ୟାପ୍ତ ଥାଏ ଆଧ୍ୟାତ୍ମିକତାର ଅଭିମନ୍ତ୍ରଠାରୁ ଅଭୀପ୍ସାର ଉଚ୍ଚତା ଯାଏଁ। 'ନାଳ୍ପେ ସୁଖମସ୍ତି ଭୂମୈବ ସୁଖମ୍'ର ମାନ୍ତ୍ରିକ ଉଚ୍ଚାରଣର ସେ ଥିଲେ ମୂର୍ତ୍ତ ପ୍ରତିଭୂ। ସତ୍ୟର ବିବିଧ ପ୍ରସ୍ଥକୁ ଓ ମଣିଷ ଜୀବନର ଅନେକ ଆରେଖକୁ ଏକ ଅନୁରାଗପୂର୍ଣ୍ଣ ଅନୁସନ୍ଧିତ୍ସାରେ ଆକଳନ କରି ସେ ପାଲଟି ଯାଇଛନ୍ତି ଏକ ଅସୀମିତ ଜିଜ୍ଞାସା ପଥର ଯାତ୍ରୀ।

୧୯୫୦ ନଭେମ୍ବର ମାସରେ ଉଚ୍ଚଶିକ୍ଷା ପାଇଁ ସେ ପ୍ରଥମ ବିଦେଶ ଯାତ୍ରା କରନ୍ତି। ଆରବ ସାଗରର ପାଣି ଜାହାଜରେ ତାଙ୍କର ସେହି ଅନନ୍ୟ ଯାତ୍ରାନୁଭୂତି 'ସାଗର ଯାତ୍ରୀ' ନାମକ ପୁସ୍ତକରେ ରୂପାୟିତ। ସେଥିରେ ଯେଉଁ ଚିଠି ନିଜ ଭାଉଜଙ୍କ ଉଦ୍ଦେଶ୍ୟରେ ସେ ଲେଖିଥିଲେ, ସେଇଥିରୁ ଅନୁମିତ ହୁଏ ତରୁଣ ଚିତ୍ତରଞ୍ଜନଙ୍କର ଚିତ୍ତବିସ୍ତାରୀ ଦୃଷ୍ଟି। ପୁସ୍ତକରେ ସନ୍ନିବେଶିତ ପ୍ରଥମ ଚିଠିଟି ଥିଲା ଏହିପରି: ''ଉପରେ ସ୍ଥିର ଆକାଶର ତାରାବଳି, ତଳେ କୃଷ୍ଣ ଚିକ୍କଣ ଜଳବକ୍ଷ; ଆଉ ମୁଁ ଯେପରି ସବୁ ଧ୍ୟାନ, ସବୁ ଅର୍ଚ୍ଚନାର ଆୟୋଜନ ଧରି ଅତି ଗଭୀରର ଅନାବିଷ୍କୃତ ପ୍ରଦେଶରେ ବିଚରଣ କରିବାରେ ଲାଗିଚି। ସେହି ଅନ୍ଧାର ଭିତରେ ମଧ୍ୟ ନିରୋଳା ଅନ୍ତରାକାଶର କେଉଁ ଉଜ୍ଜ୍ୱଳ ସୂର୍ଯ୍ୟ ଯେପରି ସକଳ ହିରଣ୍ମୟ ଆବରଣର ପରସ୍ତ ତଳୁ ଅନ୍ତରାଚ୍ଛନ୍ନ ସତ୍ୟକୁ ଅନବଗୁଣ୍ଠିତ କରି ଦେଖାଇଦେଉଛି। ଜାହାଜର ଦୋଳନ ଓ ହୃତ୍‌ପିଣ୍ଡର ସ୍ପନ୍ଦନ ସଙ୍ଗେ ସଙ୍ଗେ ସତେ ଯେପରି ମୁଁ ପାଖୁଡ଼ାକୁ ପାଖୁଡ଼ା ଫୁଟିଚାଲିଛି।'' (ପୃଷ୍ଠା-୧୦) ଗଭୀର ଅନ୍ତର୍ଦୃଷ୍ଟି କିପରି କବିତାର କୋମଳ ନ୍ୟାସରେ ଆତ୍ମପ୍ରକାଶ କରିପାରେ, ତାଙ୍କର ସେହି ସୃଜନାରମ୍ଭର ପ୍ରକାଶ କାଳରୁ ବାରି ହୋଇପଡ଼େ।

ଜୀବନ ପରୀକ୍ଷାର ଏକ ଅସରନ୍ତି ଆହ୍ୱାନ। ଆମେ ଯେଉଁମାନେ ପରୀକ୍ଷା ଫଳକୁ ଗୋଟେ ଚୂଡ଼ାନ୍ତ ଅଭୟପ୍ରଦ ଭବିଷ୍ୟତର ଚାବିଲେଣ୍ଠା ଭାବି ଅଣ୍ଟାରେ ଖୋସିପକାଉ, ଆମର ସେହିପରି ଗତାନୁଗତିକ ଭାବନାକୁ ଆହ୍ୱାନ ଦେବା ପରି ତାଙ୍କର ଏକ ଚିଠି ଅନ୍ୟତମ ପ୍ରିୟ ସୁହୃଦ ଡ. ଅନନ୍ତ କୁମାର ଗିରିଙ୍କୁ କିପରି ଥିଲା ଦେଖନ୍ତୁ, ''ଫଳ କହିଲେ ଆମେ ଯେଉଁମାନେ କାଗଜରେ ମିଳିଥିବା ନମ୍ବରକୁ ନ ବୁଝି ନିଜ ଜୀବନରେ ଲବ୍ଧ ହୋଇଥିବା କେତେକ ନୂତନ, ଉପଲବ୍ଧି ଓ ତତ୍‌ଜନିତ ଆନନ୍ଦକୁ ବୁଝୁ। ସେମାନଙ୍କ ଲାଗି ଆହୁରି କେତେ ବାଟ ଯିବାକୁ ଅଛି, ନିଜ ଜୀବନରେ କେତେ ସମ୍ପ୍ରସାରଣ ଘଟାଇବାକୁ ରହିଛି।'' ('ପତ୍ରରେ ଆଳାପ', ପୃଷ୍ଠା-୪)

ନିଜର ପ୍ରଖର ଧୀ ଶକ୍ତି, ସତ୍ୟଶୀଳତା ଓ ଅନୁପୂରକ ଜୀବନଚର୍ଯ୍ୟା ନିମନ୍ତେ ଅନେକେ ତାଙ୍କୁ ଓଡ଼ିଶାର ସକ୍ରେଟିସ୍ ବୋଲି କହିଥାନ୍ତି। କେହି କେହି ମଧ୍ୟ ତାଙ୍କୁ ଓଡ଼ିଶାର ଜେ. କୃଷ୍ଣମୂର୍ତ୍ତି ମନେକରିଥାନ୍ତି। ତାଙ୍କର ସମସ୍ତ ଜୀବନ ଓ ସାହିତ୍ୟ ସାଧନାର ମୂଳାଧାର, କରୁଣା, ଭଲପାଇବା ଓ ସଂଯୁକ୍ତ ହେବା। ପୁଣି ଗ୍ରନ୍ଥି ଉନ୍ମୋଚନ କରିବା। ପୃଥିବୀ ପରିକ୍ରମା କରିଥିବା ଏବଂ ଅପରିସୀମ ଜ୍ଞାନ ଓ ଅଭିଜ୍ଞତାକୁ ଆତ୍ମସ୍ଥ କରିଥିବା ଏହି ସାଦାସିଧା ମଣିଷଟି ଯେ ଏକ ଚଳନ୍ତି ଜ୍ଞାନର ବଟବୃକ୍ଷ, ତାହା ସହଜରେ ଜାଣିହୁଏ ନାହିଁ। ମାତ୍ର ଯେଉଁ ପାଠକ ଏହି ବଟବୃକ୍ଷର ସାମାନ୍ୟତମ ଛାଇର ସ୍ପର୍ଶ ଲାଭ କରିଛି, ସିଏ ସେତିକି ପରିମାଣରେ ତା'ର ସଘନ ଚେତନାଦୀପ୍ତତା ସହ ପରିଚିତି ଲଭିଛି।

ସମ୍ପ୍ରତି ଓଡ଼ିଆ ଅସ୍ମିତାକୁ ନେଇ ଯେଉଁ କଳରୋଳ ଚାଲିଛି, ଅନ୍ତତଃ ପଠନ ସ୍ପୃହା ରଖୁଥିବା ପ୍ରତ୍ୟେକ ଓଡ଼ିଆ ତାଙ୍କର 'ଓଡ଼ିଶା ଓ ଓଡ଼ିଆ' ପୁସ୍ତକଟି ପାଠ କରିବା ଅବଶ୍ୟ ବାଞ୍ଛନୀୟ। ଓଡ଼ିଶାକୁ ଚିହ୍ନିବାକୁ ହେଲେ ଭାବକୁ ଭାବପ୍ରବଣତାଗୁଡ଼ାକ ମଧ୍ୟରୁ ଯଥାସମ୍ଭବ ଅଧିକ ସ୍ପଷ୍ଟ କରି ଅଲଗା କରିବାକୁ ପଡ଼ିବ। ତେବେ ଯାଇ ନିଜର ଅନୁରାଗ ଦର୍ପଣଟି ଭିତରେ ଓଡ଼ିଶାକୁ ଦେଖିହେବ। ଆପଣାକୁ ଅତ୍ୟନ୍ତ ହୀନମନ୍ୟ ଓ ଉଗ୍ରଭାବରେ ଆକଟ କରି ନ ରଖିଲେ ହିଁ ଏହା ସମ୍ଭବପର। ତାଙ୍କ ମତରେ ହୀନମନ୍ୟତା କଟିଲେ ଯାଇ ସ୍ୱାଭିମାନ ବଢ଼େ। ନିଜ ଭୂଇଁ ପ୍ରତି ଶ୍ରଦ୍ଧା, ନିଜର ଭାଷା ଲାଗି ଶ୍ରଦ୍ଧା ଏବଂ ନିଜ ଭୂଇଁର ମଣିଷମାନଙ୍କ ସହ ନିଜକୁ ଓଡ଼ିଆ ବୋଲି ଚିହ୍ନିହେବ।

ପ୍ରକୃତ ସ୍ୱାଭିମାନ ପଛରେ ମାନ ନ ଥାଏ, ସ୍ୱପ୍ନ ଥାଏ। ଏହାର ଦୃଢ଼ବିଶ୍ୱାସୀ ଥିଲେ ଚିତ୍ତରଞ୍ଜନ। ଆମେ ଯେତେ ସ୍ଥାନୀୟ ହୋଇଥିଲେ ମଧ୍ୟ ଆମର ଯେ ଏକ ସମଗ୍ରତାର ମାନବୀୟ ପରିଚୟ ରହିଛି, ସେହି ବିଷୟରେ ସେ ଆମକୁ ଏକାଧିକ ଆଲେଖ୍ୟରେ ସଚେତନ କରାଇଛନ୍ତି। 'ବିଶ୍ୱକୁ ଗବାକ୍ଷ' ପୁସ୍ତକ ତାହାର ଏକ ଅତୁଳନୀୟ ବାଙ୍ମୟ ପ୍ରତିଲିପି। ମଣିଷ ଜୀବନରେ ଯେ ଏକ ଗବାକ୍ଷ ରହିଛି ଓ ସେହି ଗବାକ୍ଷ ଯେ ବିଶ୍ୱମୁଖୀ, ଏହି ସଘନ ଅନୁଭବଟି ତାଙ୍କର ଏହି ପ୍ରସିଦ୍ଧ ଗ୍ରନ୍ଥରେ ଛତ୍ରେଛତ୍ରେ ଉନ୍ମୋଚିତ ହୋଇଛି। ପୁନଶ୍ଚ ତାଙ୍କ ତାର୍କିକ ଅନୁଶୀଳନରେ ବୁଝିବାକୁ ହେଲେ, ଏହି ଗବାକ୍ଷ ପ୍ରକୃତରେ କେଉଁଠି ନ ଥାଏ। ମଣିଷ ମନ କଲେ ଯାଇ ତାକୁ ଗବାକ୍ଷଟିଏ ମିଳେ। ତାହାପରେ ଯାଇ ଭିତର ସହ ବାହାରର ପରିଚୟ ହୁଏ ଓ ସେହି ପରିଚୟ ଯଥାର୍ଥରେ ମଣିଷର ଦୃଷ୍ଟିକୁ ପ୍ରସାରିତ କରିଥାଏ।

ମାଧପୁର, କେନ୍ଦ୍ରାପଡ଼ା
ମୋ: ୯୬୫୮୮୧୦୨୪୪

## ପୂଜା ପତ୍ରିକା - ୨୦୨୫

### ନବରାଗ



**ସମ୍ପାଦିକା: ସରସ୍ୱତୀ ନାୟକ**

**୧/୮ ଡିମାଇ ସାଇଜ୍, ପୃ:୩୪୦, ମୂଲ୍ୟ: ଟ.୧୫୦/-**

ଏଥର ଏହି ପତ୍ରିକାରେ ପ୍ରବନ୍ଧ ଲେଖିଛନ୍ତି ବ୍ରଜମୋହନ ମିଶ୍ର, ବିରଞ୍ଚି କୁମାର ସାହୁ, ଦିଗରାଜ ବ୍ରହ୍ମା, ଫଣୀନ୍ଦ୍ର ଭୂଷଣ ନନ୍ଦ, କୁଞ୍ଜବିହାରୀ ଧଳ ଓ ଶଶଧର ଦାସ। କବିତାରେ ଅବନୀ ପ୍ରଧାନ, ରବି ଶତପଥୀ, ପ୍ରଭାତ ନଳିନୀ ମହାପାତ୍ର, ଚିନ୍ତାମଣି ମହାଲିକ, ଉମାକାନ୍ତ ରାଉତ, ଶ୍ରୀ ଦେବ, ସୌଭାଗ୍ୟବନ୍ତ ମହାରଣା ଓ ଶଶାଙ୍କ ଶେଖର ପଣ୍ଡା ସ୍ଥାନିତ। କାହାଣୀରେ ଅଛନ୍ତି ଭାସ୍କର ଜେନା, ଇନ୍ଦିରା ଦାଶ, କବିତା ବାରିକ, କାଶୀନାଥ ନନ୍ଦୀ, କମଳା ଶତପଥୀ ଓ ମୌସୁମୀ ପରିଡ଼ା ପ୍ରମୁଖ। ଏହା ସହିତ ରହିଛି ଅନୁବାଦ ଓ ଶିଶୁ ସାହିତ୍ୟ। ଲେଖା ପ୍ରକାଶ ନାଁରେ ଲେଖିକାଲେଖକଙ୍କଠୁଁ ଅର୍ଥ ଆଦାୟ କରୁଥିବା ସମ୍ପାଦକଙ୍କ ଗୁମର ଖୋଲିଛନ୍ତି ସମ୍ପାଦିକା 'ସମ୍ପାଦକୀୟ'ରେ। କୁହାଯାଇଛି: ପତ୍ରିକାଟିଏ ପ୍ରକାଶ କରିବାର ଅର୍ଥ ନୁହେଁ ଏହାକୁ ନେଇ ବ୍ୟବସାୟ କରିବା। ସମ୍ପାଦକମାନଙ୍କ ସଚ୍ଚୋଟପଣିଆ ଓ ଶୁଦ୍ଧ ସାହିତ୍ୟକର୍ମ ହିଁ ହେଉଛି 'ଅସ୍ମିତା'।

### ବାଟୋଇ



**ସମ୍ପାଦକ: ଶତ୍ରୁଘ୍ନ ତରାଇ**

**୧/୪ ଡିମାଇ ସାଇଜ୍, ପୃ:୨୦୪, ମୂଲ୍ୟ: ଟ.୧୫୦/-**

ପ୍ରବନ୍ଧ-ସମାଲୋଚନା, ଫିଚର, କାବ୍ୟ-କବିତା ଓ ପୁସ୍ତକ ସମୀକ୍ଷା ଭଳି ଚିରାଚରିତ ବିଭାଗ ରହିଛି ପତ୍ରିକାରେ, ଯାହାର ନାଁ ରଖାଯାଇଛି 'ମହାପୂଜା-୨୦୨୫'। 'କବିର ଦେଶ' ଶୀର୍ଷକ ପ୍ରବନ୍ଧରେ ଆଶୁତୋଷ ପରିଡ଼ା ବିଭିନ୍ନ ଭାଷାର କେତେକ କବିଙ୍କୁ ଆଲୋଚନା ପରିସରଭୁକ୍ତ କରିଥିଲେ ବି ଏହା ମୁଖ୍ୟତଃ ବାମଗନ୍ଧୀ। ଗଳ୍ପରେ ରହିଛି ପରେଶ ପଟ୍ଟନାୟକ, ରବି ସ୍ୱାଇଁ ଓ ସଦାନନ୍ଦ ତ୍ରିପାଠୀଙ୍କ ଲେଖା; କବିତାରେ ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ଶତ୍ରୁଘ୍ନ ପାଣ୍ଡବ, ବଂଶୀଧର ଷଡ଼ଙ୍ଗୀ, ସୂର୍ଯ୍ୟ ମିଶ୍ର, ହୃଦାନନ୍ଦ ପାଣିଗ୍ରାହୀ, ପୀତାମ୍ବର ତରାଇ, ରକ୍ଷକ ନାୟକ ଓ ତୁହିନାଂଶୁ ରଥଙ୍କ ସମେତ ୯୪ଜଣ କବିଙ୍କର କବିତା। ବାବାଜି ଚରଣ ପଟ୍ଟନାୟକଙ୍କ ପ୍ରବନ୍ଧଗ୍ରନ୍ଥ 'ସାହିତ୍ୟ-ବୀକ୍ଷା-ଅନ୍ୱୀକ୍ଷା'ର ସମୀକ୍ଷା କରିଛନ୍ତି କୁମୁଦଚନ୍ଦ୍ର ଦାଶ। ପ୍ରଚ୍ଛଦ ପ୍ରତୀକାତ୍ମକ।

## କାଳକାଳକୁ



''ଯେଉଁ ବହିକୁ ପୃଥିବୀ ଅନୈତିକ କହେ,
ତାହା ସେହି ବହି; ଯାହା ପୃଥିବୀକୁ
ତା' ନିଜସ୍ୱ ଲଜ୍ଜା ଦେଖାଇଦିଏ।''
– ଅସ୍କର ୱାଇଲ୍ଡ

**ଅସ୍କର ୱାଇଲ୍ଡଙ୍କ** ଜନ୍ମ ୧୬ ଅକ୍ଟୋବର ୧୮୫୪ରେ ଆୟର୍ଲାଣ୍ଡର ଡବ୍ଲିନ୍‌ରେ ଓ ପରଲୋକ ୩୦ ନଭେମ୍ବର ୧୯୦୦ରେ ଫ୍ରାନ୍ସର ପ୍ୟାରିସ୍‌ରେ, ମାତ୍ର ୪୬ ବର୍ଷ ବୟସରେ। ଊନବିଂଶ ଶତାବ୍ଦୀର ଶେଷପାଦରେ ଇଂଲିଶ୍ ନାଟ୍ୟ ରଚନା କ୍ଷେତ୍ରରେ ତାଙ୍କ ପ୍ରସିଦ୍ଧି ଭୁବନବିଦିତ ହୋଇଥିଲା। ଏକାଧାରରେ କବି, ଲେଖକ ଓ ନାଟ୍ୟକାର ଏହି ସ୍ରଷ୍ଟାଙ୍କର ପ୍ରଖ୍ୟାତ ଗ୍ରନ୍ଥ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ହାପି ପ୍ରିନ୍ସ ଆଣ୍ଡ ଅଦର ଷ୍ଟୋରିଜ୍' (୧୮୮୮), 'ଦ ପିକ୍‌ଚର ଅଫ୍ ଡୋରିଆନ୍ ଗ୍ରେ' (୧୮୯୦) ଓ 'ଆନ୍ ଆଇଡିଆଲ୍ ହଜ୍‌ବ୍ୟାଣ୍ଡ' (୧୮୯୫)। ତାଙ୍କ ମତରେ- ''ଲୋକତନ୍ତ୍ରର ମତଲବ- ଜନତା ଦ୍ୱାରା, ଜନତାଙ୍କ ପାଇଁ, ଜନତାଙ୍କ ଉପରେ ଅତ୍ୟାଚାର, ବାସ୍।''

## କବିତା

### ସବର୍ଣ୍ଣ ଇଟାରେ ଗଢ଼ା

**ସୁରଞ୍ଜନ ପାତ୍ର**

କୁହ ହେ! ବର୍ଣ୍ଣର ବିଭାଜକମାନେ
ପାତାଳରୁ ଅନ୍ତରୀକ୍ଷର ଦୂରତା
କେତେ ଅସବର୍ଣ୍ଣ ଯୋଜନର ସମଷ୍ଟି
କେତେ ସବର୍ଣ୍ଣ ଇଟାରେ ଗଢ଼ା
ପୃଥିବୀର ଛାତି।

କୁହ ହେ! କର୍ମକାଣ୍ଡର ନରପତିଗଣ
କେତେ ଘୃତ ଆହୁତି ଦେଲେ
ସୁରମ୍ୟ ଅଟ୍ଟାଳିକା ତଳେ
ଫଳପ୍ରଦ ହେବ ପୁନର୍ଜନ୍ମ
ବିଷାଦର ବୃନ୍ତ ତଳୁ
ଉଡ଼ାଣ ଭରିବ ଅସହାୟ ଡେଣା
ଅଚ୍ଛବକୁ ମିଳିବ ମନ୍ଦିରକୁ ରାସ୍ତା।

ତୁମେ ତ ନିଜ ନିଃଶ୍ୱାସକୁ
ନିଃସଙ୍ଗ ପ୍ରହାରରୁ ବର୍ତ୍ତାଇବାକୁ ଯାଇ
ଆମକୁ ବାରବାର ଉଦ୍ୟମ କରୁଛ
ଦେବାଲାଗି ଶିଥିଳ ନିର୍ବାଣ
ଅପଢ଼ା ଅଧ୍ୟାୟ ଧାଡ଼ିରେ
ପିପାସାର ଶେଷତମ ପୃଷ୍ଠା ଲାଗି
ସଜାଉଛ ଅସ୍ପୃଶ୍ୟ କାରଣ।

ତୁମ ଆଖିରୁ ଉଠାଇଦିଅ ହେ ଥରେ
ବହୁରୂପୀ ପରଦାର ଅହଂ ଆବରଣ
ଜୀବନ ଶିବିର ବେଢ଼ାରେ ଦେଖ
ତୁମ ପରି ମଣିଷଟେ ଆମେ
ଆମ ପାଦ ତଳେ ବି ଅଛି ମାଟି
ମଥାପରେ ବିଶାଳ ଆକାଶ
ତୁମେ ଯେଉଁ ଚାଉଳରୁ ଖାଉଅଛ ଭାତ
କେଉଁଠି ନା କେଉଁଠି ସେଥିରେ
ମିଶିଅଛି ଆମ ମେହନତି ରକ୍ତ।

ଯୁକ୍ତିହୀନ ବାଦ୍ୟକୁ ବଜାଇ
ଆଉ କେତେ କାଳ ଭାଙ୍ଗିବ
ନୋଳିଆ ବସ୍ତି
ଭୂମିଶୂନ୍ୟ ବାସ୍ତୁହରା ମଣିଷକୁ
ଦେଖାଇବ ନାଲି ଆଖି
ଲଗେଇବ ଦଳିତର ଦଲିଲରେ ନିଆଁ।

ଏବେ ସବୁ ଅସହିଷ୍ଣୁପଣର
ପୂର୍ଣ୍ଣଚ୍ଛେଦ ପକାଇବାର ବେଳ
ଆମକୁ ବି ଆସିଲାଣି କେମିତି
ସଜାଡ଼ି ପକାଇବାକୁ ହୁଏ ପାଦ
କେମିତି ସଜେଇବାକୁ ହୁଏ ଜୀବନର ଚିତ୍ର।

ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର
ମୋ: ୮୧୧୭୮୦୫୯୫୯

### ଜୀବନ ଖୋଜୁଥାଏ

**ରୀତା ସ୍ୱାଇଁ**

ଆକାଶ ତୁମେ ମାଟିକୁ
ମାଟି ଓଦା ଓଠକୁ।

ପ୍ରିୟ ପୁରୁଷ ଚାଲୁଥାଏ
ଅସରନ୍ତି ପଥରେ
ଖୋଜୁଥାଏ ଜୀବନର ଅର୍ଥ
ମାଟିର ମୁହାଁସ।

ସମୁଦ୍ରକୁ ଚିରଦିନ
ଉଦ୍‌ବେଳିତ କରେ ତରଙ୍ଗ
ଗଛର ଫୁଲ ପରି
ଫୁଟୁଥାଏ କବିତା କଲ୍ଲୋଳ
ଗାଢ଼ ନୀଳ ମୃତ୍ୟୁର ସ୍ୱପ୍ନରେ
ଶବ୍ଦଆଣେ ସାବ୍‌ଜା ଶିହରଣ।

ମାଟି ଖୋଜୁଥାଏ ଆକାଶକୁ
ଶତାବ୍ଦୀର ନିଦ ଭାଙ୍ଗି
ସ୍ୱପ୍ନକୁ ସାଉଁଳି
ଆକାଶ କବିତାର ନିଦରେ
ଶୋଇପଡ଼ିଥାଏ
ଇତିହାସର ଛାଇରେ କୁରୁଳି

ପ୍ରିୟ କେତେ ଦୂରେ
ଆକାଶ ପରି ନିର୍ଲିପ୍ତ
ମୁଁ ଖୋଜୁଛି ମାଟିରୁ ଆକାଶ
ତୁମ ପାଇଁ ହୃଦସାରା
ଅନେକ ଅବସୋସ।
ତୁମ ପାଇଁ ଅସରନ୍ତି ଶୋଷ
ଢୋକିଚାଲେ
ସମୁଦ୍ରର ହଳାହଳ ବିଷ
ତା' ଭିତରେ ଖୋଜୁଥାଏ
ଅମୃତର ସୁନୀଳ ଆଶ୍ଳେଷ।

ଖଜୁରା, କସର୍ଦା, କଟକ
ମୋ: ୮୯୧୭୬୯୦୮୪୯

### ତା' ପରେ

**ସୁସ୍ମିତା ମହାପାତ୍ର**

କେଡ଼େ ଧୁମଧାମ୍‌ରେ ଦୁଲୁକି ଉଠିଲା
ସାରା ସହରରୁ ଗାଆଁ ଦାଣ୍ଡ ଗଳି,
ବାସ୍ ଦି'ଦିନର ମଉଜ ପରେ
ସରିଗଲା ଦୀପାବଳି।
ଝଲସି ଉଠିଲା ଆହିମାଦ୍ରି କୁମାରିକା
ଭିଆଇ ସରଗପୁରୀର ଭ୍ରମ,
ତୁଟିଲା ନିମିଷେ ପୁଣି ଦିବା ସପନର ସମ।
ଖୁସି ତ ଥିଲା ପାଣି ଫୋଟକା ପରି,
ଦୁଃଖ ବଳିଗଲା ସୁଖଶିରୀକୁ ଝୁରି।

ଅଧାଜଳା ରୋଶଣି, ରକେଟ, ଝରଝରି,
ବରଡ଼ା, ଗରଡ଼ା, ବକ୍ଷରେ ଜାବୁଡ଼ି ଧରି,
ଗୁଳିଗୋଳା, ବାରୁଦ ଗନ୍ଧରେ ଆକ୍ରାମାକ୍ରା
ମେଦିନୀ ମା' କାନ୍ଦୁଛି ଆଜି ଗୁମୁରି ଗୁମୁରି,
ଛଟପଟ ହେଉଛି ତା' ଦରପୋଡ଼ା ଦେହ
ଅତୀତର କଅଁଳ ପରଶ ପାଇଁ।

କିଏ ବା ବୁଝୁଛି ତା' ଅନ୍ତର ବେଦନା,
କିଏ ଅନୁଭବୁଛି ସେ ଜ୍ୱାଳା ଓ ଯାତନା,
ଦସ୍ତାବିଜରେ ମୋହରଲଗା ସବୁଜ ବାଣ ତ
କେବଳ ଅନ୍ଧକୁ ଆଖିଠାର, ନିଛକ ବାହାନା।

ନିଜ ହାତେ ମଲମ ଲଗାଇ, କ୍ଷତ ଭରି
ଆଉ ଥରେ କଅଁଳେଇବ ସିଏ କଞ୍ଚାମାଂସ,
ସୁସ୍ଥ, ସତେଜ ହେବାକୁ ଅଣ୍ଟା ଭିଡ଼ିବ,
ଦମ୍ଭିଲା ପଣରେ ଛାତି ଫୁଲାଇ ଉଠିବ,
ପୁଣି ଏକ ଯୁଦ୍ଧ ପରବର୍ତ୍ତୀ ବିଭୀଷିକାକୁ
ସହଜରେ ସହନ କରିବାର
ସତ୍‌ସାହସ ନେଇ।

ସେକ୍ଟର-୬, ରାଉରକେଲା-୨
ମୋ: ୯୪୩୭୫୦୩୧୩୮

ଗୀତି-କବିତା

### ଅନ୍ଧାରି ଗାଁ

**ଜୟନ୍ତୀ ସାହୁ**

ସେପଟେ ସୂରୁଯ ଏପଟେ ଅନ୍ଧାର
ମଝିରେ ପର୍ବତ ଠିଆ
ପରବତ ତଳେ କି ଘର କଲି ମୁଁ
ଅନ୍ଧାରେ ପାଉନି ରାହା।

ଅନ୍ଧାରି ଗାଁରେ ନିତି ଲୁହ ଝାରେ
ପଥର କହୁନି ଆହା
ସେ ପଟରେ ଦିଅଁ
ପସରା ମେଲିଲେ
ମନ ହାଇଁପାଇଁ ଯାହା।

ମୋ: ୮୦୯୩୪୮୬୬୭୪

## ଜଗନା ଜାନି

ଲଘୁ ଗଳ୍ପ

**ପ୍ରଫୁଲ୍ଲ ବାରିକ**

ଆଦିବାସୀ କୁଳରେ ଜନ୍ମି କୋଉ ଶୁଭ ମୁହୂର୍ତ୍ତରେ ନାଁ ପାଇଥିଲା ବସୁନ୍ଧରା ଯେ ସାର୍ଥକ କଲା ନାଁକୁ। ତ୍ୟାଗ ସହନଶୀଳତାରେ ବସୁନ୍ଧରା ପ୍ରମାଣିତ କରିଛି ନିଜକୁ ସ୍ୱୟଂ ବସୁନ୍ଧରା।

ଗ୍ରୀଷ୍ମ ଯାଇ ଆସିଚି ବର୍ଷା। ମୌସୁମୀ ଛୁଇଁବାଠାରୁ ଅସରା ଅସରା ବର୍ଷାହେତୁ ଜଙ୍ଗଲର ଉହୁଉହୁ ପବନରେ ଆସିଚି ଆର୍ଦ୍ରତା। ମାଟି କଅଁଳିବାରୁ ଶାଳ, ଶାଗୁଆନ, ମହୁଲ, କୁରୁମ ଗଛର ଶୁଖିଲା ଡାହିରେ ଗଜୁରିଲାଣି ପତ୍ର। ସବୁଜ ରଙ୍ଗରେ ସଜେଇ ହେଲାଣି ଜଙ୍ଗଲରାଣୀ। ସବୁଠି ଆନନ୍ଦ ଉଲ୍ଲାସର ଢେଉ। ଅପରିବର୍ତ୍ତିତ ଜଗନା ପରିବାର। ଦି'ମାସ ଧରି ବିଛଣାରେ ଜଗନା। ଧନ୍ଦାଛାଡ଼ି ଲାଗିଛି ପଛରେ ତା' ସ୍ତ୍ରୀ ଜାନି। ଖାଇବା ପିଇବା ନାଁକୁ। ଖାଲି ଜୀବନ ବଞ୍ଚେଇବା କଥା। ସାନ ପିଲାଟା ସବୁବେଳେ କାନ୍ଦ କାନ୍ଦ। ବାପର ଅବସ୍ଥା ଦେଖି ଛାଡ଼ିଯାଉନି ବିଛଣା ପାଖ।

ଜଗନା ଜାନି ସାନ ପିଲାଟିକୁ ନେଇ ଛୋଟ ପରିବାର। ସ୍ୱାମୀ ସ୍ତ୍ରୀ ଉଭୟେ ଖଟନ୍ତି। ପ୍ରାଇଭେଟ ମାଇନ୍ସ ବନ୍ଦ ହେବାପରେ ଏବେ ଅନ୍ୟକାମ ଠିକାଦାର ପାଖରେ। କୋଉଠି ରାସ୍ତା କାମରେ ତ କୋଉଠି ଇଟାକାମରେ। ଜଗନା ମନା କରୁଛି ଜାନିକୁ କାମ ନ କରି ଘରେ ରହି ପୁଅକୁ ସମ୍ଭାଳିବାକୁ। ଜାନିର ଉତ୍ତର- ପୁଅକୁ ମଣିଷ କରିବାକୁ ଜଣଙ୍କ ପଇସା ନିଅଣ୍ଟ ହେବ। ଦି'ପଇସା ଅର୍ଜି ରଖିଥିଲେ କାମରେ ଲାଗିବ। ସିଏ କ'ଣ ହେବ ଆମପରି? ଦି' ଅକ୍ଷର ପଢ଼େଇ କରିବା ମଣିଷ। ତେଣିକି ଭରସା ଭଗବାନ୍।

ଗତ ଦି'ମାସ ତଳେ ହେଲା ଜ୍ୱର ଜଗନାକୁ। ଜ୍ୱର ସାଧାରଣ ଭାବି ଗୁରୁତ୍ୱ ଦେଇ ନଥିଲେ। ହେଲେ ଦିନକୁଦିନ ଧରି ନ ଛାଡ଼ିବାରୁ ଜାନି ପୂଜାର ବ୍ୟବସ୍ଥା କଲା। ଆଦିବାସୀ କୁଳର ପ୍ରଥା ପରମ୍ପରା ଅନୁଯାୟୀ କୁକୁଡ଼ା ରକ୍ତରେ କଲା ପୂଜା। ସୁଫଳ ନ ହେବାରୁ ନେଲା ପାଖ ଡାକ୍ତରଖାନା। ସେଠୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଡାକ୍ତର କହିଲେ ଏଠି ବ୍ୟବସ୍ଥା ନାହିଁ। ନେଇଯାଅ କଟକ। ହୁଏତ ଠିକ୍ ହେବ ସେଇଠି। ଲିଭର ବ୍ୟାପାର। ଆମେ ପାରିବୁ ନାହିଁ।

ଜାନିକୁ ଅନ୍ଧାର ଦିଶିଲା ପୃଥ୍ୱୀ। ସାଙ୍ଗରେ ଚାରିବର୍ଷର ପୁଅଟିକୁ ଛାଡ଼ି ଆଉ ତୃତୀୟ ନାହାନ୍ତି। କଉଠି କଟକ, କିଏ ନେବ? ଖର୍ଚ୍ଚ ବି ନାହିଁ ପାଖରେ। ଡାକ୍ତର ଜାନିର ଅସହାୟତା ଦେଖି ବୁଝେଇଲେ, ତମେ କୌଣସି ପ୍ରକାରେ ପହଞ୍ଚେଇ ଦିଅ। ସରକାରୀ ଡାକ୍ତରଖାନାରେ ପଇସା ଲାଗିବନି। ଜାନି ପଳେ ସାହସ ପାଇ ପଚାରିଲା, ସେଠି ସିଏ ଭଲ ହେଇଯିବେ ତ?

ତମେ ଆଗ ନିଅ। ଧୈର୍ଯ୍ୟ ଲୋଡ଼ା ଏବେଳେ। ସବୁ ଠିକ୍ ହେଇଯିବ।

ଜାନି ଗାଡ଼ିଭଡ଼ା ଦେଇ ଆଣି ପହଞ୍ଚେଇଚି କଟକ ବଡ଼ ଡାକ୍ତରଖାନାରେ। ଚିକିତ୍ସା ହେବାର ସପ୍ତାହେ ହେବ। ଘଣ୍ଟାଘଣ୍ଟା ମିନିଟ୍ ମିନିଟ୍ ଧରି ଜାନି ଜଗିବସିଛି ଜଗନାକୁ। ଦେଖୁଚି ତା' ଆଖିରେ ହେଲା କି କିଛି ପରିବର୍ତ୍ତନ? ପରିବର୍ତ୍ତନ ଏୟା ଦେଖୁଛି, ଭଲ ବଦଳରେ ଲାଗୁଚି କ୍ରମେ ସରିସରି ଆସୁଛି ଯେମିତି ଜୀବନ। ଢଳଢଳ ପ୍ରଦୀପଟିଏ। ସାମାନ୍ୟ ପବନରେ ଲିଭିଯିବାକୁ ଯେମିତି ଅପେକ୍ଷା। ପଚାରିଲାଣି ଡାକ୍ତରଙ୍କୁ କେତେଥର। ନିରୁତ୍ତର ଡାକ୍ତର। ଗୋଟିଏ ଉତ୍ତର, ଅପେକ୍ଷା କର। ଭଗବାନ୍‌ଙ୍କୁ ଡାକ।

ସକାଳ ଭିଜିଟ୍‌ରେ ଆସି ଡାକ୍ତର ଦେଖି ଅଳ୍ପ ସମୟରେ ଚାଲିଗଲେ। ପଚାରିବାକୁ ସାହସ ପାଇଲାନି ଜାନିର। ପଛେପଛେ ମେହେନ୍ତର ଆସି ଢାଙ୍କି ଦେଇଗଲା ଜଗନା ଉପରେ ଧଳା ଚାଦର। ଜାନି ବୁଝି ନ ପାରି ଚାହିଁଥାଏ ଜଳଜଳ। ପଚାରିଲା ରୋଗୀକୁ ଥଣ୍ଡା ଲାଗୁଛି କି? ମେହେନ୍ତର ଅନେଇଲା ଜାନିକୁ ବଲବଲ। ଯିବାବେଳେ ଶୁଣେଇଗଲା, ରୋଗୀ ଆଉ ନାହିଁ। ଗଲାଣି କେତେବେଳୁ। ଚାଲିଗଲା ମେହେନ୍ତର। ଜାନି ବସିପଡ଼ିଲା ନଥକରି ତଳେ। ଖଟକୁ ନ ଧରିଥିଲେ ପଡ଼ିଥାଆନ୍ତା ପିଟିହେଇ। ଅନ୍ଧାର ଦିଶିଲା ପୃଥ୍ୱୀ। ଜୁଳୁଜୁଳିଆ ବାହାରି ଆଖିରୁ ଉଡ଼ିଲେ ଘରସାରା। ବେଶ୍ ବେଳ ବସିବା ପରେ ଜାନି ଉଠି ଠିଆହେଲା। ଦେଖିଲା ପୁଅ ଠିଆହେଇଚି ତା' ଲୁଗା କାନିକୁ ଧରି। ଜାନି ତାକୁ ଟାଣିଆଣି କୋଳରେ ଜାକି ଧରିଲା। ଅନେଇଲା ଜଗନାକୁ। ଚାଦର ଉଠେଇ ଦେଖିବାକୁ ତା'ର ସାହସ ହେଲାନି। ସେଇଠି ସେମିତି ଖୁଣ୍ଟଟା ପରି ଠିଆ ହେଇଥାଏ।

କିଛିସମୟ ପରେ ମେହେନ୍ତର ଦି'ଜଣ ଆସି ପଚାରିଲେ- ଶବ ଗାଁକୁ ନେବାର ଅଛି ତ ବ୍ୟବସ୍ଥା କର। ନାଇଁ ତ ଏଇଠି କଟକ ଶ୍ମଶାନ ଘାଟରେ ସତ୍କାର କରିଦିଅ। ଜାନିକୁ ନିରୁତ୍ତର ଦେଖି ସେମାନେ କହିଲେ ଆମ୍ବୁଲାନ୍ସରେ ନେଲେ ଗାଁକୁ ଢେର୍ ଲାଗିବ ଟଙ୍କା। ଅଛି ପାଖରେ? ଜାନି ମୁଣ୍ଡ ହଲେଇ ମନାକଲା।

ଠିକ୍ ଅଛି, ଆମେ ବ୍ୟବସ୍ଥା କରୁଛୁ। ତମେ କେବଳ ଯିବ ଆମ ସାଙ୍ଗରେ।

କିଛି ସମୟ ପରେ ଲାଗିଲା ଆମ୍ବୁଲାନ୍ସ। ଷ୍ଟ୍ରେଚରରେ ନେଇ ଶୁଆଇ ଦିଆଗଲା ଜଗନାର ଶବକୁ ସେଥିରେ। ବସାଗଲା ଜାନି ସହ ତା' ପୁଅକୁ। ଦୁଇଜଣ ମେହେନ୍ତରଙ୍କ ସହ ଗାଡ଼ି ଯାଇ ଲାଗିଲା ଶ୍ମଶାନରେ। ଯେମିତି ଚଢ଼େଇଥିଲେ ସିମିତି ଓହ୍ଲେଇ ଶୁଆଇ ଦେଲେ ନିର୍ଦ୍ଦିଷ୍ଟ ସ୍ଥାନରେ। ଜାନି ତା' ପୁଅକୁ ଧରି ଜୁଳୁଜୁଳୁ ଦେଖୁଥାଏ ଦୃଶ୍ୟକୁ ନିରବରେ, ନିର୍ବାକ୍‌ରେ। ଶେଷଦର୍ଶନ ପାଇଁ ଡାକିଲେ ଜାନିକୁ। ଜାନି ଦେଖିଲା ଜଗନା ମୁହଁ କଳାପଡ଼ିଯାଇଛି। ଦେହ ଶୁଖି କାଠ। ଫେରେଇ ଆଣିବା ପୂର୍ବରୁ ଦୃଷ୍ଟି କରାଇଲା ତା' ପୁଅକୁ ବାପର ଶେଷଦର୍ଶନ। ତା'ପରେ ସବୁଶେଷ। ତାକୁ କୁହାଗଲା ଏବେ ତମେ ଯାଅ। କାମ ସରିଗଲା। ଦଶ ବର୍ଷର ସମ୍ପର୍କ ସହ ଦେଖିଥିବା ସ୍ୱପ୍ନସବୁ ମୁହୂର୍ତ୍ତକରେ ହେଇଗଲା ଶେଷ। ଜାନି ଗୋଟିଏ ହାତରେ ବେଗ୍ ଓ ଅନ୍ୟ ହାତରେ ପୁଅକୁ କାଖେଇ ଫେରୁଥିଲା ଶ୍ମଶାନରୁ।

ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫



## ଡବ୍ଲ୍ୟୁଟିଏ ଫାଇନାଲ୍ସ ପାଇଁ ରିବାକିନାଙ୍କୁ ଯୋଗ୍ୟତା

**ଟୋକିଓ, ୨୪।୧୦ (ଏପି):** ପାନ୍ ପାସିଫିକ୍ ଓପନ କ୍ୱାର୍ଟରଫାଇନାଲର ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ୬-୩, ୭-୬ (୪)ରେ ପରାସ୍ତ କରି ଏଲିନା ରିବାକିନା ବର୍ଷ ଶେଷ ଡବ୍ଲ୍ୟୁଟିଏ ଫାଇନାଲ୍ସ ପାଇଁ ଅବଶିଷ୍ଟ ଶେଷ ୬ସ୍ଥାନ ହାସଲ କରିଛନ୍ତି। ୨୦୨୨ ୱିମ୍ବେଲଡନ ଚାମ୍ପିୟନ ଟୋକିଓ ଟୁର୍ନାମେଣ୍ଟ ସେମିଫାଇନାଲରେ ଚେକ୍ ରିପବ୍ଲିକର ଲିଣ୍ଡା ନୋସ୍କୋଭାଙ୍କୁ ଭେଟିବେ। କାଜାଖସ୍ତାନରୁ ପ୍ରତିନିଧିତ୍ୱ କରୁଥିବା ରିବାକିନା ସାଉଦି ଆରବରେ ଆସନ୍ତା ମାସରେ ହେବାକୁଥିବା ଆକର୍ଷଣୀୟ ପୁରସ୍କାର ରାଶି ବିଶିଷ୍ଟ ଡବ୍ଲ୍ୟୁଟିଏ ଫାଇନାଲ୍ସ ପାଇଁ ମୀରା ଆନ୍ଦ୍ରିଭାଙ୍କୁ ପଛରେ ପକାଇ ଅଷ୍ଟମ ତଥା ଅନ୍ତିମ ସ୍ଥାନ ଅଧିକାର କରିନେଇଛନ୍ତି। ଡବ୍ଲ୍ୟୁଟିଏ ଫାଇନାଲ୍ସ ନଭେମ୍ବର ୧ରୁ ୮ ପର୍ଯ୍ୟନ୍ତ ହେବ। ରିବାକିନା ବର୍ତ୍ତମାନ ଏଥିରେ ଶୀର୍ଷ ର୍ୟାଙ୍କିଙ୍ଗପ୍ରାପ୍ତ ଆରିନା ସାବାଲେଙ୍କା, ଇଗା ସ୍ୱିଟେକ୍, କୋକୋ ଗଫ୍, ଆମାଣ୍ଡା ଆନିସିମୋଭା, ମାଡିସନ କିଜ୍, ଜେସିକା ପେଗୁଲା ଓ ଜସ୍ମିନି ପାଓଲିନିଙ୍କ ସହ ମୁକାବିଲା କରିବେ। ରିୟାଦରେ ଗଫ୍ ହେଉଛନ୍ତି ଗତଥରର ଚାମ୍ପିୟନ।

# ଭାରତ-ଅଷ୍ଟ୍ରେଲିଆ ଶେଷ ଦିନିକିଆ ଆଜି





ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆ ଖେଳିବାକୁ ସିଡ୍‌ନୀରେ ଭାରତୀୟ ଦଳ।

**ସିଡନୀ, ୨୪।୧୦**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ପ୍ରଥମ ଦୁଇଟି ମ୍ୟାଚ ଜିତିବା ଦ୍ୱାରା ଘରୋଇ ଦଳ ୨-୦ରେ ଅଗ୍ରଣୀ ସହ ଗୁରୁବାର ଗୋଟିଏ ମ୍ୟାଚ ବାକିଥାଇ ଆଗୁଆ ସିରିଜ କବ୍‌ଜା କରି ନେଇଛି। ସିରିଜ ହାରିଯାଇଥିଲେ ସୁଦ୍ଧା ଶନିବାର ମ୍ୟାଚରେ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ଚାହିଁବ ଭାରତ। ଏହି ସିରିଜରେ ସମସ୍ତଙ୍କ ନଜର ଉଭୟ ଟେଷ୍ଟ ଓ ଟି୨୦ରୁ ଅବସର ନେଇସାରିଥିବା ଦୁଇ ସିନିୟର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ଥିଲା। କୋହଲି କ୍ରମାଗତ ଦୁଇଟି ମ୍ୟାଚରେ ବିନା କୌଣସି ରନରେ ଆଉଟ ହୋଇ ତାଙ୍କ ସମର୍ଥକଙ୍କୁ ନିରାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚରେ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିବା ରୋହିତ ୯୭ ରନରୁ ୭୩ରନ ସଂଗ୍ରହ କରିଥିଲେ, ହେଲେ ଦଳକୁ ଜିତାଇବାରେ ସହାୟକ ହୋଇପାରି ନ ଥିଲେ। ରୋହିତ ଏଠାକୁ ପ୍ରଥମେ ୨୦୦୭-୦୮ରେ ସିବି ସିରିଜ ଖେଳିବାକୁ ଆସିଥିବାବେଳେ କୋହଲି ୨୦୧୧-୧୨ ସିଜନରେ ସିନିୟର ଦଳ ସହିତ ଆସି ଆଡିଲେଡ୍‌ରେ ଏକ ଶତକ ଲଗାଇଥିଲେ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆରେ ଦିନିକିଆ ସିରିଜ ଖେଳାଯିବାର ଯୋଜନା ନାହିଁ, ତେଣୁ ଏହି ଦୁଇ ଖେଳାଳିଙ୍କୁ ପୁନର୍ବାର ଡାଉନ ଅଣ୍ଡରରେ ଭାରତୀୟ ଦଳ ସହିତ ଦେଖିବାକୁ ମିଳିବା ଅସମ୍ଭବ ମନେହେଉଛି। ଆଉ ଦୁଇବର୍ଷ ପରେ ଦିନିକିଆ ବିଶ୍ୱକପ୍ ହେବାର କାର୍ଯ୍ୟକ୍ରମ ରହିଥିବାରୁ କୋଚ୍ ଗୌତମ ଗମ୍ଭୀରଙ୍କ ଭାରତୀୟ ଦଳ ୦-୩ରେ ସିରିଜ ଆଣିବା ପାଇଁ ଚାହିବ ନାହିଁ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡର ରେକର୍ଡ ଉପରେ ନଜର ପକାଇଲେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଅନୁଷ୍ଠିତ ଗତ ୫ ଅନ୍ତର୍ଜାତୀୟ ଦିନିକିଆରେ 'ମେନ୍ ଇନ୍ ବ୍ଲୁ' ଦଳ ଥରେ ମାତ୍ର ବିଜୟ ଲାଭ କରିପାରିଛି। ଗମ୍ଭୀର ସିରିଜର ଅନ୍ତିମ ମ୍ୟାଚରେ ଉଭୟ ଅଧିନାୟକ ଶୁବମନ ଗିଲ୍ ଓ କୋହଲିଙ୍କଠାରୁ ପ୍ରଭାବୀ ବ୍ୟାଟିଂ ଆଶା କରୁଛନ୍ତି। ଆଡେଲିଡ୍ ଓଭାଲଠାରେ ଅଷ୍ଟ୍ରେଲୀୟ ବ୍ୟାଟରମାନେ ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ବୋଲିଂ ବେଳେ ରନ ସଂଗ୍ରହ କରିବା ଲାଗି ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଏପରି ସ୍ଥଳେ କୁଲଦୀପ ଯାଦବଙ୍କ ଭଳି ମ୍ୟାଚ ୱିନର ବୋଲରଙ୍କୁ ଅଣଦେଖା କରାଯିବା ଉଚିତ ନ ଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପରବର୍ତ୍ତୀ ଦିନିକିଆ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ମନେ ହେଉଛି। ଚାପରେ ଥିବାବେଳେ ତାହାକୁ କିପରି ଯୋଜନାବଦ୍ଧ ଭାବେ ସାମ୍ନା କରିବାକୁ ହୁଏ ତାହାର ନମୁନା ଦେଖାଇଥିଲେ ମାଥ୍ୟୁ ଶର୍ଟ, ମିଚେଲ ଓୱେନ ଏବଂ କୁପର କନୋଲିଙ୍କ ଭଳି ଖେଳାଳି। ଓପନିଂ ଗେମ୍‌ରେ ମ୍ୟାଟ କୁହ୍ନେମାନ ଓ ଆଡାମ ଜାମ୍ପା ଯୋଡ଼ିଙ୍କ ବୋଲିଂ ବେଶ ପ୍ରଭାବୀ ଥିଲା।

# କାନ୍‌ପୁରରେ ଆଜିଠୁ ଓଡ଼ିଶା-ଉତ୍ତର ପ୍ରଦେଶ



କାନ୍‌ପୁରର ଗ୍ରୀନ୍‌ପାର୍କରେ ଶୁକ୍ରବାର ଓଡ଼ିଶା ଖେଳାଳିଙ୍କ ଅଭ୍ୟାସ।

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୨୪।୧୦ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ଶୁକ୍ରବାରଠାରୁ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିବ। କାନ୍‌ପୁରର ଗ୍ରୀନ୍‌ପାର୍କରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଏଲିଟ ଗ୍ରୁପ୍ 'ଏ'ରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ବରୋଦା ନିକଟରୁ ୭ ଉଇକେଟରେ ହାରି ସାରିଛି। ଜଣେ ଦୁଇଜଣ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନକୁ ଛାଡ଼ିଦେଲେ ଉଭୟ ବ୍ୟାଟିଂ ଓ ବୋଲିଂ ବିଭାଗରେ ଓଡ଼ିଶା ଫେଲ୍ ମାରିଛି। ପ୍ରଥମ ଇନିଂସରେ ୨୭୧ ରନ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ମାତ୍ର ୧୭୪ ରନରେ ଅଲ୍‌ଆଉଟ ହେବା ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଥିଲା। ଫଳରେ ଘରୋଇ ପରିବେଶରେ ଖେଳିଥିଲେ ହେଁ ଡ୍ର ରଖିବା ମ୍ୟାଚରେ ଓଡ଼ିଶା ପରାଜୟ ସ୍ୱୀକାର କରିଥିଲା। ତେଣୁ ପଡ଼ିଆ ଭିତର ଓ ବାହାର ରଣନୀତିରେ ଓଡ଼ିଶା ବିଫଳ ରହିଥିବା ସ୍ପଷ୍ଟ ବାରି ହୋଇପଡ଼ିଥିଲା। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶ କାନ୍‌ପୁରରେ ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚ ଡ୍ର' ରଖି ଅଭିଯାନ ଆରମ୍ଭ କରିଛି। ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ପାଇଥିଲା। ଆନ୍ଧ୍ର ପ୍ରଦେଶର ପ୍ରଥମ ଇନିଂସ ୪୭୦ ରନ ଜବାବରେ ଉତ୍ତର ପ୍ରଦେଶ ଅନ୍ତିମ ଦିବସରେ ୮ ଉଇକେଟ ହରାଇ ୪୭୧ ରନ କରିବା ସହ ମ୍ୟାଚକୁ ବନ୍ଦ ରଖାଯାଇଥିଲା। ଏହି ମ୍ୟାଚରେ ରିଙ୍କୁ ସିଂ ୧୭୩ ବଲ୍‌ରୁ ୧୬୫ ରନରେ ଅପରାଜିତ ରହି ଉତ୍ତର ପ୍ରଦେଶକୁ ଇନିଂସ ଅଗ୍ରଣୀ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମାଧବ କୌଶିକ ଓ ଆର୍ଯ୍ୟନ ଜୁୟାଲ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ଉତ୍ତର ପ୍ରଦେଶ ବୋଲରଙ୍କ ମଧ୍ୟରେ ଭିପ୍ରଜ ନିଗମ ୪ ଉଇକେଟ ଅକ୍ତିଆର ସହ ସିଜନ ଆରମ୍ଭ କରିଛନ୍ତି।

ରେକର୍ଡ ଦେଖିବାକୁ ଗଲେ ନିକଟ ଅତୀତରେ ଉତ୍ତର ପ୍ରଦେଶ ବିପକ୍ଷରେ ଓଡ଼ିଶାର ପ୍ରଦର୍ଶନ ଭଲ ରହିନାହିଁ। ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ଶେଷ ୫ ମ୍ୟାଚ ମଧ୍ୟରୁ ଉତ୍ତର ପ୍ରଦେଶ ୨ଟିରେ ଜିତିଛି, ଅନ୍ୟ ୩ଟି ମ୍ୟାଚ ଡ୍ର ରହିଛି। ଶେଷଥର ପାଇଁ ୨୦୨୩ ଜାନୁଆରୀ ୧୭ରୁ ୨୦ ମଧ୍ୟରେ ଉଭୟ ଦଳ ମଧ୍ୟରେ ମ୍ୟାଚ ମେରୁଟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ଡ୍ର ରହିଥିବାବେଳେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ପାଇଥିଲା। ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ। ଉତ୍ତର ପ୍ରଦେଶ ଦଳ: କରନ ଶର୍ମା (ଅଧିନାୟକ), ଅଭିଷେକ ଗୋସ୍ୱାମୀ, ମାଧବ କୌଶିକ, ଆର୍ଯ୍ୟନ ଜୁୟାଲ, ରିଙ୍କୁ ସିଂ, ପ୍ରିୟମ ଗର୍ଗ, ଆରାଧ୍ୟ ଯାଦବ, ଭିପ୍ରଜ ନିଗମ, ଶିବମ୍ ଶର୍ମା, ଶିବମ୍ ମାଭି, ଆକ୍ୱିବ ଖାଁ, ସିଦ୍ଧାର୍ଥ ଯାଦବ, ପ୍ରଶାନ୍ତ ବୀର, ବିଜୟ କୁମାର, ଆଦିତ୍ୟ ଶର୍ମା, ବୈଭବ ଚୌଧାରୀ, କୁନାଲ ତ୍ୟାଗି।

# ଜୁନିୟର ହକି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଲା

**ନୂଆଦିଲ୍ଲୀ, ୨୪।୧୦ (ପି.ଟି.)**

ଭାରତରେ ନଭେମ୍ବର-ଡିସେମ୍ବରରେ ହେବାକୁଥିବା ଜୁନିୟର ହକି ବିଶ୍ୱକପ୍‌ରୁ ଓହରିଯାଇଛି ପାକିସ୍ତାନ। ପାକିସ୍ତାନ ହକି ମହାସଂଘ(ପିଏଚ୍‌ଏଫ୍) ଏହାର ନିଷ୍ପତ୍ତି ସମ୍ପର୍କରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)କୁ ଅବଗତ କରାଇଛି। ଏଫ୍‌ଆଇଏଚ୍ ତରଫରୁ ଶୁକ୍ରବାର ଏବିଷୟରେ ସ୍ପଷ୍ଟ କରିଦିଆଯାଇଛି। ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ହେବାକୁଥିବା ଏହି ଇଭେଣ୍ଟରେ ପାକିସ୍ତାନ ବଦଳରେ କେଉଁ ଦଳ ଖେଳିବ, ତାହା ଶୀଘ୍ର ଘୋଷଣା କରାଯିବ ବୋଲି ଏଫ୍‌ଆଇଏଚ୍ କହିଛି। ପ୍ରତିଯୋଗିତାର ଗ୍ରୁପ୍ 'ବି'ରେ ଭାରତ, ଚିଲି ଓ ସୁଇଜରଲାଣ୍ଡ ସହ ପାକିସ୍ତାନ ସ୍ଥାନ ପାଇଥିଲା। ପାକିସ୍ତାନ ସ୍ଥାନରେ କେଉଁ ଦଳକୁ ଗ୍ରୁପ୍ 'ବି'ରେ ସ୍ଥାନ ମିଳୁଛି ତାହାକୁ ଅପେକ୍ଷା କରାଯାଇଛି। ପାକିସ୍ତାନ ଏହାକୁ ମିଶାଇ ଭାରତରେ ଅନୁଷ୍ଠିତ ଦ୍ୱିତୀୟ ଇଭେଣ୍ଟରୁ ଓହରିଲା। ଏହାପୂର୍ବରୁ ଚଳିତବର୍ଷ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ପର୍ଯ୍ୟନ୍ତ ବିହାରର ରାଜଗିରିରେ ଅନୁଷ୍ଠିତ ପୁରୁଷ ଏସିଆ କପ୍‌ରୁ ମଧ୍ୟ ପାକିସ୍ତାନ ଓହରି ଯାଇଥିଲା। ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ଅପରେଶନ ସିନ୍ଦୂର କାର୍ଯ୍ୟାନୁଷ୍ଠାନ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରୀଡ଼ା ସମ୍ପର୍କରେ ତିକ୍ତତା ଦେଖାଦେଇଛି। ଭାରତ ସରକାର ନିକଟରେ ଏକ ନୂଆ ନୀତି ଗ୍ରହଣ କରିଛନ୍ତି। ତଦନୁସାରେ ପାକିସ୍ତାନ ସହ ଦ୍ୱିପାକ୍ଷିକ କ୍ରୀଡ଼ାକୁ ବନ୍ଦ ରଖାଯାଇଛି, କିନ୍ତୁ ବହୁରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ଅଂଶଗ୍ରହଣ କରିବ। ନିକଟରେ ଅନୁଷ୍ଠିତ ଏସିଆକପ୍‌ରେ ଭାରତ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ ପ୍ରତିପକ୍ଷଙ୍କ ସହ କରମର୍ଦ୍ଦନ କରିବାକୁ ମନା କରିଦେଇଥିଲେ।

**ହକି ଇଣ୍ଡିଆକୁ ଜଣାନାହିଁ**

କୌତୂହଳର ଟୁର୍ନାମେଣ୍ଟରୁ ପାକିସ୍ତାନ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିବା ବିଷୟରେ ହକି ଇଣ୍ଡିଆ ପାଖରେ କୌଣସି ଖବର ନାହିଁ। ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂ କହିଛନ୍ତି, ଦେଢ଼ ମାସ ପୂର୍ବେ ସେ ପାକିସ୍ତାନ ହକି ମହାସଂଘ ଅଫିସିଆଲଙ୍କ ସହ ଆଲୋଚନା କରିଥିଲେ। ସେମାନେ ଜୁନିୟର ହକି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପାକିସ୍ତାନ ଟୁର୍ନାମେଣ୍ଟରୁ ଓହରିଯାଇଥିବା ବିଷୟ ଏବେ ଏଫ୍‌ଆଇଏଚ୍‌ଠାରୁ ଶୁଣିବାକୁ ମିଳୁଛି ବୋଲି ସେ କହିଛନ୍ତି।

## ବାଗ୍‌ନିଶଙ୍କ ସ୍ୱେଚ୍ଛାକୃତ ସାମୟିକ ନିଲମ୍ବନ ନିଷ୍ପତ୍ତି

**ଲଣ୍ଡନ, ୨୪।୧୦ (ଏପି):** ଆର୍ଜେଣ୍ଟିନା ଟେନିସ ଖେଳାଳି ଫାକୁଣ୍ଡୋ ବାଗ୍‌ନିସ ଏକ ଆଣ୍ଟି ଡୋପିଙ୍ଗ ମାମଲାରେ ସ୍ୱେଚ୍ଛାକୃତ ସାମୟିକ ନିଲମ୍ବନ ପାଳନ ନିଷ୍ପତ୍ତି ନେଇଛନ୍ତି। ୟୁଏସ୍ ଓପନ କ୍ୱାଲିଫାଇଂ ବେଳେ ୩୫ବର୍ଷୀୟ ବାଗନିସଙ୍କ ଡୋପ୍ ଟେଷ୍ଟ ହୋଇଥିଲା।











## ଟି୨୦ ସିରିଜ
## ଭାରତ ବିପକ୍ଷରେ ଖେଳିବେ ମାକ୍ସୱେଲ୍

**ସିଡ୍‌ନୀ, ୨୪।୧୦ (ପି.ଟି.):** ଅଷ୍ଟ୍ରେଲିଆର ପ୍ରବୀଣ ଅଲରାଉଣ୍ଡର ଗ୍ଲେନ ମାକ୍ସୱେଲ୍ ଭାରତ ବିପକ୍ଷରେ ଖେଳାଯିବାକୁଥିବା ଟି୨୦ ସିରିଜରେ ଖେଳିବେ ବୋଲି ଆଶା କରାଯାଉଛି। ତାଙ୍କ କଚଟି ହାଡ଼ ଭାଙ୍ଗିଯାଇଥିଲା। ଆବଶ୍ୟକ ଚିକିତ୍ସା ପରେ ବର୍ତ୍ତମାନ ସେ ଫିଟ୍ ଅଛନ୍ତି। ଅକ୍ଟୋବର ୨୯ରୁ କାନବେରାଠାରେ ଆରମ୍ଭ ହେବାକୁଥିବା ଏହି ଇଭେଣ୍ଟ ମନୋନୀତ ଦଳରେ ଆଶ୍ଚର୍ଯ୍ୟଜନକ ଭାବେ ମାହଲି ବିୟର୍ଡମ୍ୟାନଙ୍କୁ ସ୍ଥାନ ମିଳିଛି। ଶନିବାର ଦିନିକିଆ ସିରିଜ ଶେଷ ହେବାପରେ ୫ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳାଯିବ। ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଶନିବାର ଶେଷ ହେବାପରେ ୫ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବ। ୩୭ବର୍ଷୀୟ ମାକ୍ସୱେଲ ଓ ବିୟର୍ଡମ୍ୟାନ ଶେଷ ତିନୋଟି ଗେମ୍ ପାଇଁ ଉପଲବ୍ଧ ହେବେ। ଅନ୍ୟପକ୍ଷରେ ଶନିବାର ଖେଳାଯିବାକୁଥିବା ଭାରତ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ପାଇଁ ଅଷ୍ଟ୍ରେଲିଆ ଦଳରେ ପେସ୍ ବୋଲିଂ ଅଲରାଉଣ୍ଡର ଜ୍ୟାକ୍ ଏଡୱାର୍ଡ୍ସ ଓ ବାମହାତୀ ସ୍ପିନର ମ୍ୟାଟ୍ କୁହ୍ନେମ୍ୟାନଙ୍କୁ ନିଆଯାଇଛି। ମାର୍ନସ ଲାବୁସେନ୍‌ଙ୍କୁ ଶିଫିଲ୍ଡ ଶିଲ୍ଡରେ ଖେଳିବା ଲାଗି ରିଲିଜ କରାଯାଇଛି।


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ